CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI

- Vol.- 46, Issue No. 100
- Friday, 10 July 2026
- ଶୁକ୍ରବାର, ୧୦ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ଓଡ଼ିଆ ମତ୍ସ୍ୟଜୀବୀଙ୍କୁ ଜଳସୀମା ଅନୁମତି



ଭୁବନେଶ୍ୱର,୯ ।୭: ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥବ୍ୟବସ୍ଥା' (ବ୍ଲୁ ଇକୋନୋମି) ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ରାଜଧାନୀ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଭବ୍ୟ ଜାତୀୟସ୍ତରର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଉଦ୍ଦିଷ୍ଟ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର (ଏଲଓଏ)'ର ଜାତୀୟ ଶୁଭାରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ, ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩, ୮୯୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି । ଏହି ପବିତ୍ର ଅବସରରେ ଉପରାଷ୍ଟ୍ରପତି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଡକୁମେଣ୍ଟ (୨୦୨୬-୨୦୩୬)'କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ (ଏନସିଇଏଲ) ସମେତ ବିଭିନ୍ନ ପ୍ରମୁଖ ମତ୍ସ୍ୟ ସମବାୟ ସମିତି ଏବଂ ମାଛଧରା ଜାହାଜର ମାଲିକମାନଙ୍କୁ ସ୍ୱତନ୍ତ୍ର ଅନୁମୋଦନ ପତ୍ର ବଣ୍ଟନ କରାଯାଇଛି, ଯାହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ବାହାରେ ଥିବା ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ଉଚ୍ଚ-ମୂଲ୍ୟବାନ ମାଛ ଧରିବା ପାଇଁ ଅନୁମତି ମିଳିପାରିବ । ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଅତି ଚମତ୍କାର ଭାବେ ଓଡ଼ିଆ ଭାଷାରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ । ସେ କହିଥିଲେ ଯେ, 'ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫' ଅଧୀନରେ ଅନୁମୋଦନ ପତ୍ର (ଏଲଓଏ) ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା । ଏହି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହା ଅଣ-ହସ୍ତାନ୍ତରଯୋଗ୍ୟ ଅଟେ, ଯାହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବ । ଏହା 'ରିଅଲକ୍ରାଫ୍ଟ ମାଛଧରା ଜାହାଜ ପଞ୍ଜୀକରଣ ପୋର୍ଟାଲ୍' ସହିତ ସମନ୍ୱିତ ହୋଇଥିବାରୁ ବ୍ୟବସ୍ଥିତ, ତଥ୍ୟ- ପରିଚାଳିତ ଏବଂ ପ୍ରତ୍ୟକ୍ଷ ନିରୀକ୍ଷଣଯୋଗ୍ୟ କାର୍ଯ୍ୟ ସୁନିଶ୍ଚିତ ହୋଇଥାଏ । ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି ଯେ, ଭାରତର ଦୀର୍ଘ ଉପକୂଳ ଏବଂ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଦେଶର ପ୍ରାୟ ୫୦ ନିୟୁତ ମତ୍ସ୍ୟଜୀବୀଙ୍କୁ ଜୀବିକା ପ୍ରଦାନ କରୁଛି । ଏହି ଏଲଓଏ କାର୍ଯ୍ୟକ୍ରମ ଦ୍ୱାରା ଦେଶର ମତ୍ସ୍ୟଜୀବୀ ପରିବାର ଗୁଡିକ ସ୍ୱଚ୍ଛଳ ଓ ସମୃଦ୍ଧ ହୋଇପାରିବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଏହାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅନ୍ତର୍ଜାତୀୟ ଜଳସୀମାରେ ମାଛ ଧରିବା ପାଇଁ ପ୍ରାଧିକରଣ ପତ୍ର (ଏଲଓଏ) ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ପ୍ରାରମ୍ଭିକ ଭାବେ ଓଡିଶାର ୮ ଜଣ ମତ୍ସ୍ୟଜୀବୀଙ୍କୁ ଏହି ଏଲଓଏ ପ୍ରଦାନ କରାଯିବା ସହ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଅଧୀନରେ ଭାରତୀୟ ଇଇଜେଡ୍ ଅଞ୍ଚଳରେ ମାଛ ଧରିବା ପାଇଁ ୨ଟି ଗଭୀର ସମୁଦ୍ର ମାଛଧରା ଜାହାଜ (ଡିଏସଏଫଭି) କୁ ମଧ୍ୟ 'ଗୋ-ଆହେଡ୍' ଅନୁମତି ଜାରି କରାଯାଇଛି । ଦେଶର ସମଗ୍ର ଉପକୂଳର ୨୪ ଲକ୍ଷ ବର୍ଗ କିଲୋମିଟର ବିଶିଷ୍ଟ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରରେ (ଇଇଜେଡ୍) ଆମ ମତ୍ସ୍ୟଜୀବୀଙ୍କ ପାଇଁ ଏହା ବିପୁଳ ସୁଯୋଗ ଆଣିଦେବ । ଓଡ଼ିଶାର ଦୀର୍ଘକାଳୀନ ବ୍ଲୁ-ଇକୋନୋମି ରୋଡମ୍ୟାପ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, 'ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସହ ସମନ୍ୱିତ କରି ଆମେ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଡକୁମେଣ୍ଟ' ର ଶୁଭାରମ୍ଭ କରିଛୁ, ଯାହା ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳର ସର୍ବୋତ୍ତମ ଉପଯୋଗ କରିବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ, ଓଡିଶାରେ ମତ୍ସ୍ୟ ଉତ୍ପାଦନ, ମତ୍ସ୍ୟ ବ୍ୟବସାୟ ବିଶେଷକରି ମତ୍ସ୍ୟ ରପ୍ତାନୀ ପାଇଁ ବିପୁଳ ସମ୍ଭାବନା ରହିଛି । ଏହି ଜାତୀୟସ୍ତରର ସମାରୋହରେ ଦେଶ ଏବଂ ରାଜ୍ୟର ଅନେକ ଶୀର୍ଷ ନେତୃତ୍ୱ ଓ ଅଧିକାରୀ ଉପସ୍ଥିତ ଥିଲେ ।

- ★ ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି
- ★ ଓଡ଼ିଶା ମାଟିରୁ ଆରମ୍ଭ ନୀଳ ବିପ୍ଳବ
- ★ ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନି ନୂଆ ଉଚ୍ଚତା ଛୁଇଁବ : ଉପରାଷ୍ଟ୍ରପତି
- ★ ୫୦ ନିୟୁତ ମତ୍ସ୍ୟଜୀବୀଙ୍କ ଜୀବିକା ହେବ ସୁଦୃଢ଼ : ରାଜ୍ୟପାଳ
- ★ ଓଡ଼ିଶାର ନୀଳ ଅର୍ଥନୀତି ସମୃଦ୍ଧ ହେବ: ମୁଖ୍ୟମନ୍ତ୍ରୀ

## ଇରାନରେ ଆମେରିକାର ଆକ୍ରମଣ
# ୧୪ ମୃତ, ତେହେରାନ-ମସହାଦ ରେଳସେବା ସ୍ଥଗିତ

ତେହେରାନ,୯ ।୭: ଇରାନ ନିଶ୍ଚିତ କରିଛି ଯେ ଦୁଇ ଦିନ ମଧ୍ୟରେ ଏହାର ୫ ପ୍ରଦେଶରେ ଆମେରିକାର ଆକ୍ରମଣରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୭୮ ଜଣ ଆହତ ହୋଇଛନ୍ତି । ଅସ୍ତ୍ରବିରତି ଚୁକ୍ତିନାମା ଭାଙ୍ଗିବା ପରେ ଏହା ସଂଘର୍ଷକୁ ତୀବ୍ର କରିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜନସମ୍ପର୍କ କେନ୍ଦ୍ରର ମୁଖ୍ୟ ହୋସେନ କରମାନପୁର କହିଛନ୍ତି ଯେ ୮ ଏବଂ ୯ ଜୁଲାଇରେ ହୋଇଥିବା ଆକ୍ରମଣରେ ୪୭ ଜଣ ପୀଡିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟମାନଙ୍କୁ ଚିକିତ୍ସା ପରେ ଡିସଚାର୍ଜ କରାଯାଇଛି । ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ, ଖୁଜେସ୍ତାନ ପ୍ରଦେଶର ଆହଭାଜ ନିକଟରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ଆମେରିକା କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଏହାର ଅଭିଯାନ ୧୭୦ ରୁ ଅଧିକ ସାମରିକ ସ୍ଥାନକୁ ନିଶାଣ କରିଥିଲା, ଯେଉଁଥିରେ ବାୟୁ ପ୍ରତିରକ୍ଷା ପ୍ରଣାଳୀ, କ୍ଷେପଣାସ୍ତ୍ର




ଏବଂ ଡ୍ରୋନ ଭିତ୍ତିଭୂମି, ନୌସେନା ସୁବିଧା ଏବଂ ଇରାନର ରିଭୋଲ୍ୟୁସନାରୀ ଗାର୍ଡର ସମ୍ପତ୍ତି ଅନ୍ତର୍ଭୁକ୍ତ । ୱାଶିଂଟନ କହିଛି ଯେ ଏହି ଆକ୍ରମଣର ଲକ୍ଷ୍ୟ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ଉପରେ ଆହୁରି ଆକ୍ରମଣକୁ ରୋକିବା । ଆମେରିକା-ଇସ୍ରାଏଲର ଆକ୍ରମଣ ପରେ ଇରାନର ରେଳ ଲାଇନର ଏକ ଅଂଶ କ୍ଷତିଗ୍ରସ୍ତ ହେବା ପରେ ଇରାନ ତେହେରାନ-ମସହାଦ ଯାତ୍ରୀବାହୀ ରେଳ ସେବାକୁ ସ୍ଥଗିତ ରଖିଛି । ରିପୋର୍ଟଗୁଡ଼ିକରୁ ଜଣାପଡ଼ିଛି ଯେ ଉତ୍ତର ଇରାନରେ ଦୁଇଟି ରେଳ ପୋଲ ଉପରେ କ୍ରୁଜ୍ କ୍ଷେପଣାସ୍ତ୍ର ମାଡ଼ ହୋଇଛି, ଯାହା ଏପ୍ରିଲ ଯୁଦ୍ଧବିରତି ପରେ ପରିବହନ ଭିତ୍ତିଭୂମି ଉପରେ ପ୍ରଥମ ଆମେରିକାର ଆକ୍ରମଣ ।


## ବର୍ଷସାରା ମିଳିବ ପଶ୍ଚିମବଙ୍ଗ ଆଳୁ

ଭୁବନେଶ୍ୱର,୯ ।୭: ରାଜ୍ୟରେ ଆଳୁ ସମସ୍ୟା କିମ୍ବା ଏହାର ଆକାଶଛୁଆଁ ଦର ଆଉ ହେବ ନାହିଁ ।



କୋଲକାତାର ଖାଦ୍ୟ ଭବନଠାରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଏ ସଂକ୍ରାନ୍ତରେ ସ୍ଥାୟୀ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ପଶ୍ଚିମବଙ୍ଗର ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନା ଫଳପ୍ରଦ ହୋଇଛି । ଫଳରେ ଏବେ ରାଜ୍ୟକୁ ବର୍ଷର ୧୨ ମାସ ଯାକ ବାଧାହୀନ ଭାବେ ଆଳୁ ଯୋଗାଣ ହୋଇପାରିବ । ପୂର୍ବରୁ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ସରକାର ଥିବା ସମୟରେ ଓଡ଼ିଶାକୁ ଆଳୁ ଯୋଗାଣକୁ ନେଇ ବାରମ୍ବାର ବିବାଦୀୟ ପରିସ୍ଥିତି ଉପୁଜୁଥିଲା । ପଶ୍ଚିମବଙ୍ଗ ସୀମାରେ ହଠାତ୍ ଆଳୁ ଟ୍ରକ୍‌ଗୁଡ଼ିକୁ ଅଟକାଇ ଦିଆଯିବା ଫଳରେ ଓଡ଼ିଶାର ବଜାରରେ କୃତ୍ରିମ ଅଭାବ ସୃଷ୍ଟି ହେଉଥିଲା ।

## ହୀରାକୁଦ ଛାଡ଼ିଲା ବର୍ଷର ପ୍ରଥମ ବନ୍ୟାଜଳ



ବୁର୍ଲା,୯ ।୭: ପର୍ଯ୍ୟାୟକ୍ରମେ ହୀରାକୁଦର ୧୦ଟି ଗେଟ୍ ଗୁରୁବାର ଖୋଲିଛି । ସକାଳ ସାଢେ ୧୧ଟାରେ ୪ଟି ଗେଟ ଖୋଲିଥିବା ବେଳେ ପରେ ପରେ ପର୍ଯ୍ୟାୟ କ୍ରମେ ମୋଟ୍ ୧୦ଟି ଗେଟ୍ ଖୋଲିଥିଲା । ବାମ ପାର୍ଶ୍ୱର ୭ ଓ ଡାହାଣ ପାର୍ଶ୍ୱର ୩ଟି ଗେଟ୍ ଖୋଲାଅଛି । ଏବେ ହୀରାକୁଦ ଡ୍ୟାମର ଜଳସ୍ତର ୬୧୫.୩୩ ଫୁଟ ରହିଛି । ୧ ଲକ୍ଷ ୭୪ହଜାର ୧୮୧ କ୍ୟୁସେକ ଜଳ ଡ୍ୟାମକୁ ପ୍ରତି ସେକେଣ୍ଡ ପ୍ରବେଶ କରୁଛି । ଆଗାମୀ ୪୮ ଘଣ୍ଟାରେ ମହାନଦୀ ଜଳ କଟକ ମୁଣ୍ଡଳୀରେ ପହଞ୍ଚିବ । ମୁଣ୍ଡଳୀରେ ଏବେ ୨ ଲକ୍ଷ ୨୪ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବଡ଼ ବର୍ଷା କିମ୍ବା ଲଘୁଚାପ ନାହିଁ । ତେଣୁ ବନ୍ୟା ହେବାର ସମ୍ଭାବନା ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ।

## ଆତଙ୍କବାଦ ବିରୋଧରେ ଭାରତ-ଅଷ୍ଟ୍ରେଲିଆ ଏକଜୁଟ

- ଦୁଇ ଦେଶ ମଧ୍ୟରେ ଐତିହାସିକ ଚୁକ୍ତି
- ପ୍ରତିରକ୍ଷା, ଶକ୍ତି, ଶିକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ସମେତ ୧୮ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା
- ଭାରତର ଗଗନ ଯାନ ମିଶନକୁ ମିଳିବ ସମର୍ଥନ

ନୂଆଦିଲ୍ଲୀ,୯ ।୭: ଭାରତ ଏବଂ ଅଷ୍ଟ୍ରେଲିଆ ଗୁରୁବାର ବ୍ୟାପକ ରଣନୈତିକ ସହଭାଗିତା ଅଧୀନରେ ୧୮ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ଏବଂ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଶକ୍ତି, ବିଶେଷକରି ପରମାଣୁ ଶକ୍ତି, ସାଇବର ସୁରକ୍ଷା, ଶିକ୍ଷା, ଦକ୍ଷତା ବିକାଶ, ଖଣି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ଐତିହ୍ୟ ସମେତ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିଥାଏ । ଆଲୋଚନା ସମୟରେ, ଦୁଇ ନେତା ଭାରତ-ଅଷ୍ଟ୍ରେଲିଆ ବ୍ୟାପକ ରଣନୈତିକ ସହଭାଗିତାରେ ହୋଇଥିବା ଦୃଢ଼ ଅଗ୍ରଗତି ସମୀକ୍ଷା କରିଥିଲେ । ଆଲୋଚନା ପରେ ଏକ ମିଳିତ ବିବୃତିରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆମେ ବ୍ୟାପକ ଆର୍ଥିକ ସହଯୋଗ ଚୁକ୍ତିନାମା ଉପରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛୁ ।' ପ୍ରଧାନମନ୍ତ୍ରୀ ତାଙ୍କ ବିବୃତିରେ ବିଶ୍ୱ ପ୍ରସଙ୍ଗରେ ଦୁଇ ଦେଶର ମତାମତ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ ଭାରତ ଏବଂ ଅଷ୍ଟ୍ରେଲିଆ ବିଶ୍ୱାସ କରନ୍ତି ଯେ ଆତଙ୍କବାଦ କେବଳ କୌଣସି ଗୋଟିଏ ଦେଶ ପାଇଁ ନୁହେଁ, ବରଂ ସମଗ୍ର ମାନବଜାତି ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ । ତେଣୁ, ଆତଙ୍କବାଦ ବିରୋଧରେ ଆମର ଲଢ଼େଇ ସମାନ ଏବଂ ଆମର ସଂକଳ୍ପ ଅଟଳ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭାରତର ଜାତୀୟ ନିବେଶ ଏବଂ ଭିତ୍ତିଭୂମି ପାଣ୍ଠି (ଏନଆଇଆଇଏଫ)ରେ ଅଷ୍ଟ୍ରେଲିୟନ ସୁପର୍



୫୦୦ ମିଲିୟନ ଅଷ୍ଟ୍ରେଲୀୟ ଡଲାରର ଅତିରିକ୍ତ ନିବେଶକୁ ସ୍ୱାଗତ କରିଛନ୍ତି । ଭାରତର ଗଗନ ଯାନ ମିଶନ ପାଇଁ ବୈଷୟିକ ସହାୟତା ଲାଗି ଅଷ୍ଟ୍ରେଲିଆରେ ଏକ ଅସ୍ଥାୟୀ ମହାକାଶ ଟ୍ରାକିଂ ଟର୍ମିନାଲ ପ୍ରତିଷ୍ଠା କରାଯିବ ।

## ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଗୁଲ
### ୨୧ରେ ବୈଠକ ଡାକିଲେ ନିର୍ବାଚନ କମିଶନ

ଭୁବନେଶ୍ୱର, ୯ ।୭(ନିପ୍ର): ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ । ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଆସନ୍ତା ୨୧ ତାରିଖରେ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି । ଓସ୍ୱାନ ପ୍ଲାଟଫର୍ମରେ ଭିଡିଓ କନଫରେନ୍ସିଂରେ ସାମିଲ ହେବା




ପାଇଁ ରାଜ୍ୟ ନିର୍ବାଚନ କମିଶନ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ବୈଠକରେ ଡୋର୍ ଟୁ ଡୋର୍ ସର୍ଭେ ଉପରେ ସମୀକ୍ଷା ହେବ । ଡିସି ବିଲ୍ ଓ ୟୁଟିଲାଇଜେସନ ସାର୍ଟିଫିକେଟ୍ ଉପରେ ବି ଆଲୋଚନା ହେବ । ରାଜ୍ୟ ନିର୍ବାଚନ କମିଶନରଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକ ଜୁଲାଇ ୨୧ ପୂର୍ବାହ୍ନ ୧୧:୩୦ରୁ ଆରମ୍ଭ ହୋଇ ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଚାଲିବ । ବୈଠକର ମୁଖ୍ୟ ଏଜେଣ୍ଡାରେ ରହିଛି ୨୦୨୭ ସାଧାରଣ ନିର୍ବାଚନ ପାଇଁ ପଞ୍ଚାୟତ ଓ ପୌରାଞ୍ଚଳ ଗୁଡ଼ିକରେ ବୁଥ୍-ଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତ କରିବା ଲାଗି ଘରକୁ ଘର ବୁଲି ସର୍ଭେ କାର୍ଯ୍ୟର ସମୀକ୍ଷା କରାଯିବ । ୨୦୨୨ରେ ହୋଇଥିବା ପୌର ନିର୍ବାଚନର ବାକି ଥିବା ଡିସି ବିଲ୍ ଏବଂ ୟୁଟିଲାଇଜେସନ ସାର୍ଟିଫିକେଟ ର ଯାଞ୍ଚ ହେବ । ଏହାସହ ପୂର୍ବ ବୈଠକ ଗୁଡ଼ିକରେ ନିଆଯାଇଥିବା ନିଷ୍ପତ୍ତି ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ସମୀକ୍ଷା ହେବ । ଓଏସ୍ ୱାନ ପ୍ଲାଟଫର୍ମ ଜରିଆରେ ହେବାକୁ ଥିବା ଏହି ଭର୍ଚୁଆଲ୍ ମିଟିଂ ପାଇଁ ସ୍ଲଟ୍ ସଂରକ୍ଷିତ ରଖିବାକୁ 'ଓକାକ'ର ସିଇଓଙ୍କୁ ଅନୁରୋଧ କରାଯାଇଛି । ବୈଠକରେ ଜିଲ୍ଲାପାଳ ମାନଙ୍କ ସହ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଭୋଟର ରେଜିଷ୍ଟ୍ରେସନ ଅଫିସର ଏବଂ ଆସିଷ୍ଟାଣ୍ଟ ଇଆରଓ ମାନେ ନିଜ ନିଜ ଜିଲ୍ଲାର ଓଏସ୍ ୱାନ୍ କେନ୍ଦ୍ରରୁ ଉପସ୍ଥିତ ରହିବେ ।

# ବୈଧ ଡକ୍ୟୁମେଣ୍ଟ ନ ଥିଲେ ଗାଡ଼ି ଜବତ

- ବାରମ୍ବାର ଫିଟନେସ ବିନା ଧରାପଡ଼ିଲେ ଆର୍‌ସି ବାତିଲ
- ୩ ମାସରେ ୪୩ ହଜାର ୬୯୬ ଇ-ଚାଲାଣ


ଭୁବନେଶ୍ୱର,୯ ।୭: ବାରମ୍ବାର ଫିଟନେସ ସାର୍ଟିଫିକେଟ ବିନା ଧରାପଡ଼ିଲେ ଆରସି ବାତିଲ୍ ଓ ପରମିଟ୍ ରଦ୍ଦ ପାଇଁ ନିର୍ଦ୍ଦେଶ । ଏଣିକି ସିଧା ଜବତ ହେବ ଗାଡ଼ି । ବୈଧ ଫିଟନେସ୍ ସାର୍ଟିଫିକେଟ୍ ବିନା ବାରମ୍ବାର ରାଜପଥରେ ଚଳାଚଳ କରୁଥିବା ବାଣିଜ୍ୟିକ ଗାଡ଼ି ବିରୋଧରେ ପରିବହନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । କେବଳ ଇ-ଚାଲାଣ ଜାରି କରି କର୍ତ୍ତବ୍ୟ ସାରିଦେବା ପରିବର୍ତ୍ତେ ଏଭଳି ଗାଡ଼ିକୁ ଚିହ୍ନଟ କରି ଜବତ କରିବା, ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ କିମ୍ବା ବାତିଲ୍ କରିବା ସହ ପରମିଟ୍ ରଦ୍ଦ ପାଇଁ ପଦକ୍ଷେପ ନେବାକୁ ସମସ୍ତ ଆରଟିଓ, ଅତିରିକ୍ତ ଆରଟିଓ ଏବଂ ଉପ-ପରିବହନ କମିଶନରଙ୍କୁ ପରିବହନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ୍ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଇ-ଡିଟେକ୍ସନ ପୋର୍ଟାଲର ତଥ୍ୟ ବିଶ୍ଳେଷଣରେ ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସିଛି । ଏହି ତିନି ମାସରେ ବୈଧ ଫିଟନେସ୍ ସାର୍ଟିଫିକେଟ୍ ନଥିବା ୧୧ ହଜାର ୪୦୧ଟି ସ୍ୱତନ୍ତ୍ର ଗାଡ଼ି ବିରୋଧରେ ୪୩ ହଜାର ୬୯୬ଟି ଇ-ଚାଲାଣ ଜାରି ହୋଇଛି । ସେଥିମଧ୍ୟରୁ ୬ ହଜାର ୬୩୫ଟି ଗାଡ଼ି ଏକାଧିକ ଥର, ୨ ହଜାର



୧୯୧ଟି ଗାଡ଼ି ୫ କିମ୍ବା ତା'ଠାରୁ ଅଧିକ ଥର, ୯୬୦ଟି ଗାଡ଼ି ୧୦ରୁ ଅଧିକ ଥର, ୩୫୯ଟି ଗାଡ଼ି ୨୦ରୁ ଅଧିକ ଥର ଏବଂ ୩୭ଟି ଗାଡ଼ି ୫୦ରୁ ଅଧିକ ଥର ଧରାପଡ଼ିଛି । ଏପରିକି ଚାଲାଣ କଟିବା ପରେ ମଧ୍ୟ ଅନେକ ଗାଡ଼ି ମାଲିକ ଫିଟ୍‌ନେସ୍ ସାର୍ଟିଫିକେଟ୍ ନବୀକରଣ କରି ନଥିବା ଜଣାପଡ଼ିଛି । ସର୍ବାଧିକ ଉଲ୍ଲଂଘନ ବନ୍ଦାଳ ଟୋଲ୍ ପ୍ଲାଜାରେ ଚିହ୍ନଟ ହୋଇଛି । ୫ ହଜାର ୨୮୧ଟି ମାମଲା ଧରାପଡ଼ିଥିବା ବେଳେ ପିପିଲି ଟୋଲ୍ ପ୍ଲାଜାରେ ୪ ହଜାର ୮୧୬ଟି, ସେରଗଡ଼ରେ ୩ ହଜାର ୭୬୯, ଗୁଡ଼ିପଡ଼ା-ଗଙ୍ଗାପଡ଼ାରେ ୨ ହଜାର ୮୦୭ଟି, ସମ୍ବଲପୁର-ବରଗଡ଼ରେ ୨ ହଜାର ୩୩୮ଟି, ଭଗବଡ଼ା-ନାରାୟଣପୁରରେ ୨ ହଜାର ୧୪୧ଟି, କନ୍ଦ୍ରାରେ ୧ ହଜାର ୬୨୯ଟି, ଗୁରାପାଲିରେ ୧ ହଜାର ୫୭୯ଟି, କରାପଡ଼ାରେ ୧ ହଜାର ୫୨୩ଟି ଏବଂ ଦାର୍ଜିଙ୍ଗ ଟୋଲ୍ ପ୍ଲାଜାରେ ୧ ହଜାର ୫୦୨ଟି ଉଲ୍ଲଂଘନ ମାମଲା ସାମ୍ନାକୁ ଆସିଛି । ପରିବହନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ, ୧୦ କିମ୍ବା ତା'ଠାରୁ ଅଧିକ ଥର ଧରାପଡ଼ିଥିବା ଗାଡ଼ି ବିରୋଧରେ ୭ ଦିନ, ୫ରୁ ୯ ଥର ଧରାପଡ଼ିଥିବା ଗାଡ଼ି ବିରୋଧରେ ୧୫ ଦିନ ଏବଂ ୨ରୁ ୪ ଥର ଧରାପଡ଼ିଥିବା ଗାଡ଼ି ବିରୋଧରେ ୩୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସାରିବାକୁ କୁହାଯାଇଛି । ଏଥିପାଇଁ ସମ୍ପୃକ୍ତ ଟୋଲ୍ ପ୍ଲାଜାଗୁଡ଼ିକରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଚାଲିବ । ଯାଞ୍ଚ ବେଳେ ଗାଡ଼ିର ଫିଟ୍‌ନେସ୍, ପରମିଟ୍, ବୀମା ଓ ଟିକସ ଦସ୍ତାବିଜ ଯାଞ୍ଚ କରାଯିବ । ଫିଟ୍‌ନେସ୍ ସାର୍ଟିଫିକେଟ୍ ନଥିଲେ ମୋଟର ଯାନ ଆଇନର ଧାରା ୨୦୭ ଅନୁଯାୟୀ ଗାଡ଼ିକୁ ଜବତ କରାଯିବ । ବାରମ୍ବାର ନିୟମ ଭଙ୍ଗ କରୁଥିବା ଗାଡ଼ି ମାଲିକଙ୍କ ବିରୋଧରେ ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ କିମ୍ବା ବାତିଲ୍ କରିବା ସହ ପରମିଟ୍ ରଦ୍ଦ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ । ସମସ୍ତ ଆରଟିଓଙ୍କୁ ପକ୍ଷକାଳ ମଧ୍ୟରେ କାର୍ଯ୍ୟାନୁଷ୍ଠାନର ଅଗ୍ରଗତି ରିପୋର୍ଟ ପଠାଇବାକୁ ପରିବହନ କମିଶନର ନିର୍ଦ୍ଦେଶ ଦେଇଛନ୍ତି ।

CMYK

# ଶ୍ରୀଜଗନ୍ନାଥ ସଂସ୍କୃତି



ବିଶ୍ୱର ସକଳ ଧର୍ମଶାସ୍ତ୍ରର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ, ଅଥଚ ଏହି ସଂସ୍କୃତି କୌଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ। ଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ଆଞ୍ଚଳିକ ସଂକୀର୍ଣ୍ଣତା ନାହିଁ। ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ ସେତୁ। ପରିବର୍ତ୍ତିତ ସ୍ଥିତିରେ ଏହାର ବାହ୍ୟ ରୂପର ପରିବର୍ତ୍ତନ ଘଟିଥିଲେ ହେଁ ମୂଳତତ୍ତ୍ୱ ଅପରିବର୍ତ୍ତିତ ରହିଛି। ପରିଣାମ ସ୍ୱରୂପ ବିଶ୍ୱର ସକଳ ସଂସ୍କୃତି ମଧ୍ୟରେ ଏହା ସମନ୍ୱୟ ପ୍ରତିଷ୍ଠା କରିପାରିଛି। ଜଗନ୍ନାଥ ସଂସ୍କୃତି ସମସ୍ତ ଜାତି, ଧର୍ମ,ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶ୍ରୟ ଦେଇଛି। ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା ଏହାର ମୌଳିକ ନୀତି। ଏହି ସଂସ୍କୃତିରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭ୍ରାତୃତ୍ୱର ବାଣୀ ଅତି ସୁସ୍ପଷ୍ଟ । ଚତୁର୍ଦ୍ଧା ମୂର୍ତ୍ତିଙ୍କର ଚାରିଗୋଟି ବର୍ଣ୍ଣ ସମଗ୍ର ମାନବ ଜାତିର ବିଭିନ୍ନ ରଙ୍ଗର ନିଦର୍ଶନ । ଏହାହିଁ ପ୍ରମାଣ କରିଥାଏ ଯେ ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସସ୍କୃତି। ଏକତା, ସମାନତା ଓ ବିଶ୍ୱଭ୍ରାତୃତ୍ୱ ଏହାର ପରମ ଲକ୍ଷ୍ୟ । ଚତୁର୍ଦ୍ଧାମୂର୍ତ୍ତିଙ୍କର ଚାରିଗୋଟି ବର୍ଣ୍ଣ ହେଉଛି ପ୍ରତୀକାତ୍ମକ, ଯାହା ସମଗ୍ର ବିଶ୍ୱବାସୀଙ୍କ ନିକଟରେ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱ ପ୍ରତିଷ୍ଠା କରି ଆସୁଅଛି। ଏହି ପୁରୋଦୃଷ୍ଟିରେ ଜଗନ୍ନାଥ ସଂସ୍କୃତି କେବଳ ଜନହିତୈଷୀ ସଂସ୍କୃତି ନୁହେଁ, ବିଶ୍ୱହିତୈଷୀ ସଂସ୍କୃତି। ଏହି ସଂସ୍କୃତି ବିଶ୍ୱର ମଙ୍ଗଳ ଉପରେ ପ୍ରାଧାନ୍ୟ ଦିଏ । ଏହି ସଂସ୍କୃତି ଉଦଘୋଷଣା କରେ ଯେ ; ଈଶ୍ୱର ସକଳ ଜୀବ ମଧ୍ୟରେ ପ୍ରକାଶିକ, ତେଣୁ ପୃଥିବୀର ସକଳ ପ୍ରାଣି ସମାନ। ନୃତ୍ୟ, ସଙ୍ଗୀତ, ସାହିତ୍ୟ, କଳା,ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପ୍ରଭୃତି ହେଉଛି ସଂସ୍କୃତିର ଅନ୍ତରଙ୍ଗ ବିଭବ । ସମନ୍ୱୟାତ୍ମକ ଜଗନ୍ନାଥ ସଂସ୍କୃତିରେ ଏହିସବୁ ଅନ୍ତରଙ୍ଗ ବିଭବର ଅନ୍ତଃସ୍ରୋତ ପ୍ରବାହିତ ଓ ମାନବୀୟ ପ୍ରକାର ଉନ୍ନତ ରୁଚି ଓ ସଂସ୍କାରବୋଧଦ୍ୱାରା ଏହା ଉଜ୍ଜଳବନ୍ତ। ଶ୍ରୀଜଗନ୍ନାଥଙ୍କ ପାରମ୍ପାରିକ ନୃତ୍ୟ ପ୍ରବାହରୁ ଓଡ଼ିଶୀ ନୃତ୍ୟ ଉଦ୍ଭବ, ଯାହାକି ସଂପ୍ରତି ପୃଥିବୀର ସର୍ବଜନାଦୃତ ନୃତ୍ୟକଳା । ଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ସଙ୍ଗୀତା ଭାବସ୍ପର୍ଶୀ ଓ ଚେତନାଦ୍ୟୋତକ। ଏହି ସଂସ୍କୃତିକୁ ଆଧାର କରି ଯେଉଁ ଅସଂଖ୍ୟ ସାହିତ୍ୟ ସୃଷ୍ଟି ହୋଇଛି ତହିଁର ପଟାନ୍ତର ନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତିର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ। ଏହା ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ଉତ୍କଳରୁ ଉତ୍କୃଷ୍ଟ କଳାର ଭୂଖଣ୍ଡ ରୂପେ ଖ୍ୟାତ କରିଛି। ଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବ ଉଦାର ଓ ମହାନ ଅନ୍ତଃପ୍ରେରଣାର ଦୀପ୍ତିମନ୍ତ। ଏଗୁଡ଼ିକର ବୌଦ୍ଧିକ ସୃଜନଶୀଳତା ଏହାକୁ ବିଶ୍ୱ ସଂସ୍କୃତିରେ ସ୍ୱତନ୍ତ୍ର ଆସନରେ ଅଧିଷ୍ଠିତ କରିପାରିଛି। ଶତାବ୍ଦୀ ଶତାବ୍ଦୀ ଧରି ଏହା ମାନବ ସମାଜର ଜୀବନ ଚର୍ଯ୍ୟାକୁ ସରସ, ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରିଆସିଛି। ବିଶେଷତ୍ୱ ହେଉଛି, ଯୁଗେ ଯୁଗେ ଧରି ଏହି ଅନ୍ତରଙ୍ଗ ବିଭବ ସମୂହ ବିଶ୍ୱ ଜନମାନସକୁ ଆକର୍ଷିତ କରି ଜଗନ୍ନାଥ ସଂସ୍କୃତି ସହିତ ଜନଜୀବନକୁ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ କରିପାରିଛି। ମହନୀୟତା ହେଉଛି,କ୍ରମାଗତ ସଂସ୍କାର ଓ ଉତ୍ତରଣଶୀଳତାଦ୍ୱାରା ଉର୍ଦ୍ଧ୍ୱମୁଖୀ ହୋଇ ଏହା ମାନବିକତାର ଫଳପ୍ରଦ ଶକ୍ତିରେ ସମୃଦ୍ଧ। ସୂଚନାଯୋଗ୍ୟ ଯେ, ସୁଦୀର୍ଘ ପରମ୍ପରା ଏହାକୁ ଉଜ୍ଜୀବିତ ରଖିବା ସହିତ ଆତ୍ମିୟ ସନନ୍ଦ ଭାବରେ ପ୍ରତିଭାତ ହୋଇ ନୈତିକତା,ମର୍ଯ୍ୟାଦାବୋଧ ଓ ସୃଜନଶୀଳତାକୁ ଭବ୍ୟରୂପ ପ୍ରଦାନ କରିପାରିଛି। ଅଧିକନ୍ତୁ, ପରମ୍ପରା। କ୍ରମବିକାଶ ଧାରା ଜଗନ୍ନାଥ ସଂସ୍କୃତି ସହିତ ଜୀବନର ସମ୍ପର୍କକୁ ପ୍ରତିଷ୍ଠିତ କରିପାରିଛି । ପରିଣାମ ସ୍ୱରୂପ,









ଏହାର ସାଂସ୍କୃତିକ ସ୍ରୋତ୍ରରେ ଅବଗାହନ କରୁଥିବା ପ୍ରତ୍ୟେକଟି ବ୍ୟକ୍ତି,ଜାତି,ଗୋଷ୍ଠୀ ଓ ସମାଜର ଜନଜୀବନ ସୁଶୃଙ୍ଖଳିତ,ସୁସଂହତ,ସମୃଦ୍ଧ ଓ ସମ୍ଭାବ୍ୟ। ଏହି ପ୍ରବାହମାନ ଧାରାରେ ଆଧାତ୍ମିକ ଐକ୍ୟବୋଧର ଉନ୍ନତି ରୁଚି,ବୌଦ୍ଧିକ ସୃଜନଶୀଳତା ଓ ସଂସ୍କାରବୋଧ ଚିର ଜାଜ୍ଜ୍ୱଲ୍ୟମାନ। ଶ୍ରୀଜଗନ୍ନାଥଙ୍କ ନିତ୍ୟ ସମାହିତ ତିନିଧୂପ ପାଞ୍ଚ ଅବକାଶ ରୀତିରେ ପୂଜା,ନୈମିତ୍ତିକ ପର୍ବାପର୍ବାଣି ଓ ବାରମାସରେ ସଂଘଟିତ ତେର ଯାତ୍ରା ଜଗନ୍ନାଥ ସଂସ୍କୃତିକୁ ସୁସଙ୍ଗଠିତ କରିପାରିଛି। ଏଥିରେ ସମାଜର ସକଳଶ୍ରେଣୀ ସକ୍ରିୟ ଅଂଶଗ୍ରହଣ କରି ମହାନତାରେ ଉଦ୍‌ବୁଦ୍ଧ ହୋଇଥାନ୍ତି। ସଭିଙ୍କୁ ଧର୍ମକ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରିବାର ମହାଭିପ୍ରାୟରେ ଶ୍ରୀଜଗନ୍ନାଥ ବାହୁପ୍ରସାରି ସମସ୍ତଙ୍କୁ ଆପଣାର କରିନେଇଛନ୍ତି। ସମସ୍ତଙ୍କୁ ସେବାଧିକାର ଦେବ ନିମିତ୍ତ ସେ ଛତିଶା ନିଯୋଗ ଭିଆଇଛନ୍ତି।

# ରଥଯାତ୍ରା



ରଥଯାତ୍ରା (ରଥ, ଘୋଷଯାତ୍ରା ଓ ଶ୍ରୀଗୁଣ୍ଡିଚା ନାମରେ ମଧ୍ୟ ଜଣା) ଓଡ଼ିଶାର ପୁରୀଠାରେ ପାଳିତ ଓ ଜଗନ୍ନାଥଙ୍କ ସହ ସମ୍ବନ୍ଧିତ ଏକ ହିନ୍ଦୁ ପର୍ବ । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସର୍ବପ୍ରସିଦ୍ଧ । ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ । ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ । ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ । ପୁରୀ ବ୍ୟତୀତ ରଥଯାତ୍ରା ପ୍ରାୟ ୬୦ରୁ ଅଧିକ ସ୍ଥାନରେ ପାଳିତ ହେଉଛି ।

ବିଭିନ୍ନ ମତରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ । ୧. ସ୍ନାନ ଉତ୍ସବ, ୨. ଅନବସର, ୩. ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୪. ଶ୍ରୀଗୁଣ୍ଡିଚା, ୫. ହେରାପଞ୍ଚମୀ, ୬. ଆଡ଼ପ ପର୍ବ, ୭. ବାହୁଡ଼ା ଯାତ୍ରା ଓ ୮. ନୀଳାଦ୍ରି ବିଜେ । ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ। ଯଥା ୧. ଅନ୍ତର୍ବେଦୀ, ୨. ମହାବେଦୀ ମହୋତ୍ସବ, ୩. ଆଡ଼ପ ଉତ୍ସବ, ୪. ଦକ୍ଷିଣାମୁଖୀ ଉତ୍ସବ ଓ ୫. ନୀଳାଦ୍ରି ବିଜେ । ଏହାକୁ ଗୁଣ୍ଡିଚା ପଞ୍ଚକ କୁହାଯାଏ ।

ରଥଯାତ୍ରା ବହୁ ପ୍ରାଚୀନ ବୋଲି ଗବେଷକମାନେ ମତ ପ୍ରଦାନ କରିଛନ୍ତି । ଋଗବେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ପ୍ରୟୋଗ ଦେଖାଯାଏ । ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ମଧ୍ୟ ଏହାର ଆଭାସ ମିଳିଥାଏ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧ୍ୟରେ ଖୋଦିତ ହୋଇଥିବା କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ୍ ନିଦର୍ଶନ ମିଳିଥାଏ । ତେଣୁ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା। ଯେଉଁ ସବୁ ରଥଯାତ୍ରାର ଉଲ୍ଲେଖ ହୋଇଛି ସେଥି ମଧ୍ୟରେ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସବୁଠାରୁ ଅଧିକ ଜନାଦୃତ ଓ ପ୍ରସାରିତ । କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି । କାରଣ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ଖୋଟାନରେ ଅନୁଷ୍ଠିତ ରଥଯାତ୍ରାର ଯେଉଁ ବିବରଣୀ ଲିପିବଦ୍ଧ କରିଛନ୍ତି, ତାହା ଆଜିସୁଦ୍ଧା ପ୍ରଚଳିତ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସହ ମେଳ ଖାଉଛି ।

# ହିନ୍ଦୁ ଜ୍ୟୋତିଷ ମତେ

ହିନ୍ଦୁ ଜ୍ୟୋତିଷିକ ତତ୍ତ୍ୱରେ ଗ୍ରହଜଗତ ନଅଗୋଟି ଗ୍ରହଙ୍କୁ ନେଇ ଗଠିତ, ଯଥା- ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ । ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ମଧ୍ୟ ଜ୍ୟୋତିଷିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଜଗନ୍ନାଥ ନିଜର ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଛାଡ଼ି ଘୋଷଯାତ୍ରାରେ ନବଦିନ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ଆଷାଢ଼ ଶୁକ୍ଳ ତୃତୀୟାଠାରୁ ଆଷାଢ଼ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି ଏବଂ ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ପହଣ୍ଡି ହୋଇ ରଥ ଚଢ଼ି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଶ୍ରୀଜଗନ୍ନାଥଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରାସହ ନବଗ୍ରହଙ୍କ ଘନିଷ୍ଠ ସମ୍ପର୍କ ରହିଛି । ଶ୍ରୀଜଗନ୍ନାଥଙ୍କ ଏହି ନବଦିନ ଯାତ୍ରା ସପ୍ତାହର ପ୍ରତ୍ୟେକ ବାରକୁ ଆବୃତ୍ତ କରିଥାଏ । ସପ୍ତାହକର ସାତଦିନ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ । ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର । କିନ୍ତୁ ଅନ୍ୟ ଦୁଇଗ୍ରହ, ଯଥା ରାହୁ ଓ କେତୁ ଛାୟାଗ୍ରହ ହେତୁ ଏମାନଙ୍କର କୌଣସି ସ୍ୱତନ୍ତ୍ର ବାର ନାହିଁ । ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥ ସାତଦିନ ରହନ୍ତି ଏବଂ ସପ୍ତାହର ପ୍ରତ୍ୟେକ ବାରକୁ ଆବୃତ୍ତ କରନ୍ତି । ଆଷାଢ଼ ମାସର ତୃତୀୟା ତିଥି ଯେଉଁଦିନ ପଡ଼ିବ ସେହିଦିନ ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକଗ୍ରହ ରୂପେ ପୂଜା ପାଆନ୍ତି । ମନେକର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ଦିନ ରବିବାର ହେଲେ ତୃତୀୟା ସୋମବାର ହେବ ଏବଂ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ସେହି ଗ୍ରହଙ୍କ ସ୍ୱରୂପ ଭାବରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି । ସୋମବାର ଚନ୍ଦ୍ରଙ୍କ ସ୍ୱରୂପ, ମଙ୍ଗଳବାର ଦିନ ମଙ୍ଗଳଙ୍କ ସ୍ୱରୂପ, ବୁଧବାର ଦିନ ବୁଧଙ୍କ ସ୍ୱରୂପ, ଗୁରୁବାର ଦିନ ବୃହସ୍ପତିଙ୍କ ସ୍ୱରୂପ, ଶୁକ୍ରବାର ଦିନ ଶୁକ୍ରଙ୍କ ସ୍ୱରୂପ, ଶନିବାର ଦିନ ଶନିଙ୍କ ସ୍ୱରୂପ ଓ ରବିବାର ଦିନ ରବିଙ୍କ ସ୍ୱରୂପ ଭାବରେ ପୂଜା ପାଆନ୍ତି । କିନ୍ତୁ ରାହୁ ଓ କେତୁ ଏ ଦୁଇ ଗ୍ରହଙ୍କ ସ୍ୱତନ୍ତ୍ର ବାର ନଥିବା ହେତୁ ପ୍ରଥମ ଗୁଣ୍ଡିଚା ଘୋଷଯାତ୍ରା ଓ ଶେଷ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଦ୍ଦିଷ୍ଟ ବୋଲି ନିର୍ଣ୍ଣୟ କରାହୁଏ ।


# ଜୀବନ କର୍ମର ଅଧୀନ...



ଈଶୋବାଶ୍ୟୋ ଉପନିଷଦରେ ଋଷି କହିଛନ୍ତି,'କୁର୍ବେନ୍ନେବହ କର୍ମାଣି ଜୀବୈବିଷେଚ୍ଛତ ଧ୍ୟଇସମାଃ..ଏବଂ ତ୍ୱୟି ନ୍ୟାୟଧୈତୋଅସ୍ତି ନକର୍ମ ଲିପ୍ତତେ ନରେ' । ଏହି ଚରାଚର ଜଗତରେ କର୍ତ୍ତା-ଧର୍ତ୍ତା-ହର୍ତ୍ତା ତ ସର୍ବ ଶକ୍ତିମାନ ପରମେଶ୍ୱର ହିଁ ଅଟନ୍ତି । ଅତଃ ସବୁ କିଛି ତାଙ୍କୁ ଅର୍ପଣ ପୂର୍ବକ ,ସବୁ କିଛି ତାଙ୍କୁ ହିଁ ବୁଝିକରି ଶାସ୍ତ୍ରୋକ୍ତ କର୍ତ୍ତବ୍ୟ କର୍ମର ଆଚରଣ କରି ଦୀର୍ଘ ଜୀବନର ଅଭିଳାଷ କରିହେବ । ଏହି ଜୀବନ ଈଶ୍ୱର ପ୍ରଦତ୍ତ ଅଟେ,ନିଜର ଭୋଗ ଭୋଗିବା ପାଇଁ ନୁହେଁ,ଆଉ ପରମାତ୍ମା ପ୍ରଦତ୍ତ ପଥର ଅନୁଗମନ କରିବା ପାଇଁ ମିଳିଛି । ଏମିତି କରିଲେ କର୍ମ ବନ୍ଧନରେ ପଡେ ନାହିଁ । କର୍ମ କରିକି ଆଉ କର୍ମରେ ଲିପ୍ତ ନ ହେବାର ଏହା ଏକମାତ୍ର ମାର୍ଗ ଅଟେ । ଏହା ସହିତ ଭଗବାନ କୃଷ୍ଣ ମଧ୍ୟ ଏହା କୁହନ୍ତି ଏମିତି କର୍ମ ରାଗ-ଦ୍ୱେଷରେ ରହିତ ହେଉ । ତେବେ ତାହା ସାତ୍ତ୍ୱିକ କର୍ମ କୁହାଯାଏ । ରାଗର ବାଖ୍ୟା କରି ବ୍ୟାସ କହନ୍ତି ଯେ ,'ସୁଖାଭିଜ୍ଞସ୍ୟ ସୁଖାନୁ ସ୍ମୃତିପୂର୍ବଃ ସୁଖେ ତତ୍ସାଧନେ ନା ଯୋ ଗର୍ଦ୍ଧତୃଷ୍ଣା ଲୋଭଃ ସରାଗଇତି' । ଅର୍ଥାତ୍ ସୁଖାନୁଭବର ସ୍ମୃତି ପୂର୍ବକ ସୁଖ କିମ୍ବା ସୁଖ ଦେବା ବାଲା ପଦାର୍ଥର ପ୍ରତି ଯେଉଁ ଲୋଭ ଅଥବା ଲୋଭୀ ହୋଇଥାଏ ତାହା ରାଗ ଅଟେ । ଏହି କ୍ରମରେ ଦୁଃଖାନୁଭବର ସ୍ମୃତି ପୂର୍ବକ ଦୁଃଖ ଅଥବା ଦୁଃଖ ଦେବା ବାଲା ସାଧନର ପ୍ରତି ଯେଉଁ ପ୍ରତିହିଂସା ହୋଇଥାଏ,ତାହା ଦ୍ୱେଷ ଅଟେ । ଏମିତି ଦେଖାଯାଏ କି କର୍ମ କରିବାର ଅଭିମାନରେ ରହିତ,ଫଳ ପାଇବାର ଇଛାର ଛଡା,ଲେଭୀ ଆଉ ଦ୍ୱେଷ ଛଡା ଯେଉଁ କର୍ମ ହେବ ତାହା ହିଁ ସାତ୍ତ୍ୱିକ କର୍ମ ଅଟେ ଆଉ ଏମିତି କରିବାର ଅତିରିକ୍ତ କର୍ମବନ୍ଧନରୁ ମୁକ୍ତିର ଅନ୍ୟ କୌଣସି ମାର୍ଗ ନାହିଁ ।

# -ସମ୍ମାନର ଅଧିକାରୀ-





ରାଜା ଶତ୍ରୁଦମନଙ୍କ ପୁତ୍ର ଅରିଦମନ ଅତ୍ୟନ୍ତ ଅହଂକାରୀ ଥିଲେ । ତାଙ୍କ ଠାରେ କରୁଣା, ଉଦାରତା, ଦୟା, ସେବା, ସହାନୁଭୂତି ଭଳି ଗୁଣର ଅଭାବ ଥିଲା । ରାଜା ମଧ୍ୟ ପୁତ୍ରର ସ୍ୱଭାବକୁ ନେଇ ଚିନ୍ତିତ ଥିଲେ । ତେଣୁ ସେ ଜଣେ ସିଦ୍ଧ ମହାତ୍ମାଙ୍କ ନିକଟକୁ ପୁତ୍ରକୁ ପଠାଇ ଦେଲେ । ମହାତ୍ମାଙ୍କ ନିକଟରେ ରହିଲେ ପୁତ୍ରର ସ୍ୱଭାବ ପରିବର୍ତ୍ତନ ହେବ ବୋଲି ରାଜାଙ୍କର ବିଶ୍ୱାସ ରହିଥିଲା । ଦିନେ ମହାତ୍ମା ରାଜପୁତ୍ର ଅରିଦମନଙ୍କୁ ଏକ ଗଛରୁ ପତ୍ର ତୋଳି ଆଣିବାକୁ କହିଲେ । ଏଥିସହିତ ଆଦେଶ ଦେଲେ ଯେ, ଯେଉଁ ପତ୍ରରେ ପୋକ ଲାଗିନଥିବ କିମ୍ବା ଫିମ୍ପି ନହୋଇଥିବ ତୁମେ ସେଭଳି ପତ୍ର ଆଣିବ । ଅରିଦମନ ଜଙ୍ଗଲକୁ ଗଲେ । ସେ ବହୁ ଗଛରେ ଖୋଜାଖୋଜି କଲେ ବି ଗୋଟିଏ ହେଲେ ଭଲ ପତ୍ର ପାଇଲେ ନାହିଁ । ତେଣୁ ସେ ଫେରିଆସିଲେ । ମହାତ୍ମାଙ୍କୁ ସେ କହିଲେ, ଗୁରୁଦେବ ! ମୁଁ ଅନେକ ଖୋଜିଲି, କିନ୍ତୁ ଗୋଟିଏ ହେଲେ ଭଲ ପତ୍ର ପାଇଲି ନାହିଁ । ସବୁ ପତ୍ରେ ପୋକ ଲାଗିଯାଇଥିଲା । ମହାତ୍ମା କହିଲେ, ପୁତ୍ର ! ଜୀବନ ମଧ୍ୟ ଏହି ବୃକ୍ଷ ଭଳି । ଜୀବନରୁ ଦୁର୍ଗୁଣ ପ ... । ଦୋଷଦୁର୍ବଳତା ତ୍ୟାଗ ନକଲେ ପୋକ ଲାଗିଥିବା ପତ୍ର ବୃକ୍ଷକୁ ନଷ୍ଟ କରିଦେବା ଭଳି ଦୁର୍ଗୁଣ ଜୀବନକୁ ନଷ୍ଟ କରିଦେଇଥାଏ । ଦୋଷ ଦୁର୍ଗୁଣ ତ୍ୟାଗ କଲେ ମନୁଷ୍ୟର ଜୀବନରେ ମଧୁରତା ଫେରିଆସିଥାଏ । ଘୃଣା, ଅହଂକାର, କ୍ରୋଧ, ଲୋଭ, ମୋହ ଆଦି ତ୍ୟାଗ କଲେ ମନୁଷ୍ୟ ଉତ୍ତମଗୁଣର ଅଧିକାରୀ ହୋଇଥାଏ । ଉତ୍ତମ ସ୍ୱଭାବ ସମ୍ପନ୍ନ ମନୁଷ୍ୟ ସମାଜରେ ସର୍ବଦା ସମ୍ମାନ ପ୍ରାପ୍ତ କରିଥାଏ ।

## ବିଧାୟକଙ୍କ ନୂତନ ରାସନ କାର୍ଡ ବଣ୍ଟନ

ପିପିଲି,(ନିପ୍ର): ଗୁରୁବାର ପିପିଲି ବ୍ଲକ ସଭା ଗୃହରେ ପିପିଲି - ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦ୍ୱାରା ରାସନ କାର୍ଡ ବଣ୍ଟନ ହୋଇଛି। ଏଥିରେ ପିପିଲି ବ୍ଲକର ୨୫ ଗୋଟି ପଞ୍ଚାୟତର ୧୦୭



ଜଣଙ୍କୁ ପ୍ରଦାନ କରାଯାଇ ଥିବା ବେଳେ ୧୮ ଜଣ ରାସନ କାର୍ଡ ଧରି ଅନୁପସ୍ଥିତ ରହିଥିଲେ। ଯେଉଁମାନେ ଅନୁପସ୍ଥିତ ଥିଲେ ସେମାନଙ୍କୁ ପଂଚାୟତରେ ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି। ପିପିଲି ବିଡ଼ିଓ ସରୋଜ ରାଉତ, ପିପିଲି ବ୍ଲକ ଚେୟାରମ୍ୟାନ ଦେବସ୍ମିନୀ ନନ୍ଦ, ଭାଇସ ଚେୟାରମ୍ୟାନ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ଏ ବିଡ଼ିଓ ପିପିଲି ବ୍ଲକ ଏମ ଆଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମହିଳା ସ୍ନାତକ ମହାବିଦ୍ୟାଳୟର ବନ ମହୋତ୍ସବ

ପାରଳାଖେମୁଣ୍ଡି,(ନିପ୍ର): ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି । ମହାବିଦ୍ୟାଳୟର ଅଧକ୍ଷା ଡ଼ ରୀନା ସାହୁଙ୍କ ଅଧକ୍ଷତା କରିବା ବେଳେ ଜାତୀୟ ସେବା ଯୋଜନା ଅଧିକାରୀ ମଧୁସ୍ମିତା ପ୍ରଧାନ ଏହି କାର୍ଯ୍ୟକ୍ରମ



ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କୁ ଅଧକ୍ଷା ଚାରାରୋପଣ କରିବାରେ ଆଗ୍ରହ ସୃଷ୍ଟି କରି ନିଜ ଗାଁରେ ଲୋକଙ୍କୁ ସଚେତନ କରି ଚାରାରୋପଣ କରିବାକୁ ପରାମର୍ଶ ଦେଉଛୁ । ସେହିଭଳି ଜାତୀୟ ସେବା ଯୋଜନା ଅଧିକାରୀ ଛାତ୍ରୀମାନଙ୍କୁ ଏଭଳି ପ୍ରତିବର୍ଷ ଗଛଲଗାଇ ତାରି ସୁରକ୍ଷା ଲାଗି ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧାପିକା, ଅଧାପକ, ଅଣଶିକ୍ଷକ କର୍ମଚାରୀ ଏବଂ ସମସ୍ତ ଛାତ୍ରୀ ବୃନ୍ଦ ସହଯୋଗ କରିଥିଲେ ।

## ବିଡାନାସୀ କୃଷକ ବଜାର ଅଞ୍ଚଳରେ ଭାରୀ ଯାନ ଚଳାଚଳ ଉପରେ କଟକଣା

କଟକ(ନିପ୍ର): କଟକ ସଦର ତହସିଲ ଅନ୍ତର୍ଗତ ବିଡାନାସୀ କୃଷକ ବଜାର ଓ ବିଡାନାସୀ ପୋଲିସ ଷ୍ଟେସନ ଅଞ୍ଚଳରେ ଭାରୀ ବାଣିଜ୍ୟିକ ଯାନ ଓ ଅନ୍ୟାନ୍ୟ ଭାରୀ ଯାନର ନିୟମିତ ଚଳାଚଳ ଯୋଗୁଁ ସାଧାରଣ ଜନତା, ସ୍ଥାନୀୟ ବାସିନ୍ଦା ଓ କୃଷକ ବଜାରକୁ ଆସୁଥିବା ବ୍ୟବସାୟୀ ଓ ଦୈନିକ ବଜାର କରିବାକୁ ଆସୁଥିବା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦ୍ରୁତ ଗତିରେ ତଥା ବିପଦଜନକ ଭାବେ ଭାରୀ ଯାନ ଚଳାଚଳ କାରଣରୁ ଦୁର୍ଘଟଣାର ଆଶଙ୍କା ମଧ ବୃଦ୍ଧି ପାଉଛି ଏବଂ ଯାତାୟାତ ବାଧାପ୍ରାପ୍ତ ହେଉଛି । ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଆର.ଟି.ଏ. ଅଧକ୍ଷ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ମୋଟର ଯାନ ଆଇନ, ୧୯୮୮ ଓ ଓଡ଼ିଶା ମୋଟର ଯାନ ନିୟମାବଳୀ, ୧୯୯୩ ଅନୁଯାୟୀ ବିଡାନାସୀ କୃଷକ ବଜାର ଭିତର ରାସ୍ତାରେ ଭାରୀ ବାଣିଜ୍ୟିକ ଯାନ ଓ ଅନ୍ୟ ସମସ୍ତ ଭାରୀ ଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି । ଏହି କଟକଣା ଅନୁଯାୟୀ କୃଷକ ବଜାର ଭିତର ରାସ୍ତାରେ ବାଣିଜ୍ୟିକ ଭାରିଯାନ ସମେତ ଯେକୌଣସି ଭାରିଯାନ ଚଳାଚଳ ବନ୍ଦ ରହିବ। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଭାରୀ ଯାନଗୁଡ଼ିକ ପାଇଁ ଏହି କଟକଣା ଲାଗୁ ହେବ ନାହିଁ ।

## କେନ୍ଦ୍ର ମତ୍ସ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ସଂଘ

ରମ୍ଭା(ନିପ୍ର): କେନ୍ଦ୍ର ମତ୍ସ୍ୟମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କୁ ଭେଟି ଚିଲିକା ମତ୍ସ୍ୟଜୀବୀ ସଂଘ ବହୁବିଧ ସମସ୍ୟା ଉପରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ସମେତ ଗୋବିନ୍ଦ ବେହେରା, ଦୁଃଖିଶ୍ୟାମ ବେହେରା, ପ୍ରକାଶ ବେହେରା, କାଜଲ ବେହେରା, ଭଂଜକିଶୋର ବେହେରା, ଭିକାରି ବେହେରା ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେଗୁଡିକ ହେଲା ପାଲୁରୁ ସାହେବ କେନାଲ ଖୋଳି ଓସାର, ଗଭୀର କରିବା, ୨୦୧୮ମସିହା ଠାରୁ ଲିଜ୍ ଏଗ୍ରିମେଣ୍ଟ ବନ୍ଦ ଥିବା ପୁନଃ ପ୍ରଚଳନ କରିବା, ୧୯୮୮-୮୯ ଚିଲିକା ପଲିସୀ ପ୍ରଚଳନ କରିବା,୧୪୭ଖଣ୍ଡ ଗ୍ରାମର ୪ ଲକ୍ଷ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ମତ୍ସ୍ୟ ଉତ୍ସ ବା ସୈରାତ ୪୭୦୦୦ ଏକର ମତ୍ସ୍ୟ ସୈରାତ ସୁରକ୍ଷିତ କରି ଉଦ୍ଧାର କରିବା, ମଶାରୀ ଘେରି ମାଟି ବନ୍ଧ ଘେରି ଉଚ୍ଛେଦ କରିବା, ବାଲୁଗାଁ ଜୀବ ପ୍ରଯୁକ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଡ଼ଙ୍ଗା, ଜାଲ ଓ ମେସିନ ସହାୟତା ରାଶି ଘୋଟଲା ଓ ଅନିୟମିତତା ତଦନ୍ତ କରି ଉପଯୁକ୍ତ ମତ୍ସ୍ୟଜୀବୀଙ୍କୁ ସରକାରୀ ଯୋଜନା ଗୁଡିକ ଠିକ ଲୋକଙ୍କୁ ଦେବା, ମତ୍ସ୍ୟ ଅଧିକାରୀ ପ୍ରତ୍ୟେକ ଗ୍ରାମକୁ ଯାଇ ସୁବିଧା ଅସୁବିଧା କଥା ତଦାରଖ କରିବା।

# ଶଙ୍ଖ ନଦୀର ଜଳକୁ ପ୍ରଦୂଷିତ କରୁଛି ବେଆଇନ ବିଷାକ୍ତ ପାଉଁଶ

### ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବଦ୍ରଷ୍ଟା !

ରାଉରକେଲା,(ନିପ୍ର): ପାୱାର ପ୍ଲାଣ୍ଟରୁ ବାହାରୁଥିବା ଚାରକୁଲ (ବିଷାକ୍ତ ପାଉଁଶ) ନଦୀ କୂଳରେ ଗଦା କଲେ, ସେହି ପାଉଁଶ ନିକଟରେ ଥିବା ଚାଷ ଜମିକୁ ଚାଷ ଅନୁପଯୋଗୀ କରିବା ସହିତ ନଦୀ ଜଳକୁ ମଧ୍ୟ ପ୍ରଦୂଷଣ ଜନିତ ବିଷାକ୍ତ କରିଥାଏ। ଏହା ଜାଣି ମଧ ବ୍ରାହ୍ମଣୀତରଙ୍ଗ ଥାନା ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ତଥା କୋଏଲ ନଦୀ ଠାରୁ ମାତ୍ର ୧୦୦/୧୫୦ ମିଟର ଦୂରରେ ମାଳ ମାଳ ହାଇୱା ଚାରକୁଲ ପାଉଁଶ ଢାଳୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଅଭିଯୋଗର ପ୍ରକାଶ ଯେ ବ୍ରାହ୍ମଣୀତରଙ୍ଗ ଥାନା ଠାରୁ ମାତ୍ର ୫୦୦ମିଟର ଦୂରରେ ଥିବା ଶଙ୍ଖ ନଦୀ ଉପରେ ବେଦବ୍ୟାସରୁ ରାଞ୍ଚି ଯାଇଥିବା ମୁଖ୍ୟ ରାସ୍ତା କଡ଼ରେ ମାଳ ମାଳ ହାଇୱା ଢାଳୁଛନ୍ତି ଚାରକୁଲ ପାଉଁଶ। ଏହି ଚାରକୁଲ ପାଉଁଶ ନଦୀ ଜଳରେ ମିଶିବା ସହିତ ପବନରେ ଉଡି ଉଡି ଯାଉଛି ଜନବସତି ଅଞ୍ଚଳକୁ। ଚାଷ ଜମି ନଷ୍ଟ ହେଉଛି। ରାଉରକେଲା ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଜାଣି ମଧ ଜନସାଧାରଣଙ୍କ ଜୀବନ ସହିତ ଖେଳ ଖେଳୁଛି ବୋଲି ଅଭିଯୋଗ ହୋଇଛି।

ପାୱାର ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ହେଉଥିବା କୋଇଲାର ବ୍ୟବହାର ପରେ, ସେଥିରୁ ବାହାରୁଥିବା ଚାରକୁଲ ପାଉଁଶ ବେଦବ୍ୟାସର ସୁନୟନା ମେଟାଲିକ୍ସ ପାଖରେ ହାଇୱା ଦ୍ୱାରା ଗଦା କରାଯାଉଥିବାରୁ ତାହା ଉଡ଼ି ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ଅଣ ବିଶ୍ୱାସୀ କରି ଦେଉଥିଲା ବେଳେ, ଏହି ମୁଖ୍ୟ ରାସ୍ତା ଦେଇ ଯାଉଥିବା ପୋଲିସ, ପ୍ରଶାସନିକ ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ମଚାରୀ, ପରିବହନ ବିଭାଗ କର୍ମଚାରୀ ମହାନଗର ନିଗମ କର୍ମଚାରୀ, ଏପରିକି କିଛିଦିନ ପୂର୍ବେ କୁଆଁରମୁଣ୍ଡା ବ୍ଲକରେ ହେଉଥିବା ଜନ ଅଭିଯୋଗ ଶୁଣାଣିକୁ ଯାଉଥିବା ପ୍ରତ୍ୟେକ ଅଧିକାରୀଙ୍କ ଦୃଷ୍ଟିକୁ ଆସିଥିବା ବେଳେ, ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଚେଷ୍ଟା ମଧ କରାଯାଇନାହିଁ



ବୋଲି ଅଭିଯୋଗ ହୋଇଛି। ଜନବସତି ଅଞ୍ଚଳରେ ପାୱାର ପ୍ଲାଣ୍ଟରୁ ବାହାରୁଥିବା ଏହି କଳା ପାଉଁଶକୁ ପକାଇ ପାଣି, ପବନ ଏବଂ ପରିବେଶକୁ ପ୍ରଦୂଷିତ ଓ କଳୁଷିତ କରାଯାଉଛି। କିଛି ଦଲାଲଙ୍କ ମାଧ୍ୟମରେ ଦିନ ରାତି ହାଇୱା ଟ୍ରକରେ ଚାରକୁଲ ପାଉଁଶ ପକାଇ କୃତ୍ରିମ ପାହାଡ ସୃଷ୍ଟି କରାଯାଉଛି। ଏଥିରେ ଜନପ୍ରତିନିଧି ଜନତାଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। କଳା ପାଉଁଶର ଚାଦରରେ ଢାଙ୍କି ହୋଇଯାଉଛି ସହର। ସହର ଉପକଣ୍ଠ ଜାତୀୟ ରାଜପଥ-୧୪୩ କଡରେ ଗଦା ହୋଇଛି ଚାରକୁଲ ପାଉଁଶ ଜମି ମାଫିଆ ହେଉଛନ୍ତି ମାଲେମାଲ୍ ରୁଗ୍ଣ ହେଉଛି ସହର। ଏହି ପାଉଁଶ ପାହାଡ ଧୋଇହୋଇ ୧୦୦/୧୫୦ ମିଟର ପାଖରେ ଥିବା ବ୍ରାହ୍ମଣୀ ନଦୀରେ ସିଧା ସଳଖ ଭାବେ ମିଶିଯାଉଛି। ଏଥିରେ ଜଳଚର ପ୍ରାଣୀ ଯେତିକି ଆକ୍ରାନ୍ତ ହେଉଛନ୍ତି, ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହେଉଛି ସେତିକି। ତୃଣ ଉପରେ ପଡ଼ିଥିବା ବିଷାକ୍ତ ଚାରକୁଲ ପାଉଁଶ ମିଶା ତୃଣକୁ ପଶୁ ଓ ପକ୍ଷୀ ଖାଇ ରୋଗ ଗ୍ରସ୍ତ ହୋଇଥାନ୍ତି। ରାଉରକେଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କର୍ତ୍ତୃପକ୍ଷ ସବୁ ଦେଖି ଚୁପ୍ ରହିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ଏହି ବିଭାଗରେ କର୍ମଚାରୀଙ୍କ ମରୁଡ଼ି ହୋଇଛି ନା ସବୁ ଟେବୁଲ୍ ତଳର ଖେଳ ! ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କଣ ଅପେକ୍ଷା କରିଛି ଜନସାଧାରଣଙ୍କ ଅଭିଯୋଗକୁ ! ଯିଏ ଅଭିଯୋଗ କରିବ ତା ଜୀବନ ପ୍ରତି ବିପଦ ନ ଆସିବ ବୋଲି କିଏ କହିବ ? ଏଠି ଜୀବନ ଜୀବିକା ବାଜି ଲାଗିଥିବା ବେଳେ, ବିଭାଗ କିନ୍ତୁ ନିଦାବିଷ୍ଟ ! "ମୋତେ ଯେତେ ମାଡିବୁ ମାଡ୍ ମୁଁ ସେଇ ଦରପୋଡା କାଠ' ଭଳି "କାରଖାନା ମାଲିକ, ଦଲାଲ ଏବଂ ବିଭାଗୀୟ ଅଧିକାରୀ ସବୁ ଏଠି ମାଉସୀ ପୁଅ ଭାଇ ଭାଇ ! ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କେବେ ଏହା ଉପରେ ପଦକ୍ଷେପ ଗ୍ରହଣ କରାଯିବ ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ସଚେତନ ନାଗରିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ବ୍ୟବସ୍ଥାର ଅନୁଧ୍ୟାନ

ରାୟଗଡା,(ନି:ପ୍ର): ବେଲଗୁଣ୍ଠା ଏନ୍.ଏ.ସି.ର ଅଧକ୍ଷଙ୍କ ନେତୃତ୍ୱରେ ୧୩ ଜଣ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସାନିଟେସନ କର୍ମଚାରୀଙ୍କ ଏକ ପ୍ରତିନିଧି ଦଳ ରାୟଗଡ଼ ପୌରପରିଷଦକୁ ଏକ ପରିଦର୍ଶନରେ ଆସିଥିଲେ। ଏହି ଗସ୍ତର ମୂଳ ଉଦ୍ଦେଶ୍ୟ ଥିଲା ରାୟଗଡ଼ ପୌରପରିଷଦରେ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା ବ୍ୟବସ୍ଥା ଏବଂ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା। ରାୟଗଡ଼ ପୌରପରିଷଦରେ ପହଞ୍ଚିବା ପରେ ପ୍ରତିନିଧି ଦଳକୁ ପୌରାଧକ୍ଷ, ନିର୍ବାହୀ ଅଧିକାରୀ ଏବଂ ସମସ୍ତ କାଉନସିଲର ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ରାୟଗଡ଼ ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ନାଗରିକ ସେବା ଏବଂ ସୃଷ୍ଟି କରାଯାଇଥିବା ବିଭିନ୍ନ ସଂସାଧନ ସମ୍ପର୍କରେ ଏକ ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ପରେ ପ୍ରତିନିଧି ଦଳ ୱାର୍ଡ ନଂ-୩, ପି.ଏଚ୍.ଡି. କଲୋନୀଠାରେ ନବପ୍ରତିଷ୍ଠିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଏବଂ ମାଟେରିଆଲ ରିକଭରି ଫେସିଲିଟି ପରିଦର୍ଶନ କରିଥିଲେ। ସେଠାରେ ଘରୋଇ ବର୍ଜ୍ୟବସ୍ତୁରୁ ଜୈବ ସାର ପ୍ରସ୍ତୁତି ପ୍ରକ୍ରିୟା, ବର୍ଜ୍ୟବସ୍ତୁ ପୃଥକୀକରଣ, ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀର ସଂଗ୍ରହ ଓ ପରିଚାଳନା ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ।

ଏହାପରେ ପ୍ରତିନିଧି ଦଳ ଆହାର କେନ୍ଦ୍ର, ଗାନ୍ଧୀ ପାର୍କ, ପୌର ଅଡିଟୋରିୟମ୍, ୱେଷ୍ଟ ଟୁ ୱେଣ୍ଡର ପାର୍କ, ନିର୍ମାଣ ଓ ଭଙ୍ଗା ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର, ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ୱାର୍ଡ ନଂ-୧୧, ଅନୁରିଗୁଡାସ୍ଥିତ 'ମୋ ବଗିଚା' ପରିଦର୍ଶନ କରି ସେଠାରେ ଚାଲୁଥିବା କାର୍ଯ୍ୟପ୍ରଣାଳୀ ଓ ପରିଚାଳନା । ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ପରିଦର୍ଶନ ପରେ ସମସ୍ତ ପ୍ରତିନିଧିଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା।

ଶେଷରେ ବେଲଗୁଣ୍ଠା ଏନ୍.ଏ.ସି.ର ନିର୍ବାହୀ ଅଧିକାରୀ ଏବଂ ସାନିଟେସନ କର୍ମଚାରୀମାନେ ରାୟଗଡ଼ ପୌରପରିଷଦର ସୁସଂଗଠିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଅଳିଆ ଆବର୍ଜନାରୁ ଉନ୍ନତ ମାନର କମ୍ପୋଷ୍ଟ ସାର ପ୍ରସ୍ତୁତି ପ୍ରକ୍ରିୟା ଏବଂ ସ୍ୱଚ୍ଛତା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ। ସେମାନେ ମତ ପ୍ରକାଶ କରିଥିଲେ ଯେ, ଏହି ଏକ୍ସପୋଜର ଭିଜିଟ୍‌ରୁ ମିଳିଥିବା ଅଭିଜ୍ଞତା ବେଲଗୁଣ୍ଠା ଏନ୍.ଏ.ସି.ରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଫଳପ୍ରଦ କରିବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି କୁହାଯାଇଛି।

# ରୋଜଗାରର ମାଧ୍ୟମ ସାଜିଛି 'କାଙ୍କଡ଼ କଷି'

### ଚାଷୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କ ମୁହଁରେ ହସ

ସୋନପୁର,(ନିପ୍ର): ବର୍ଷା ଦିନ ଆସିଲେ ବଜାରରେ ସ୍ଥାନୀୟ ପରିବାର ଏକ ସ୍ୱତନ୍ତ୍ର ଚାହିଦା ଦେଖିବାକୁ ମିଳେ। ବିଶେଷ କରି ସୁଆଦିଆ ତଥା ଔଷଧୀୟ ଗୁଣରେ ଭରପୂର 'କାଙ୍କଡ଼' ବା କାଙ୍କଡ଼ କଷି ପାଇଁ ଗ୍ରାହକଙ୍କ ମଧରେ ପ୍ରବଳ ଆଗ୍ରହ ରହିଥାଏ। ଏବେ ଏହି ଋତୁକାଳୀନ ପରିବା ଅନେକ ଗରିବ ଚାଷୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ଏକ ପ୍ରମୁଖ ରୋଜଗାରର ମାଧ୍ୟମ ପାଲଟିଛି। ସୁବର୍ଣ୍ଣପୁର ଏବଂ ଏହାର ଆଖପାଖ ଅଞ୍ଚଳର ଜଙ୍ଗଲରୁ ସ୍ଥାନୀୟ ଲୋକେ ପ୍ରାକୃତିକ ଭାବରେ ଫଳୁଥିବା କାଙ୍କଡ଼ ସଂଗ୍ରହ



କରି ସ୍ଥାନୀୟ ହାଟ ଓ ବଜାରରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ବଜାରରେ କାଙ୍କଡ଼ କଷିର ଦର କିଲୋ ପ୍ରତି ୩୫୦ ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଦର ଅଧିକ ରହିଥିଲେ ମଧ ଏହାର ଔଷଧୀୟ ଗୁଣ ଏବଂ ସ୍ୱାଦ ଯୋଗୁଁ ଗ୍ରାହକମାନେ ଏହାକୁ ଖୋଜି ଖୋଜି କିଣୁଛନ୍ତି। ଦିନକୁ ୩ ରୁ ୪ କିଲୋ କାଙ୍କଡ଼ ସଂଗ୍ରହ କରି ବିକ୍ରି କଲେ ମଧ ଜଣେ ବ୍ୟକ୍ତି ଦୈନିକ ୧୦୦୦ ରୁ ୧୨୦୦ ଟଙ୍କା ପର୍ଯ୍ୟନ୍ତ ବେଶ୍ ସହଜରେ ରୋଜଗାର କରିପାରୁଛନ୍ତି। ଅନ୍ୟପକ୍ଷରେ, କେବଳ ଜଙ୍ଗଲରୁ ସଂଗ୍ରହ ନକରି ଏବେ କିଛି ଆଗ୍ରହୀ ଚାଷୀ ଉନ୍ନତ ଜ୍ଞାନକୌଶଳରେ ନିଜ ବାଡ଼ିରେ କାଙ୍କଡ଼ ଚାଷ କରି ମଧ ବେଶ୍ ଲାଭବାନ ହେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ସ୍ଥାନୀୟ ହାଟରେ ବ୍ୟବସାୟ କରୁଥିବା ଜଣେ ମହିଳା କହିଛନ୍ତି ଯେ, 'କାଙ୍କଡ଼ କେବଳ ବର୍ଷା ଋତୁର ପ୍ରାରମ୍ଭରେ ହିଁ ମିଳିଥାଏ। ବଜାରକୁ ଆଣିବା ମାତ୍ରେ ଏହା ସାଙ୍ଗେ ସାଙ୍ଗେ ବିକ୍ରି ହୋଇଯାଉଛି, ଯାହା ଆମ ପରିବାର ଚଳାଇବାରେ ବହୁତ ସାହାଯ୍ୟ କରୁଛି। ମୋଟାମୋଟି ଭାବେ କହିବାକୁ ଗଲେ, ପ୍ରକୃତିର ଏହି ଅମୂଲ୍ୟ ଦାନ 'କାଙ୍କଡ଼ କଷି' ଏବେ ଗ୍ରାମୀଣ ଅର୍ଥନୀତିକୁ କିଛି ମାତ୍ରାରେ ସୁଦୃଢ଼ କରିବା ସହ ଅନେକ ପରିବାରର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୋଇପାରିଛି।

# ବିଲୁପ୍ତ ହେବାକୁ ବସିଲାଣି ଲାଲ ଟୁକୁ ଟୁକୁ ସାଧବ ବୋହୂ



ନବରଙ୍ଗପୁର,(ନିପ୍ର): ଆଗ କାଳରେ ବର୍ଷା ଆରମ୍ଭ ବା ଆଷାଢ ମାସର ପ୍ରଥମ ବର୍ଷାରେ ବେସ୍ ଶୋଭା ପାଉଥିଲା ଲାଲ ରଙ୍ଗର ଟୁକ ଟୁକୁ ସାଧବ ବୋହୂ । ବର୍ଷାର ଆଗମନରେ ଧରାପୃଷ୍ଠକୁ ଆଗମନ ହେଉଛି ଲାଲ୍ ଟୁକୁ ଟୁକୁ ସାଧବ ବୋହୂ । ନାଲି ପାଟ ପିନ୍ଧି ମନ ମୋହୁଥିଲା ଏହି ସାଧବ ବୋହୂ । ଏହି ସାଧବ ବୋହୂ କୁ ଦେଖି ଚାଷୀ ଭାଇ ମନ ଭାରି ଖୁସି ହେଉଥିଲେ । କାରଣ ସାଧବ ବୋହୂକୁ ଦେଖା ଦେଲେ ଭଲ ଫସଲ ହେବ ବୋଲି ଚାଷୀମାନେ ଅନୁମାନ କରିନେଉଥିଲେ । ଏହି କୀଟ ସାଧାରଣତଃ ବାଡ଼ି, ବଗିଚା, ବିଲହିଡ, ଘାସପଡିଆ ଓ ଘାସ ହୋଇଥିବା ସ୍ଥାନ ମାନଙ୍କରେ ଦେଖା ଯାଇଥାନ୍ତି। ଏହି ସାଧବ ବୋହୂ ନାଲି ରଙ୍ଗର ହୋଇଥାଏ । ଏହି ଜୀବଟି ଘାସ ଓ ମାଟି ଉପରେ ଧିର ଗତିରେ ଚାଲି ଥାଏ। ଦେଖୁବାକୁ ଭାରି ସୁନ୍ଦର ଓ ମନୋରମ ଲାଗିଥାଏ। ଏହି ସାଧବ ବୋହୂ ପ୍ରାୟତଃ ସମସ୍ତ ଅଞ୍ଚଳରେ ଦେଖାଯାଇଥାନ୍ତି। ଏହି ସାଧବ ବୋହୂକୁ ଦେଖି ଅଧିକ ଖୁସି ଅନୁଭବ କରନ୍ତି କୁନିକୁନି ପିଲାମାନେ। ହେଲେ ଦୁର୍ଭାଗ୍ୟ ବଶତଃ ବର୍ତ୍ତମାନ ପ୍ରଦୂଷିତ ପରିବେଶରେ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଆଧୁନିକତାର ଚାଦର ତଳେ ଚାପି ହୋଇ ଗଲାଣି ଏହି ସୁନ୍ଦର ଜୀବ। ସାଧବ ବୋହୂକୁ ନେଇ କେତେ କାବ୍ୟ କବିତାର ସମ୍ଭାର ଦେଖୁବାକୁ ମିଳିଥାଏ। ପ୍ରକୃତିର ଏହି ଉପହାରକୁ ନେଇ କବି ଓ ପ୍ରକୃତି ପ୍ରେମୀ ଭାବୁକ ହୋଇ ଯାଇଥାନ୍ତି। ବର୍ତ୍ତମାନ ସମୟରେ ଏହି ସାଧବ ବୋହୂ ପ୍ରାୟତଃ ଦେଖାଯାଉ ନାହାନ୍ତି। ଯାହା କମ୍ ପରିମାଣରେ ଦେଖିବାକୁ ମିଳୁଛି। ସାର, କୀଟନାଶକ, ବିଭିନ୍ନ ସ୍ଥାନରେ କଂକ୍ରିଟ, ଜଙ୍ଗଲ କାଟି ନଷ୍ଟ କରିବା ଓ ଅସ୍ୱାଭାବିକ ପରିବେଶ ପ୍ରଦୂଷଣ ଯୋଗୁଁ ଏମାନଙ୍କର ବଂଶ ଲୋପ ପାଇବାକୁ ଯାଉଛି। ଦୁର୍ଭାଗ୍ୟର ବିଷୟ ସାଧବ ବୋହୂ ପୋକ ଆଗାମୀ ପିଢିଙ୍କ ପାଇଁ ବୋଧ ହୁଏ ଇତିହାସ ପାଲଟି ଯିବ। ଏଭଳି ଅନେକ କୀଟପତଙ୍ଗ ଆଉ ଏବେ ବର୍ଷା ଦିନରେ ଦେଖୁବାକୁ ମଧ୍ୟ ସପନ ହୋଇ ଗଲେଣି। ଏହା ପ୍ରକୃତିର ବିଡମ୍ବନା ନା ମଣିଷର ଦୁର୍ଭାଗ୍ୟ ଆହତ ଆଗାମୀ ଦିନରେ ଜଣା ପଡିବ।

## ଆଶାକର୍ମୀ ସଂଘ ପକ୍ଷରୁ ୯ ଦଫା ଦାବିପତ୍ର

ରାୟଗଡ଼ା,(ନିପ୍ର): ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଆଶା କର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ସଂଘର ଜିଲ୍ଲା ସଭାନେତ୍ରୀ ତମାଳ ସାହୁକାର, ଜିଲ୍ଲା ସମ୍ପାଦିକା ଗୀତାଞ୍ଜଳୀ ହିଆଲ ଓ ଅନ୍ୟମାନେ ଏହି ଦାବି ପତ୍ର ଜିଲ୍ଲାପାଳଙ୍କୁ



ଦେଇଛନ୍ତି। ଉକ୍ତ ୯ ଦଫା ଦାବି ମଧ୍ୟରେ ରହିଛି:

୧. ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନସ୍ଥ କାର୍ଯ୍ୟରତ ସମସ୍ତ ଆଶା କର୍ମୀଙ୍କୁ କର୍ମଚାରୀର ମାନ୍ୟତା ପ୍ରଦାନ ସହିତ ସର୍ବନିମ୍ନ ବେତନ ପ୍ରଦାନ କରାଯାଉ ସ୍ଥାୟୀ ଘୋଷଣା ନା ହେବା ପର୍ଯ୍ୟନ୍ତ ମାସିକ ୧୮,୦୦୦/- ସର୍ବନିମ୍ନ ବେତନ ପ୍ରଦାନ କରାଯାଉ। ୨. ସମସ୍ତ ଆଶା କର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରାଯାଉ।୪. ପ୍ରତିମାସ ୧୦ ତାରିଖ ମଧରେ ସମସ୍ତ ପ୍ରକାର ମାନଦେୟ ପ୍ରଦାନ ସୁନିଶ୍ଚିତ କରାଯାଉ । ୪. ଆଶା ଭଉଣୀ ମାନଙ୍କ ପ୍ରତି ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ହେଉଥିବା ଦୁର୍ବ୍ୟବହାର ଉପରେ କଡା କାର୍ଯ୍ୟାନୁଷ୍ଠାନ ହେଉ ଓ ଆଶା କର୍ମୀମାନଙ୍କୁ ସ୍ୱାଭିମାନ ସହିତ କାମ କରିବାକୁ ଦିଆଯାଉ। ୫. ପ୍ରତି ଗାଁରେ ଅଙ୍ଗନାବାଡି କେନ୍ଦ୍ରକୁ ଲାଗି ଆଶା କେନ୍ଦ୍ର ନିର୍ମାଣ ହେଉ ଓ ପ୍ରତି ପିଏସ୍‌ସି ଓ ସିଏଚ୍‌ସିରେ ଆଶା ଗୃହ ନିର୍ମାଣ କରାଯାଉ।୬. ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶା କର୍ମୀମାନଙ୍କୁ ତାଲିମ ଦେଇ ଉଚ୍ଚଗ ପଦବୀକୁ ପଦୋନ୍ନତି କରିବାର ଯୋଜନା ପ୍ରସ୍ତୁତ ହେଉ ୭. କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ପରିବାରକୁ ୧୦ ଲକ୍ଷ ଓ ଶାରୀରିକ ଅକ୍ଷମ କ୍ଷେତ୍ରରେ ୫ ଲକ୍ଷ ସହାୟତା ରାଶି ଗ୍ରୁପ ଇଂସ୍ୟୁରାନ୍ସ ମାଧ୍ୟମରେ ପ୍ରଦାନ କରାଯାଉ ।୮. ସେବା ନିବୃତ ସମୟରେ ଆଶା କର୍ମୀମାନଙ୍କୁ ଏକକାଳୀନ ୧୦ ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ ହଜାର ଭତ୍ତା ପ୍ରଦାନ କରାଯାଉ ତଥା ଆଶା ଭଉଣୀମାନଙ୍କୁ ମାତୃତ୍ୱ ଲାଭ ସୁବିଧା, ପ୍ରସୂତି କାଳୀନ ଛୁଟି ଓ ଭତ୍ତା ପ୍ରଦାନ କରିବାର ଯୋଜନା କରାଯାଉ । ୯. ସୂଚାରୁ ରୂପେ କାର୍ଯ୍ୟ ପରିଚାଳନା ଓ ଡିଜିଟାଲ ସୁବିଧା ପାଇଁ ସମସ୍ତ ଆଶା କର୍ମୀମାନଙ୍କୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ୫ଜି ମୋବାଇଲ ଦିଆଯାଉ।

## 'ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ' ତାଲିମ ଶିବିର

ବୋଲଗଡ,(ନିପ୍ର): ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ କ୍ରମେ ଓ ବୋଲଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆନୁକୂଲ୍ୟରେ ବୋଲଗଡ଼ ପଞ୍ଚାୟତ ସମିତି ସଭାଗୃହରେ 'ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ପଞ୍ଚାୟତ ବିକାଶ ତାଲିମ ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁମନ ସୁଧାକୁଣ୍ଡୁ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା। ନିର୍ବାଚିତ ପ୍ରତିନିଧିମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯାଇଥାଏ, ଯଦ୍ୱାରା ସେମାନେ ନିଜ ପଞ୍ଚାୟତର ବିକାଶ ପାଇଁ ସଠିକ୍ ଯୋଜନା ପ୍ରସ୍ତୁତ କରିପାରିବେ। ପଞ୍ଚାୟତ ବିକାଶ ଯୋଜନା ମାଧମରେ ସ୍ଥାନୀୟ ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଇ ଗ୍ରାମର ସାମଗ୍ରିକ ଉନ୍ନତି ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ କରିବାକୁ ବୋଲଗଡ଼ ବିଡ଼ିଓ ସୁମନ ସୁଧା କୁଣ୍ଡୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି ତାଲିମ ଶିବିରରେ ନବ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ /ସଭ୍ୟା, ୱାର୍ଡ ମେମ୍ବର,ପ୍ରାଣୀସମ୍ପଦ ବିଭାଗ, କୃଷି ବିଭାଗ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ମିଶନ ଶକ୍ତି ପ୍ରମୁଖ ବିଭାଗରୁ ପର୍ଯ୍ୟାୟ କ୍ରମେ ୨୦୫ ଜଣ ଅଂଶ ଗ୍ରହଣ କରିଥିଲେ । ଏକ ଦିବସୀୟ ପଞ୍ଚାୟତ ବିକାଶ ଯୋଜନା ଉପରେ ପ୍ରଶିକ୍ଷଣ ତାଲିମ ପ୍ରଦାନ କରାଯାଇଥିଲା । ଏହି ତାଲିମ ଶିବିରରେ ପ୍ରଶିକ୍ଷକ ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର, କମ୍ପୁଟର ପୋଗ୍ରାମର ସଞ୍ଜୟ କୁମାର ସେନାପତି ପ୍ରମୁଖ ଶିବିରର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ନିର୍ବାଚନରେ ସଘନ ସଂଶୋଧନ କାର୍ଯ୍ୟକ୍ରମ




ଆସିକା (ନିପ୍ର): ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଆଗନ୍ତୁକ ଭୋଟରମାନଙ୍କୁ ସଚେତନ କରିବା ଏବଂ ନିର୍ବାଚନରେ ଅଧିକରୁ ଅଧିକ ଅଂଶଗ୍ରହଣ କରାଇବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଏକ ଛାତ୍ର ସଚେତନତା ଓ ପ୍ରଚାର କାର୍ଯ୍ୟକ୍ରମ ଦୁଇ ଦିନ ଧରି ହୋଇଯାଇଛି। ପ୍ରଥମ ଦିନରେ ଆସିକା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜେଶ୍ୱରୀ ସାହୁ ଏବଂ ବୁଥ ସ୍ତରୀୟ ଅଧିକାରୀ ଓ ତତ୍ତ୍ୱାବଧାରକ ରାମନାଥ ପଟ୍ଟନାୟକ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁନିର୍ବାଚନ ପ୍ରକ୍ରିୟାର ସଚେତନତା ଏବଂ ପ୍ରଚାର ପ୍ରସାର ପାଇଁ ଆଗ୍ରହ କରିବା ଏବଂ ଭୁଲ ଭୋଟର କାର୍ଡକୁ ନିଜର ମୋବାଇଲରେ ସଂଶୋଧନ କିପରି ସମ୍ଭବପର ହୋଇ ପାରିବ ତାହାର ସବିଶେଷ ଆଲୋଚନା କରିଥିଲେ। ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ନିର୍ବାଚନ ପ୍ରକ୍ରିୟାର ପ୍ରଶ୍ନୋତ୍ତରୀ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ପାଦିତ ହୋଇଥିଲା। ଅଧକ୍ଷ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତା ଶିକ୍ଷାର୍ଥୀମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ କରିଥିଲେ। ଦ୍ୱିତୀୟ ଦିନରେ ଘୁମୁସର ସବଡିଭିଜନର ଅତିରିକ୍ତ ଉପଜିଲ୍ଲାପାଳ ଟୁଲି ପ୍ରଧାନ ଏବଂ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଡ. ନନ୍ଦିତା ଦାଶ, ପ୍ରଶାସକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ମଧ ଉପସ୍ଥିତ ଥିଲେ।

## ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବୃକ୍ଷରୋପଣ

କଟକ(ନିପ୍ର): ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସଭାପତି ସୁକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ "ବୃକ୍ଷ ହିଁ ଜୀବନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୬ ନଂ ଜାତୀୟ ରାଜପଥପାର୍ଶ୍ୱ ବାଲିକୁଦା ଠାରେ ବୃକ୍ଷ ରୋପଣ କରାଯାଇଥିଲା । ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ବେହେରା, ଅଟଳ କିଶୋର ଜେନା, ଦିଲ୍ଲୀପ ସାମଲ, ବସନ୍ତ କୁମାର ପାଣି, ପଞ୍ଚୁ ପ୍ରଧାନ, ଅଶୋକ ମଲ୍ଲିକ, ଅମୂଲ୍ୟ ଦାସ, ପ୍ରବୋଧ ମଲ୍ଲିକ, ରବୀନ୍ଦ୍ର ସେଠୀ, ରୁନୁ ପ୍ରଧାନ ଓ ଗୀତାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ତିଥି :(ଦଶମୀ): (ଦ୍ୱିଜା ମେଷ)
ଅମୃତ ବେଳା: ଦିବା ଘ ୧୧।୪୧ ଗତେ ଘ ୨।୫ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ଅର୍ଜୁନ ! ମୁଁ ସମସ୍ତ ପ୍ରାଣୀଙ୍କର ବୀଜ, କାରଣ ମୋ ବିନା କୌଣସି ଚରାଚର ପ୍ରାଣୀ ନାହିଁ ଅର୍ଥାତ୍ ଚର ଓ ଅଚର ସବୁକିଛି ମୁଁ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରକୃତି ବିରୋଧରେ ଗଲେ...

ପ୍ରିୟଙ୍କା ଗାନ୍ଧୀଙ୍କ ସଂସଦୀୟ କ୍ଷେତ୍ର କେରଳର ୱାୟନାଡ । ଏହାର ମେପାଡି ନିକଟରେ ହଠାତ୍ ଭୂସ୍ଖଳନ ହେବାରୁ ଏଥିରେ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ହୋଇଛି ଓ ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। କେରଳ ହେଉ କି ଦେଶର ଅନ୍ୟାନ୍ୟ ସ୍ଥାନରେ ଭୂସ୍ଖଳନ କିଛି ନୂଆ କଥା ନୁହେଁ। ବହୁ ଜୀବନ ଯିବା ଓ ବ୍ୟାପକ ସଂପତ୍ତି ନଷ୍ଟ ହେବା ଗତାନୁଗତିକ। ପ୍ରତି ଭୂସ୍ଖଳନ ଏକ ଶକ୍ତ ବାର୍ତ୍ତା କେବଳ ରଖେ ନାହିଁ,ଅଧିକନ୍ତୁ ଏକ ଚେତାବନୀ ମଧ୍ୟ।

ଭାରତୀୟ ଭୂସ୍ଖଳନ ସର୍ବେକ୍ଷଣର ଜାତୀୟ ଭୂସ୍ଖଳନ ସମ୍ବେଦନଶୀଳତା ମ୍ୟାପିଂ କାର୍ଯ୍ୟକ୍ରମ ଅଧୀନରେ ସଂକଳିତ ତଥ୍ୟ ଅନୁଯାୟୀ, ଭାରତର ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୧୩.୧୭% ରୁ ୧୫%, ପ୍ରାୟ ୪.୨ ଲକ୍ଷ ବର୍ଗ କିଲୋମିଟର। ଏହା ଆନୁଷ୍ଠାନିକ ଭାବରେ ଭୂସ୍ଖଳନ ପ୍ରବଣ ଭାବରେ ଚିହ୍ନିତ। ବିଭିନ୍ନ ଅଞ୍ଚଳରେ, ଏହି ଘଟଣା ଘଟିବାର କାରଣ ଭିନ୍ନ ଭିନ୍ନ। କେନ୍ଦ୍ର ସରକାର ଭୂସ୍ଖଳନର ପ୍ରାକୃତିକ କାରଣଗୁଡ଼ିକୁ ପୃଥକ୍ ଭୌଗୋଳିକ କ୍ଷେତ୍ର କିମ୍ବା ହଟସ୍ପଟ୍ ଭାବରେ ପୃଥକ କରିଛନ୍ତି।ଭଙ୍ଗୁର ଭୂତତ୍ତ୍ୱ ଯୋଗୁଁ ଭୂସ୍ଖଳନ ଘଟେ ଯେଉଁଥିରେ ପଥରଗୁଡ଼ିକ ଭାଙ୍ଗିଯାଏ, ଚୂର୍ଣ୍ଣ ହୁଏ ଏବଂ ଅସ୍ଥିର ରହିଥାଏ। ନିରନ୍ତର ଭୂମିକମ୍ପ ଏବଂ କମ୍ପନ ମଧ୍ୟ ଗଠନକୁ ଦୁର୍ବଳ କରିଥାଏ, ଯାହା ଫଳରେ ପର୍ବତଗୁଡ଼ିକ ଭୂସ୍ଖଳନର ଶିକାର ହୁଅନ୍ତି। ଏତେ ଉଚ୍ଚତାରେ, ଗରମ ତାପମାତ୍ରା ହିମବାହୀ ହ୍ରଦ ଫାଟିପାରେ, ଯାହା ଫଳରେ ବିପୁଳ ପରିମାଣର ପାଣି ଏବଂ ଆବର୍ଜନା ଉପତ୍ୟକାରେ ଖସିପଡ଼େ।

ପ୍ରାୟ ସମସ୍ତ ଉତ୍ତର-ପୂର୍ବ ଅଞ୍ଚଳ ବାରମ୍ବାର ଏବଂ ଗୁରୁତର ଭୂସ୍ଖଳନର ଶିକାର ହୋଇଛି। ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶ ଐତିହାସିକ ଭାବରେ ସର୍ବାଧିକ ପରିମାଣର ଏହି ଘଟଣା ରେକର୍ଡ କରିଛନ୍ତି। ପଶ୍ଚିମଘାଟ ଏବଂ ନୀଳଗିରି,କେରଳ, କର୍ଣ୍ଣାଟକ, ଗୋଆ ଏବଂ ମହାରାଷ୍ଟ୍ର ଦେଇ ଗତି କରୁଥିବା ପଶ୍ଚିମଘାଟଗୁଡ଼ିକ ଏକ ଭିନ୍ନ ପ୍ରକାରର ଭୂସ୍ଖଳନ ବିପଦର ସମ୍ମୁଖୀନ ହୁଅନ୍ତି। କଠିନ ପଥର ଭାଙ୍ଗିବା ପରିବର୍ତ୍ତେ, ଏଠାରେ ସମସ୍ୟା ହେଉଛି ପର୍ବତଗୁଡ଼ିକୁ ଘୋଡ଼ାଇ ରଖିଥିବା ଭାରୀ ମାଟିର ଘନ ସ୍ତର। ଯେତେବେଳେ ପ୍ରବଳ ମୌସୁମୀ ବର୍ଷା ହୁଏ, ଏହି ଗଭୀର ମାଟି ଏକ ବିଶାଳ ସ୍ପଞ୍ଜ ପରି କାର୍ଯ୍ୟ କରେ, ପ୍ରଚୁର ପରିମାଣର ପାଣିକୁ ଭିଜାଇ ଏକ ଭାରୀ, କାଦୁଅ ଗୋଳାରେ ପରିଣତ ହୁଏ। ଶେଷରେ, କାଦୁଅ ତଳେ ଥିବା କଠିନ ଶଯ୍ୟା ପଥର ପାଇଁ ଏତେ ଭାରୀ ହୋଇଯାଏ ଯେ ତାହା ଧରି ରଖିବା ପାଇଁ ଏବଂ ପର୍ବତ ତଳକୁ ଧାଇଁଯାଏ।

ଭୂସ୍ଖଳନର ସବୁଠାରୁ ବଡ଼ ଉତ୍ପ୍ରେରକ ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ, ଯାହା ମୁଖ୍ୟତଃ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ହୋଇଥାଏ। ଏହି ମାସଗୁଡ଼ିକରେ ପାହାଡିଆ ଅଞ୍ଚଳଗୁଡ଼ିକ କମ୍ ସମୟ ମଧ୍ୟରେ ପ୍ରଚୁର ପରିମାଣରେ ପାଣି ପାଆନ୍ତି। ଜଳବାୟୁ ପରିବର୍ତ୍ତନ ଏହି ପରିସ୍ଥିତିକୁ ଆହୁରି ତୀବ୍ର କରେ। ଫଳରେ କମ୍ ସମୟ ମଧ୍ୟରେ ତୀବ୍ର ସକ୍ରିୟ ବର୍ଷା ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆମେ ଅନିୟମିତ, ଉଗ୍ର ମେଘ ବିସ୍ଫୋରଣରେ ବିସ୍ତାରିତ ବର୍ଷା ଦେଖୁ। ପରିଣାମରେ ଏକ ସପ୍ତାହର ବର୍ଷା ମଧ୍ୟ କେତେକ ସମୟରେ ମାତ୍ର ଦୁଇ ଘଣ୍ଟା ମଧ୍ୟରେ ବିସ୍ତାରିତ ହୁଏ। ଜଳର ଏହି ପ୍ରବଳ ପ୍ରବାହ ତଳେ ଥିବା ମାଟିକୁ ପରିପୂର୍ଣ୍ଣ କରେ, ଚାପ ସୃଷ୍ଟି କରେ ଯାହା ମାଟି କଣିକାଗୁଡ଼ିକୁ ଅଲଗା କରିଦିଏ, ଏବଂ ପାହାଡ଼ରେ ଏକ ଢାଲର ସ୍ଥିରତାକୁ ନଷ୍ଟ କରେ।
କେରଳ ମୀନାକ୍ଷୀ ସେତୁ ନିକଟରେ ଘଟିଥିବା ଭୂସ୍ଖଳନଠାରେ ପ୍ରସ୍ତାବିତ ୱାୟନାଡ-ମଲାପୁରମ ସୁଡ଼ଙ୍ଗ ରାସ୍ତା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଯାହା ଘଟିଲା ପୁଣି ଯେ ନ ହେବ ତାହା କହିହେବ ନାହିଁ। ଗୁରୁତ୍ୱପୂର୍ଣ୍ଣ ହେଉଛି , ଭୂସ୍ଖଳନ ହୁଏ ଯେବେ ପ୍ରକୃତି ବିଗିଡ଼େ। ପ୍ରକୃତି ବିରୋଧରେ ଗଲେ ଏହା ଘଟିବା ସ୍ୱାଭାବିକ। ଯେଉଁଠି ପ୍ରକୃତିର ସ୍ତର ଭଙ୍ଗୁରଶୀଳ,ବିପଦାପନ୍ନ ସେଠାରେ ବିକାଶର କାର୍ଯ୍ୟ କରାଗଲେ ତାହା ଆତ୍ମଘାତୀ ସଦୃଶ ହିଁ ହେବ ହିଁ ହେବ।

# କୋଣଠେସା

## ଅମାତ୍ୟ କୁମାର ପ୍ରଧାନ

ସମାଜରେ କିଛି ଶବ୍ଦ ଅଛି, ଯାହା ଅଭିଧାନରେ ଯେତେ ସରଳ ଲାଗେ, ବାସ୍ତବ ଜୀବନରେ ସେତିକି ଗଭୀର ଅର୍ଥ ବହନ କରେ। 'କୋଣଠେସା' ସେହିପରି ଏକ ଓଡ଼ିଆ ଶବ୍ଦ। ଏହା କେବଳ ଅବହେଳିତ ହେବାର ଅନୁଭୂତି ନୁହେଁ; ବରଂ ଏହା ଏକ ମାନସିକ ଓ ସାମାଜିକ ଅବସ୍ଥା, ଯେଉଁଠାରେ ଜଣେ ବ୍ୟକ୍ତି ନିଜକୁ ବ୍ୟବସ୍ଥାର ପାର୍ଶ୍ୱକୁ ଠେଲି ଦିଆଯାଇଥିବା ଭାବେ ଅନୁଭବ କରନ୍ତି। ଏହି ଉପେକ୍ଷା କେବେ ସଚେତନ ଭାବରେ ହୁଏ, ଆଉ କେବେ ବ୍ୟବସ୍ଥାଗତ ଅସମାନତାର ପରିଣାମ ହୋଇଥାଏ। ପରିବାରରୁ ଆରମ୍ଭ କରି ରାଜନୀତି, ପ୍ରଶାସନ, ସଂସ୍କୃତି, କ୍ରୀଡ଼ା ଓ ସାମାଜିକ ଜୀବନ ପର୍ଯ୍ୟନ୍ତ କୋଣଠେସାର ଉପସ୍ଥିତି ସର୍ବତ୍ର ଦେଖାଯାଏ।
ପରିବାର ହେଉଛି ସମାଜର ପ୍ରଥମ ଏକକ। ଏଠାରେ ମଧ୍ୟ କୋଣଠେସାର ଅନୁଭୂତି ଅପରିଚିତ ନୁହେଁ। ଯେଉଁ ସଦସ୍ୟ ଆର୍ଥିକ ଭାବେ ଅବଦାନ ରଖିପାରୁନାହାନ୍ତି । ସେମାନେ ଅନେକ ସମୟରେ ଅବହେଳାର ଶିକାର ହୁଅନ୍ତି। ବିଶେଷକରି ବୃଦ୍ଧ ବା ବୃଦ୍ଧାମାନେ ଯେତେବେଳେ ଉତ୍ପାଦନକ୍ଷମ ରହନ୍ତି ନାହିଁ, ସେତେବେଳେ ସେମାନେ କୋଣଠେସା ହୋଇ ପଡନ୍ତି । ନିଜକୁ ଅବହେଳାର ଶିକାର ଅନୁଭବ କରନ୍ତି । ସେମାନଙ୍କ ମତାମତ, ଅଭିଜ୍ଞତା ଓ ଉପସ୍ଥିତିର ମୂଲ୍ୟ କମିଯାଉଥିବା ଭାବନା ସେମାନଙ୍କ ମନରେ ଜନ୍ମ ନେଇଥାଏ। ଆର୍ଥିକ କିମ୍ବା ଭୌତିକ ଅବଦାନକୁ ଯେତେବେଳେ ମଣିଷର ମୂଲ୍ୟ ସହିତ ସମାନ କରାଯାଏ, ସେତେବେଳେ କୋଣଠେସା ଅନିବାର୍ଯ୍ୟ ହୋଇଯାଏ। ଏହା ଉଭୟ କୋଣଠେସାର ଶିକାର ହେଉଥିବା ଓ ଶିକାରୀଙ୍କ ପାଇଁ ଜଟିଳତା ଓ ବିଷାଦ ଆଣିଦିଏ ।
ଏହି ସମସ୍ୟା ଯେ କେବଳ ପରିବାରରେ ସୀମିତ ତାହା ନୁହେଁ। ଶାସନ ବ୍ୟବସ୍ଥା ଓ ରାଜନୀତିରେ ଏହା ଅଧିକ ସ୍ପଷ୍ଟ ଭାବେ ଦେଖାଯାଏ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ପରିବର୍ତ୍ତନ ଏକ ସାଧାରଣ ଘଟଣା। କିନ୍ତୁ ଶାସନ ବଦଳିବା ସହିତ କେବଳ ରାଜନୈତିକ ନେତୃତ୍ୱ ନୁହେଁ, ବରଂ ପ୍ରଭାବ, ପ୍ରାଥମିକତା ଓ ସମ୍ପର୍କର ସମୀକରଣ ମଧ୍ୟ ବଦଳିଯାଏ। ଅନେକ ପ୍ରଶାସକ, ଯନ୍ତ୍ରୀ, ଠିକାଦାର ଏବଂ ସ୍ଥାନୀୟ ନେତୃତ୍ୱ ନୂତନ ବ୍ୟବସ୍ଥାରେ କୋଣ ଠେସା ହୋଇ ନିଜ ସ୍ଥାନ ହରାଇବାର ଆଶଙ୍କା କରନ୍ତି। ଏହି କାରଣରୁ ସେମାନେ ବେଳେବେଳେ ନୂତନ କ୍ଷମତାକେନ୍ଦ୍ର ସହିତ ବୁଝାମଣା କରିବାକୁ ବାଧ୍ୟ ହୁଅନ୍ତି। ଏହା ଏକ ଖୋଲା ରହସ୍ୟ ଯେ, ରାଜନୈତିକ ପରିବର୍ତ୍ତନ ସହିତ ପ୍ରଶାସନିକ ଓ ସାମାଜିକ ଆନୁଗତ୍ୟର ମାନଚିତ୍ର ମଧ୍ୟ ବଦଳିଯାଏ।
କିନ୍ତୁ ଏହି ଚିତ୍ରର ଅନ୍ୟ ଏକ ପକ୍ଷ ମଧ୍ୟ ରହିଛି। ଅନୁଭବ, କୌଶଳ ଓ ତାଲିମ କୌଣସି ଦଳ ବା ସରକାରର ସମ୍ପତ୍ତି ନୁହେଁ। ଅଧିକାଂଶ କ୍ଷେତ୍ରରେ ଯେଉଁ ବ୍ୟକ୍ତି ପୂର୍ବ ବ୍ୟବସ୍ଥାରେ ଦକ୍ଷତାର ସହ କାର୍ଯ୍ୟ କରୁଥିଲେ, ସେ ନୂତନ ବ୍ୟବସ୍ଥାରେ ମଧ୍ୟ ସମାନ ଭାବରେ ଉପଯୋଗୀ ହୋଇପାରନ୍ତି। ଯେକୌଣସି ନୂତନ ବ୍ୟବସ୍ଥା ପାଇଁ ଅଭିଜ୍ଞ ଜନଶକ୍ତିକୁ ନେଇ କାମ କରିବା ସହଜ ଓ ଫଳପ୍ରଦ। ତଥାପି ବେଳେବେଳେ ପୂର୍ବାଗ୍ରହ, ଦଳୀୟ ଆନୁଗତ୍ୟ କିମ୍ବା ବ୍ୟକ୍ତିଗତ ଅପସନ୍ଦ ଯୋଗୁଁ ଯୋଗ୍ୟ ବ୍ୟକ୍ତିମାନେ ଉପେକ୍ଷିତ ହୁଅନ୍ତି। ଏହା କେବଳ ବ୍ୟକ୍ତି ପ୍ରତି ଅନ୍ୟାୟ ନୁହେଁ; ଏହା ସଂସ୍ଥା ଓ ବ୍ୟବସ୍ଥାର ମଧ୍ୟ କ୍ଷତି କରେ।ସରକାର ବିରୋଧୀ ପକ୍ଷ ରାଜନେତାଙ୍କୁ ସାମିଲ କରିବା ଅନେକ ଉଦାହରଣ ରହିଅଛି । ରିପବ୍ଲିକ ବୁଶ ସରକାରର ପ୍ରତିରକ୍ଷା ସଚିବ ରବର୍ଟ ଗେର୍ଟସଙ୍କୁ ଡେମକ୍ରେଟିକ ବାରାକ ଓବାମା ସରକାର ତାଙ୍କର ପ୍ରତିଭା ଓ ଦେଶ ସ୍ୱାର୍ଥ ପାଇଁ ନିଯୁକ୍ତ କରିଥିଲେ । ଭାରତରେ ମଧ୍ୟ ତତ୍କାଳୀନ ନରସିଂହ ରାଓ ସରକାର ଜାତୀୟ ସ୍ୱାର୍ଥ ପାଇଁ ବିରୋଧୀ ଦଳର ଅଟଳ ବିହାରୀ ବାଜପାୟୀଙ୍କୁ ୧୯୯୪ ରେ ଭାରତର ପକ୍ଷ ରଖିବା ପାଇଁ ଜାତିସଂଘକୁ ପଠାଇଥିଲେ । (ପ୍ରଥମ ଭାଗ)
ମୋ- ୯୪୩୭୨୧୯୬୧୩

# ଜାତିବାଦୀ ରାଜନୀତି ଓ ଭାରତ

**ଇଂରେଜମାନେ ଚାହୁଁଥିଲେ ଭାରତୀୟ ସମାଜକୁ ବିଖଣ୍ଡିତ କରି ସାମୂହିକ ଶକ୍ତିକୁ ନଷ୍ଟ କରିଦେବା ପାଇଁ। ୧୯୦୯ରେ ଇଂରେଜ ସରକାର ମୁସଲମାନମାନଙ୍କୁ ପୃଥକ୍ ନିର୍ବାଚନ ମଣ୍ଡଳୀ ଦେଇ ସାରିଥିଲେ ଏବଂ ଶିଖ୍ ସମାଜ ପାଇଁ ୧୯୧୯ରେ ଏହି ବ୍ୟବସ୍ଥା ଲାଗୁ କରାଇଥିଲେ। ଏହା ପରେ ସେମାନେ ହିନ୍ଦୁ ସମାଜକୁ ଭାଗ ଭାଗ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଆମ୍ବେଦକର ଗାନ୍ଧୀଙ୍କ ପରାମର୍ଶକୁ ବୁଝିପାରିଥିଲେ । ହିନ୍ଦୁ ସମାଜ ସହ ରହିବା ପାଇଁ ରାଜି ହୋଇଥିଲେ। କିନ୍ତୁ ଆମ୍ବେଦକରଙ୍କ ସର୍ତ୍ତଥିଲା ବିଭିନ୍ନ ନିର୍ବାଚିତ ସଂସ୍ଥାରେ ହରିଜନମାନଙ୍କୁ ସଂରକ୍ଷଣ ମିଳିବ। ଏଣୁ ଭାରତ ସ୍ୱାଧୀନ ହେବା ପରେ ଭାରତର ସଂବିଧାନରେ ଦଳିତ ଓ ଆଦିବାସୀଙ୍କୁ ସେମାନଙ୍କ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଗଲା।**

## ଗୋପାଳ ମହାପାତ୍ର

ଭାରତର ରାଜନୀତି ଏବେ ଦେଶର ସାମାଜିକ ସଂରଚନାର ଆଭ୍ୟନ୍ତରୀଣ ମତଭେଦର ଶିକାର ହୋଇଛି। ଏକଦା ଇଂରେଜଙ୍କ ବିରୋଧରେ ଏକଜୁଟ ହୋଇ ଲଢ଼େଇ କରିଥିବା ଏ ଦେଶର ଜନତା ଧୀରେ ଧୀରେ ଏଇ ସଂରଚନାର ଅନ୍ତଃବିରୋଧର ଗ୍ରସ୍ତ ହେବାରେ ଲାଗିଛନ୍ତି। ଏହି କାରଣରୁ ଭାରତରେ ଜାତିବାଦୀ ରାଜନୀତି ବଢ଼ିବାରେ ଲାଗିଛି । ଏକ ନୂଆ ସମୀକରଣ ସୃଷ୍ଟି କରିବା ଆରମ୍ଭ କରିଦେଇଛି।

ଏକଥା ନୁହେଁ ଯେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଲଢ଼ାଯାଇଥିବା ସ୍ୱାଧୀନତା ସଂଗ୍ରାମ ସମୟରେ ଏହି ବିସଂଗତି ନ ଥିଲା। ଥିଲା କିନ୍ତୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କର ଜନତାଙ୍କ ପ୍ରତି ସମର୍ପଣ ଭାବ ଏହି ବିସଂଗତିକୁ ଏଡ଼େଇବାରେ ସକ୍ଷମ ହୋଇଥିଲା। ଗାନ୍ଧୀ ଭାରତୀୟ ସମାଜର ଏସବୁ ଦୁର୍ବଳତା ବା ବିସଂଗତି ବାବଦରେ ସଂପୂର୍ଣ୍ଣ ଭାବେ ଅବଗତ ଥିଲେ। ଏଥିପାଇଁ ସେ ରାମରାଜ୍ୟର ବିଚାରକୁ ଗୁରୁତ୍ୱ ଦେଉଥିଲେ ଯେଉଁଥିପାଇଁ ଭାରତୀୟ ସମାଜର ସବୁ ବର୍ଗ ତାଙ୍କ ନେତୃତ୍ୱକୁ ଗ୍ରହଣ କରି ଇଂରେଜଙ୍କ ବିରୋଧରେ ଲଢ଼ିଥିଲେ। ଗାନ୍ଧୀ ୧୯୩୧ରୁ ୧୯୩୬ ପର୍ଯ୍ୟନ୍ତ ଭାରତର ହିନ୍ଦୁ ସମାଜ ଦଳିତମାନଙ୍କୁ କରୁଥିବା ଦୁର୍ବ୍ୟବହାର ବିରୋଧରେ ଆନ୍ଦୋଳନ କରିଥିଲେ ଯେଉଁଥିପାଇଁ ତାଙ୍କ ଉପରେ ଦୁଇଥର ମରଣାତ୍ମକ ଆକ୍ରମଣ ମଧ୍ୟ ହୋଇଥିଲା। ଗାନ୍ଧୀ ସେତେବେଳେ ତଥାକଥିତ ଅସ୍ପୃଶ୍ୟ କୁହାଯାଉଥିବା ଜାତି ମାନଙ୍କର ଉତ୍ଥାନ ପାଇଁ ଜନ ଜାଗରଣ ସୃଷ୍ଟି କରିଥିଲେ ଏବଂ ସେମାନଙ୍କୁ ହରିଜନ ଆଖ୍ୟା ଦେଇଥିଲେ। ଗାନ୍ଧୀ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଚଳାଇ ସେମାନଙ୍କୁ ହିନ୍ଦୁ ସମାଜର ଅଭିନ୍ନ ଅଂଗରେ ପରିଣତ କରାଇଥିଲେ ଏବଂ ୧୯୩୨ ମସିହାରେ ପୁଣେରେ ଏହି ସମାଜର ନେତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ସହ ଆଲୋଚନା କରି ତଥାକଥିତ ଅସ୍ପୃଶ୍ୟଙ୍କ ପାଇଁ ଆମ୍ବେଦକର ଯେଉଁ ପୃଥକ୍ ନିର୍ବାଚନ ମଣ୍ଡଳୀ ଦାବି କରୁଥିଲେ ତାଙ୍କୁ ବନ୍ଦ କରିଦେଇଥିଲେ।

ଇଂରେଜମାନେ ଚାହୁଁଥିଲେ ଭାରତୀୟ ସମାଜକୁ ବିଖଣ୍ଡିତ କରି ସାମୂହିକ ଶକ୍ତିକୁ ନଷ୍ଟ କରିଦେବା ପାଇଁ। ୧୯୦୯ରେ ଇଂରେଜ ସରକାର ମୁସଲମାନମାନଙ୍କୁ ପୃଥକ୍ ନିର୍ବାଚନ ମଣ୍ଡଳୀ ଦେଇ ସାରିଥିଲେ ଏବଂ ଶିଖ ସମାଜ ପାଇଁ ୧୯୧୯ରେ ଏହି ବ୍ୟବସ୍ଥା ଲାଗୁ କରାଇଥିଲେ। ଏହା ପରେ ସେମାନେ ହିନ୍ଦୁ ସମାଜକୁ ଭାଗ ଭାଗ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଆମ୍ବେଦକର ଗାନ୍ଧୀଙ୍କ ପରାମର୍ଶକୁ ବୁଝିପାରିଥିଲେ । ହିନ୍ଦୁ ସମାଜ ସହ ରହିବା ପାଇଁ ରାଜି ହୋଇଥିଲେ। କିନ୍ତୁ ଆମ୍ବେଦକରଙ୍କ ସର୍ତ୍ତଥିଲା ବିଭିନ୍ନ ନିର୍ବାଚିତ ସଂସ୍ଥାରେ ହରିଜନମାନଙ୍କୁ ସଂରକ୍ଷଣ ମିଳିବ। ଏଣୁ ଭାରତ ସ୍ୱାଧୀନ ହେବା ପରେ ଭାରତର ସଂବିଧାନରେ ଦଳିତ ଓ ଆଦିବାସୀଙ୍କୁ ସେମାନଙ୍କ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଗଲା। ପରନ୍ତୁ ଭାରତରେ ଏକ ନୂଆ ଦାବି ଉଠିଲା ଯେ ପଛୁଆ ବର୍ଗଙ୍କୁ ଶିକ୍ଷିତ କରାଯାଇ ଉପରକୁ ଉଠିବାକୁ ଦିଆଯାଉ ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୧୯୫୩ ମସିହାରେ ପ୍ରଖ୍ୟାତ ସମାଜ ବିଜ୍ଞାନୀ କକା ସାହେବ କାଲେଲକରଙ୍କ ନେତୃତ୍ୱରେ ଏକ ପଛୁଆ ବର୍ଗ କମିଶନ ଗଠନ କରିଥିଲେ। କାଲେଇକର କମିଶନ ସାମାଜିକ ସଂରଚନାରେ ଗ୍ରାମୀଣ ସମାଜର ବହୁସଂଖ୍ୟକ ଲୋକଙ୍କ ବ୍ୟତୀତ ମହିଳାମାନଙ୍କୁ ମଧ୍ୟ ପଛୁଆ ବୋଲି ଘୋଷିତ କରିଦେଲେ। ଏଣୁ ପଛୁଆ ବର୍ଗର ପରିଭାଷା ବ୍ୟାପକ ହୋଇଗଲା। ଏବଂ କାଲେଲକର କମିଶନଙ୍କ ରିପୋର୍ଟ ଉପରେ ନେହେରୁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। କିନ୍ତୁ ସମ୍ବିଧାନରେ ଉଲ୍ଲିଖିତ ସମାଜକୁ ଦିଆଯିବାକୁ ଥିବା ସୁବିଧା ସୁଯୋଗ ସବୁ ଦିଆଗଲା।

କିନ୍ତୁ ପରବର୍ତ୍ତୀ ସମୟରେ ପଛୁଆ ବର୍ଗ (ଜାତି)ଙ୍କୁ ଭୋଟବ୍ୟାଙ୍କ ଭାବେ ପ୍ରସ୍ତୁତ କରିବାର ଉଦ୍ୟମ ହେଲା ଏବଂ ସାମାଜିକ ନ୍ୟାୟ ନାମରେ ଏହି କାର୍ଯ୍ୟର ଆରମ୍ଭ କରିଥିଲେ ସମାଜବାଦୀ ନେତା ଡ଼କ୍ଟର ରାମ ମନୋହର ଲୋହିଆ। ଲୋହିଆ ଏହି ବର୍ଗଙ୍କର ତତ୍କାଳୀନ କଂଗ୍ରେସ ଶାସନ ଉପରୁ ମୋହଭଙ୍ଗ କରିବା କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଲୋହିଆଙ୍କ ଏହି ଉଦ୍ୟମ ସତ୍ତ୍ୱେ ଭାରତୀୟ ରାଜନୀତିରେ କଂଗ୍ରେସର ସ୍ଥିତି ସୁଦୃଢ଼ ଥିଲା ଏବଂ ଗ୍ରାମାଞ୍ଚଳର ଲୋକେ ଅନେକ ପରିମାଣରେ କଂଗ୍ରେସକୁ ସମର୍ଥନ ଜାରି ରଖିଥିଲେ। ସବୁ ଦଳିତ ସମାଜ ଏବଂ ସଂଖ୍ୟାଲଘୁ ମୁସଲିମ ସମାଜ କଂଗ୍ରେସକୁ ସମର୍ଥନ କରୁଥିଲେ। ୧୯୬୭ର ସାଧାରଣ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠ ହୋଇପାରିନଥିଲା। ଉତ୍ତର ଭାରତର କେତେକ ରାଜ୍ୟରେ ତତ୍କାଳୀନ ଜନସଂଘ (ବର୍ତ୍ତମାନର ବିଜେପି) ଓ ସଂଯୁକ୍ତ ସୋସାଲିଷ୍ଟ ପାର୍ଟିର ଗୁରୁତ୍ୱ ବଢ଼ିଥିଲା ଓ ଦେଶର ଅନ୍ୟ କେତେକ ରାଜ୍ୟରେ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ସ୍ୱତନ୍ତ୍ର ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟି ସେମାନଙ୍କର ସ୍ଥିତି ସୁଦୃଢ଼ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଉତ୍ତର ପ୍ରଦେଶରେ ଏମିତି ଘଟଣା ଘଟିଲା ଯେ କଂଗ୍ରେସ ଭିତରେ କମ୍ପନ ସୃଷ୍ଟି ହୋଇଥିଲା କାରଣ ପଶ୍ଚିମ ଉତ୍ତର ପ୍ରଦେଶର ଛପରୋଲି ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ବିଧାୟକ ଓ ପୂର୍ବତନ ମନ୍ତ୍ରୀ ଚୌଧୁରି ଚରଣ ସିଂହ ଶାସନ ମୁଖ୍ୟ (ମୁଖ୍ୟମନ୍ତ୍ରୀ) ହେବା ପାଇଁ ଉଦ୍ୟମ କରିଥିଲେ ଓ କଂଗ୍ରେସର ମୁଖ୍ୟମନ୍ତ୍ରୀ ଥିବା ଚନ୍ଦ୍ରଭାନୁଗୁପ୍ତାଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ। ତାଙ୍କୁ ବୁଝାଇବା ପାଇଁ କଂଗ୍ରେସ ହାଇକମାଣ୍ଡ ଉଦ୍ୟମ କରିଥିଲେ କିନ୍ତୁ ଚରଣ ସିଂହ ୧୪ ବିଧାୟକଙ୍କ ସହ କଂଗ୍ରେସ ଦଳ ଛାଡିଥିଲେ। ସେତେବେଳେ ଉତ୍ତର ପ୍ରଦେଶ ବିଧାନ ସଭାର ସବୁ ବିରୋଧୀ ଦଳ ମାନେ ତାଙ୍କୁ ନେତା ବୋଲି ଘୋଷଣା କରିଥିଲେ ଓ ଚରଣ ସିଂହ ମୁଖ୍ୟମନ୍ତ୍ରୀ ହୋଇଥିଲେ।



ଚରଣ ସିଂହଙ୍କ ବିଦ୍ରୋହକୁ ଏକ ଭିନ୍ନ ରପ ଦିଆଗଲା ଓ ଏହାକୁ ପଛୁଆ ଜାତି ତାଙ୍କ ଦାବି ହାସଲ କରିଛନ୍ତି ବୋଲି ପ୍ରଚାର କରାଗଲା। ଚରଣ ସିଂହଙ୍କୁ ଅନୁକରଣ କରି ଅନ୍ୟ କେତେକ ରାଜ୍ୟରେ କଂଗ୍ରେସ ବିଧାୟକମାନେ ବିଦ୍ରୋହ ଆରମ୍ଭ କରିଥିଲେ। ଚରଣସିଂହ କିନ୍ତୁ ଜାତିବାଦର ବିରୋଧୀ ଥିଲେ ଓ ସେ ନିଜେ ଆର୍ଯ୍ୟ ସମାଜ ଥିଲେ। ଚୌଧୁରୀ ଚରଣ ସିଂହ ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳର ଜାତିମାନଙ୍କୁ ଏକତ୍ର କରିବା ଆରମ୍ଭ କଲେ ଫଳତଃ ସଂଖ୍ୟାଲଗୁ ଓ ଅନ୍ୟାନ୍ୟ ବର୍ଗ ତାଙ୍କ ପ୍ରତି ଆକର୍ଷିତ ହେଲେ। କିନ୍ତୁ ଏହା ସତ୍ତ୍ୱେ ଭାରତର ରାଜନୀତିରେ ଏଭଳି ପରିବର୍ତ୍ତନ ହେଲା ଯାହା ପୂରା ଦେଶର ଛବି/ଦିଶା ବଦଳାଇ ଦେଇଥିଲା। ୧୯୭୧ ଲୋକସଭା ନିର୍ବାଚନରେ କଂଗ୍ରେସ (ଇନ୍ଦିରା ଗାନ୍ଧୀ)କୁ ପ୍ରଚଣ୍ଡ ସଂଖ୍ୟାରେ ଏ ଦେଶର ଜନତା ଜିତାଇଥିଲେ। ସେତେବେଳେ ସବୁ ବିରୋଧୀଦଳ ଏକଜୁଟ ହୋଇମଧ୍ୟ କଂଗ୍ରେସକୁ ହରାଇ ପାରିନଥିଲେ। ଏଥି ପୂର୍ବରୁ ୧୯୬୯ରେ କଂଗ୍ରେସ ବିଭାଜିତ ହୋଇଥିଲା ଓ କଂଗ୍ରେସର ନେତୃତ୍ୱ ନେଇଥିଲେ ଇନ୍ଦିରାଗାନ୍ଧୀ।

ଏହା ପରେ ଜରୁରୀକାଳୀନ ପରିସ୍ଥିତି ପରେ କଂଗ୍ରେସର ପରାଜୟ ଓ ମୋରାରଜୀ ଦେଶାଇଙ୍କ ସରକାର, ଚୌଧୁରୀଚରଣ ସିଂହଙ୍କ ସରକାର ପରେ ପୁଣି ଇନ୍ଦିରାଗାନ୍ଧୀ, ରାଜୀବଗାନ୍ଧୀ, ଭିପି ସିଂହ, ଚନ୍ଦ୍ର ଶେଖର, ପିଭି ନରସିଂହରାଓ, ଅଟଳ ବିହାରୀ ବାଜପେୟୀ, ଦେବେଗୌଡ଼ା, ମନମୋହନ ସିଂହ ଓ ଏବେ ନରେନ୍ଦ୍ର ମୋଦୀଙ୍କ ଶାସନ ଚାଲିଛି। କିନ୍ତୁ ଜାତିଆଣ ଭୋଟ ବ୍ୟାଙ୍କ ପ୍ରକ୍ରିୟା ବଢ଼ିଚାଲିଛି। ଇଂରେଜ ମନେ ସେତେବେଳେ ଜାତି ଜାତି ଭିତରେ ବିଭାଜନ କରିବାକୁ ଚାହୁଁଥିଲେ କିନ୍ତୁ ଏବେ ନେତା ଚାହୁଁଛନ୍ତି ଜାତି ଆଧାରରେ ଭୋଟ। ଜାତିକୁ ନେଇ ରାଜନୀତି ଏବେ ଅସମ୍ଭାଳ ଅବସ୍ଥାରେ ପହଞ୍ଚିଲାଣି। ଗାନ୍ଧୀଙ୍କ କଥା ଜନତା ଭୁଲିଗଲେଣି। ଦେଖାଯାଉ ଏଭଳି କେତେ ଦିନ ଚାଲିବ ? ଜାତିଗତ ବିଭେଦ ଓ ଜାତିଆଣ ଭୋଟବ୍ୟାଙ୍କ ବ୍ୟବସ୍ଥା କେବେ ବିଲୋପ ହେବ ?

ରାମଚନ୍ଦ୍ରପୁର,ରଣପୁର
ମୋ:୯୪୩୮୪୮୫୦୯୪

# ମନେ ମନେ ଅଙ୍କ କଷିପାରେ ଜିରାଫ !

**ସ୍ପେନର ଏକ ଗବେଷଣାରେ ଏକଥା ଜଣାପଡିଛି। ଗବେଷକମାନେ ଜାଣି ପାରିଛନ୍ତି, ଜିରାଫ ଗଣିତର ପ୍ରଥମ ଧାପ, ଅର୍ଥାତ ସରଳତମ ଯୋଗ ସେମାନେ ନିଜେ କରିପାରନ୍ତି। ମନେ ମନେ ସଂଖ୍ୟାସହିତ ସଂଖ୍ୟାକୁ ଯୋଡି ଯୋଗଫଳର ଏକ ଧାରଣା ସେମାନେ ସହଜରେ କରିନେଇ ପାରନ୍ତି। କିନ୍ତୁ ସେମାନଙ୍କୁ 'ଫେଡାଣ' ବା ମାଇନସ ବିଲକୁଲ ଆସେ ନାହିଁ। କେଉଁ ଧରଣର ଗବେଷଣାରୁ ଗବେଷକମାନେ ଏକଥା ଜାଣିବାକୁ ପାଇଲେ ? ସ୍ପେନର ବାର୍ସାଲୋନା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଇକର ଲୟଡିଙ୍କ ନେତୃତ୍ୱରେ ଦଳେ ଗବେଷକ ଏଭଳି ପରୀକ୍ଷା ଚଳାଇଥିଲେ। ସେମାନଙ୍କ ଗବେଷଣାର ଫଳ ପ୍ରକାଶିତ ହୋଇଛି, 'ସାଇଣ୍ଟିଫିକ ରିପୋର୍ଟର୍ସ' ନାମକ ଏକ ପତ୍ରିକାରେ।**

## ସୁବାସ ଷଡ଼ଙ୍ଗୀ

ସେମାନେ ଅନେକ କଥା ଜାଣୁନା। ପ୍ରାଣୀ ଜଗତରେ ମଣିଷ ହେଉଛି ଏକମାତ୍ର ପ୍ରାଣୀ ଯିଏ ନିଜର ବୁଦ୍ଧି ଖଟାଇପାରେ। ବିଭିନ୍ନ ତଥ୍ୟ ଏବଂ ବସ୍ତୁ ତିଆରି କରିପାରେ। କଥା ମନେ ରଖିପାରେ। ମଣିଷକୁ ଛାଡିଦେଲେ, ଏମିତି ମନେ ରଖୁଥିବା ପ୍ରାଣୀ ହେଲେ ଶିମ୍ପାଞ୍ଜି,ଡଲଫିନ ଓ ହାତୀ। କିନ୍ତୁ ନିକଟରେ ଗବେଷକମାନେ ଜାଣି ପାରିଛନ୍ତି, ଜିରାଫ ମଧ୍ୟ ଅନେକକଥା ମନେରଖିପାରେ। ଜିରାଫର ବୁଦ୍ଧି ଅଛି। ଗଣିତ ବିଦ୍ୟାରେ ତାର ପାରଦର୍ଶିତା ରହିଛି।
ସ୍ପେନର ଏକ ଗବେଷଣାରେ ଏକଥା ଜଣାପଡିଛି। ଗବେଷକମାନେ ଜାଣି ପାରିଛନ୍ତି, ଜିରାଫ ଗଣିତର ପ୍ରଥମ ଧାପ, ଅର୍ଥାତ୍ ସରଳତମ ଯୋଗ ସେମାନେ ନିଜେ କରିପାରନ୍ତି। ମନେ ମନେ ସଂଖ୍ୟା ସହିତ ସଂଖ୍ୟାକୁ ଯୋଡି ଯୋଗଫଳର ଏକ ଧାରଣା ସେମାନେ ସହଜରେ କରିନେଇ ପାରନ୍ତି। କିନ୍ତୁ ସେମାନଙ୍କୁ 'ଫେଡାଣ' ବା ମାଇନସ ବିଲକୁଲ ଆସେ ନାହିଁ।
କେଉଁ ଧରଣର ଗବେଷଣାରୁ ଗବେଷକମାନେ ଏକଥା ଜାଣିବାକୁ ପାଇଲେ ? ସ୍ପେନର ବାର୍ସାଲୋନା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଇକର ଲୟଡିଙ୍କ ନେତୃତ୍ୱରେ ଦଳେ ଗବେଷକ ଏଭଳି ପରୀକ୍ଷା ଚଳାଇଥିଲେ। ସେମାନଙ୍କ ଗବେଷଣାର ଫଳ ପ୍ରକାଶିତ ହୋଇଛି, 'ସାଇଣ୍ଟିଫିକ ରିପୋର୍ଟର୍ସ' ନାମକ ଏକ ପତ୍ରିକାରେ। ପରୀକ୍ଷାମୂଳକ ଭାବେ ସେମାନେ ଚାରୋଟି ଜିରାଫଙ୍କ ଆଗରେ ଏକ ନିଚା ଟେବୁଲ ରଖିଲେ, ତା ଉପରେ ତିନୋଟି ପାତ୍ର ରଖିଲେ। ଏଇ ତିନୋଟି ପାତ୍ରରେ ରହିଥିଲା ଗାଜର ଖଣ୍ଡ। ପାତ୍ରଗୁଡିକ ଏପରିଭାବେ ରଖାଯାଇଥିଲା, ଯେଉଁଥିରେ ଜିରାଫମାନେ ଭଲଭାବରେ ପାତ୍ର ଭିତରେ କ'ଣ ସବୁ ଅଛି, ତାହା ଜାଣିପାରିବେ ନାହିଁ।
ପ୍ରଥମ ଦୁଇଟି ପାତ୍ରର ଢାଙ୍କୁଣି ଖୋଲି ପାଞ୍ଚ ସେକେଣ୍ଡ ପାଇଁ ଜିରାଫମାନଙ୍କୁ ଦେଖେଇ ଦିଆଯାଇଥିଲା ଗାଜର ଖଣ୍ଡଗୁଡିକୁ। ତାପରେ ତୃତୀୟ ପାତ୍ରରୁ ତିନୋଟି ଗାଜର ବାହାର କରି ପ୍ରଥମ ପାତ୍ରରେ ରଖି ଦିଆଯାଇଥିଲା। ଏହାପରେ ପାତ୍ରଗୁଡିକ ପୁଣିଥରେ ଜିରାଫମାନଙ୍କ ସମ୍ମୁଖରେ ରଖିଦିଆଯାଇଥିଲା। ଦେଖାଗଲା, ପାଞ୍ଚ ସେକେଣ୍ଡର ସେଇ ସ୍ମୃତି ଧରି ରଖି ଜିରାଫମାନେ ପ୍ରଥମ ପାତ୍ରଟିକୁ ବାଛି ନେଇଛନ୍ତି। ସେଥିରେ ଅଧିକ ସଂଖ୍ୟକ ଗାଜର ରହିଥିଲା। ଥରେ ନୁହେଁ, ବାରମ୍ବାର ସେମାନଙ୍କୁ ଏଭଳି ସୁଯୋଗ ଦିଆଯାଇଥିଲା। ଦୁଇ-ତୃତୀୟାଂଶ କ୍ଷେତ୍ରରେ ଜିରାଫମାନେ ସଠିକ ପାତ୍ରଟିକୁ ବାଛି ନେଇଥିଲେ। ଗବେଷକମାନେ ଦାବି କରନ୍ତି, ଏହା କେବଳ ଏକ ଅନ୍ଦାଜ ନୁହେଁ,ତିନୋଟି ଗାଜର ମନେ ମନେ ସେମାନେ ଯୋଗ କରିଥିଲେ। ଏହା ପୂର୍ବରୁ କୌଣସି ଜିରାଫଙ୍କ କ୍ଷେତ୍ରରେ ଏଭଳି କିଛି ପରୀକ୍ଷା କରାଯାଇ ନଥିଲା। ତେବେ



ପୂର୍ବରୁ ବାନର ବା ଶିମ୍ପାଞ୍ଜିମାନଙ୍କ କ୍ଷେତ୍ରରେ ଏଭଳି ପରୀକ୍ଷା ଅନେକ ଥର କରାଯାଇଛି। ସେଥିରୁ ସେମାନଙ୍କ ପାରଦର୍ଶିତାର ପ୍ରମାଣ ମିଳିଛି। ଅନ୍ୟ କୌଣସି ପ୍ରାଣୀ ଏହା ପୂର୍ବରୁ ଏଭଳି ପରୀକ୍ଷାରେ ପାସ କରି ପାରି ନାହାନ୍ତି। ବିଶେଷ କରି କ୍ଷୁରଯୁକ୍ତ ପ୍ରାଣୀମାନଙ୍କ କ୍ଷେତ୍ରରେ ଏହା ପ୍ରମାଣିତ ହୋଇ ନାହିଁ।
ଏଇ ଜିରାଫମାନଙ୍କ ଠାରୁ ଆଉ ଏକ ଶିକ୍ଷା ମିଳିଲା। ଯୋଗ କରିବା ପରିବର୍ତ୍ତେ, ଯେତେବେଳେ ପାତ୍ରଟିରୁ ତିନୋଟିଯାକ ଗାଜର କାଢି ନିଆଗଲା, ସେତେବେଳେ ସେମାନେ ପାତ୍ରଟିକୁ ଚିହ୍ନଟ କରିପାରି ନଥିଲେ। ଏହାର ଅର୍ଥ ସେମାନେ ଫେଡାଣ ବା ମାଇନସରେ ପୂରାପୂରି ଫେଲ। ଏ କ୍ଷେତ୍ରରେ ମଣିଷ ଶିଶୁ ସହିତ ଜିରାଫର କିଛିଟା ସାମଂଜସ୍ୟ ରହିଛି ବୋଲି ଗବେଷକମାନେ ମନେ କରନ୍ତି। ସାଧାରଣ ଭାବରେ ଯୋଗ ଠାରୁ ବିୟୋଗ ବା ଫେଡାଣ ଅଧିକ କଷ୍ଟସାଧ୍ୟ। ଏଣୁ ପିଲାମାନଙ୍କୁ ଯେତେବେଳେ ଶିକ୍ଷା ଦିଆଯାଏ, ପ୍ରଥମେ ଯୋଗ ବା ମିଶେଇବା ଶିଖାଯାଏ। ଫେଡାଣ ବା ମାଇନସ ଶିଖିବାକୁ ପିଲାଙ୍କୁ ଟିକିଏ ଅଧିକ ସମୟ ଲାଗେ। ଗବେଷକମାନଙ୍କର ଦାବି, ସ୍ୱୟଂକ୍ରିୟ ପ୍ରକ୍ରିୟାକରଣର ପରିବର୍ତ୍ତେ ମସ୍ତିଷ୍କର ଧୀର ବିବେଚନା ସହିତ ଯୁକ୍ତ ଅଞ୍ଚଳ ଗୁଡିକ ଉପରେ ଫେଡାଣ ନିର୍ଭର କରିଥାଏ। ଜିରାଫମାନଙ୍କ ମସ୍ତିଷ୍କର ସେହିସବୁ ଅଂଶ ବିକଶିତ ନୁହେଁ। ଲୟଡିଙ୍କ କଥାରେ, 'ମଣିଷକ୍ଷେତ୍ରରେ ଆମେ ଯାହା ଦେଖୁ ଏହା ସହିତ ଜିରାଫଙ୍କ ଗବେଷଣାର ଫଳାଫଳଗୁଡିକର ଅନେକ ସାଦୃଶ୍ୟ ରହିଛି। ସଂଖ୍ୟାର ସମସ୍ୟା ସମାଧାନରେ ମଣିଷ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କର ପାର୍ଥକ୍ୟ ରହିଛି। ସାଧାରଣ ଭାବରେ ଆମେ ଯୋଗ କରିବାକୁ ସହଜ ମନେ କରୁ ଆଉ ଫେଡାଣ କରିବାକୁ ଅଧିକ ସମୟ ନେଉ।
ଲଉଡିଙ୍କ ଏଭଳି ପରୀକ୍ଷା ନେଇ କେହି ପ୍ରଶ୍ନ କରିପାରନ୍ତି। ସତରେ କ'ଣ ଜିରାଫମାନେ ଗାଜରର ସଂଖ୍ୟା ମନେ ମନେ ଗଣୁଥିଲେ ? ନା, ପାତ୍ର ଉପରେ ମଣିଷର ହାତର ସ୍ପର୍ଶ ଅନୁସରଣ କରୁଥିଲେ ? ଏ କ୍ଷେତ୍ରରେ ନିଶ୍ଚିତ ହେବାକୁ ଏକାଧିକ ପାତ୍ର ସ୍ପର୍ଶ କରିଥିଲେ ଗବେଷକମାନେ। ପ୍ରତି କ୍ଷେତ୍ରରେ ଅଧିକ ଥିବା ଗାଜର ପାତ୍ରଗୁଡିକୁ ଜିରାଫମାନେ ବାଛି ନେଇଥିଲେ।
ଜିରାଫମାନଙ୍କ କ୍ଷେତ୍ରରେ ଏଭଳି ସଂଖ୍ୟାଗତ ଦକ୍ଷତାର ବିକାଶ କିପରି ହେଲା ? ସାଧାରଣ ଭାବରେ ଦେଖିବାକୁ ଗଲେ, ଆଫ୍ରିକାର ସାହାରା ମରୁଭୂମି ସଂଲଗ୍ନ ଅଞ୍ଚଳଗୁଡିକରେ ଏମାନେ ବାସ କରନ୍ତି। ଲଉଡିଙ୍କ ଗବେଷକ ଗୋଷ୍ଠୀମାନେ ମନେ କରନ୍ତି, ଜଙ୍ଗଲରେ ଏମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ରହନ୍ତି। ଅନେକ ସମୟରେ କେତେକ ଦଳରୁ ବିଚ୍ଛିନ୍ନ ହୋଇଯାହାନ୍ତି, ପୁଣି କେବେ ଏକାଠି ହୋଇଯାଆନ୍ତି। ସାଭନା ଅଂଚଳରେ ବଢୁଥିବା ଗଛପତ୍ରଗୁଡିକ ହେଉଛି, ଏମାନଙ୍କର ଖାଦ୍ୟ। ସଂଖ୍ୟା ଏବଂ ଖାଦ୍ୟ ପରିମାଣର ମୋଟାମୋଟି ହିସାବ ରଖିବା ଯୋଗୁଁ ସେମାନେ ଗଣନା ଜାଣିପାରନ୍ତି। ତେବେ ଏନେଇ ଗବେଷକମାନେ ମନେ କରନ୍ତି, ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଏଭଳି ପରୀକ୍ଷା ହେବା ଦରକାର। ଜିରାଫମାନଙ୍କ ସଂଖ୍ୟାବୋଧ କେତେଦୂର ପର୍ଯ୍ୟନ୍ତ ବିସ୍ତୃତ, ସେ ନେଇ ଆହୁରି ଗବେଷଣା ଦରକାର।
ଖାଲି ଜିରାଫ କାହିଁକି, ଏମିତି ଅନେକ ପ୍ରାଣୀ ଅଛନ୍ତି, ଯେଉଁମାନଙ୍କ ଠାରେ ଏଇସବୁ ଗୁଣ ରହିଛି। ସେ ନେଇ ଗବେଷଣା ହେଲେ ଅନେକ କଥା ଜଣା ପଡିବ।
ଭୁବନେଶ୍ୱର।
ମେ-୯୪୩୯୬୫୨୩୨୨

# ଗୁଣପୁର ସହରରେ ସମସ୍ତ ସିସି କ୍ୟାମେରା ଅଚଳ

ରାୟଗଡା,୯ ।୭(ନିପ୍ର): ରାୟଗଡା ଜିଲ୍ଲା ଗୁଣପୁର ସହରରେ ସମସ୍ତ ସିସି କ୍ୟାମେରା ଅଚଳ। ଅସାମାଜିକ ତଥା ଅପରାଧଜନିତ ଘଟଣାରେ ରୋକ ଲଗାଇବା ପାଇଁ ବା ନିୟନ୍ତ୍ରଣ ଆଣିବା ପାଇଁ ତଥା ଅସାମାଜିକ କାର୍ଯ୍ୟକଳା ପରେ ସମ୍ପୃକ୍ତ ଅପରାଧୀମାନଙ୍କ ମୁଖା ଖୋଲିବା ପାଇଁ ଗୁଣପୁର ସହରର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଗୁଡ଼ିକ ଲଗାଯାଇଥିଲା। ଗତ ୨୦୨୩ ଅଗଷ୍ଟ ୧୫ରେ ଗୁଣପୁର ପୌର ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଏବଂ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ଉକ୍ତ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ସିସି କ୍ୟାମେରାର ନିୟନ୍ତ୍ରଣ କକ୍ଷ ଗୁଣପୁର ଥାନାରେ ରହିଥିଲା। ଆଇନ ଶୃଙ୍ଖଳାର ସମସ୍ତ ଦିଗପ୍ରତି ଦୃଷ୍ଟିଦେଇ ସେହି ସ୍ଥାନରୁ ମନିଟରିଂ ସହ ପରିଚାଳନା ବ୍ୟବସ୍ଥା ମଧ୍ୟ ରହିଥିଲା। କିନ୍ତୁ ସମ୍ପ୍ରତି ଗୁଣପୁର ଥାନାରେ ଥିବା ନିୟନ୍ତ୍ରଣ କକ୍ଷର ସମସ୍ତ ସିସି କ୍ୟାମେରା ଫୁଟେଜ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ନଜରକୁ ଆସିଛି। ସେତେବେଳେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ସ୍ୱୟଂ ସମ୍ପୂର୍ଣ୍ଣା ରାଉତ ୪୬ ଲକ୍ଷ ଟଙ୍କା ବ୍ୟୟରେ ୧୧୬ ଗୋଟି ସିସି ଟିଭି କ୍ୟାମେରା ସହରରେ ଲାଗିଥିବା ନେଇ ସୂଚନା ଦେଇଥିଲେ। କେବଳ ଗୋଟିଏ ମାତ୍ର ଉଚ୍ଚ କ୍ଷମତା ସମ୍ପନ୍ନ ୩୬୦ ଡିଗ୍ରୀ ଏଚଡ଼ି ସିସି କ୍ୟାମେରା ସହରର ବାଇପାସ ଛକରେ ଲାଗିଥିବା ନେଇ ସୂଚନା ପ୍ରଦାନ କରିଥିଲେ। ବଳକା ସବୁ ଘର ମାନଙ୍କରେ ବ୍ୟବହୃତ ଛୋଟ ଛୋଟ ସିସି କେମେରା ସହରରେ ଲାଗିଥିବା ଦେଖିବାକୁ ମିଳେ। ଯେତିକି ପରିମାଣରେ ସିସି କ୍ୟାମେରା ପାଇଁ ଟଙ୍କା ବ୍ୟୟ କରାଯାଉଛି ସେଥିରେ ପ୍ରାୟ ୭୫ ଟି ଉଚ୍ଚ କ୍ଷମତା ସମ୍ପନ୍ନ ଅତ୍ୟାଧୁନିକ କେମେରା ଲଗାଯାଇ ପାରିଥାନ୍ତା ବୋଲି ବୈଷୟିକ ଯନ୍ତ୍ରୀ ମାନେ ମତ ପ୍ରଦାନ କରିଛନ୍ତି। ନିମ୍ନ ମାନର ଯୋଗୁଁ ପ୍ରକଳ୍ପ ଆରମ୍ଭ ହେବାର ଛଅ ମାସ ମଧ୍ୟରେ ଅର୍ଦ୍ଧାଧିକ କ୍ୟାମେରା ଅଚଳ ହୋଇପଡ଼ିଥିଲା। ତେବେ ପୌର କର୍ତ୍ତୃପକ୍ଷଙ୍କ ପରିଚାଳନା ଗତ ଅକ୍ଷମତା ଓ ରକ୍ଷଣାବେକ୍ଷଣ ଏବଂ ମରାମତି ଅଭାବରୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ପୋଲିସ ପ୍ରଶାସନ ପକ୍ଷରୁ ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୧୧୬ ଟି କ୍ୟାମେରା ନୁହଁ ୫୭ ଟି କ୍ୟାମେରା ଲାଗିଛି। ସ୍କ୍ରିନରେ ଏହା ଚିହ୍ନଟ ହୋଇଛି। ତାହା ମଧ୍ୟ ଦୀର୍ଘଦିନରୁ ଅଚଳ ହୋଇପଡିଥିବା ଜଣା ପଡିଛି। ଏଭଳି ଏକ ପରିସ୍ଥିତିରେ ସହରରେ ଅପରାଧ ଓ ଅମାନିଆ ଗାଡି ଚାଳକଙ୍କୁ କିପରି ନିୟନ୍ତ୍ରଣ କରାଯିବ ତାହା ପୋଲିସ ପ୍ରଶାସନ ପାଇଁ ଏକ ଚିନ୍ତାର କାରଣ ପାଲଟିଛି। ଅନେକ ସମୟରେ ଲକ୍ଷ୍ୟ କରାଯାଇଛି ଯେ, ଅପରାଧିକ କାର୍ଯ୍ୟକଳା ପରେ ଲିପ୍ତ ଲୋକଙ୍କୁ ସିସି କ୍ୟାମେରାକୁ ତନ୍ନତନ୍ନ କରି ଅନୁଧ୍ୟାନ କରି ପୋଲିସ ଧରିବାରେ ସଫଳ ହୋଇଥାଏ ଆବଶ୍ୟକ ସଂଖ୍ୟକ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଅଭାବକୁ ଅନୁଭବ କରିବାକୁ ଦେଉନଥିବା ବା ଦୂର କରି ପାରୁଥିବା ସିସି କ୍ୟାମେରା ଗୁଡ଼ିକ ଅଚଳ ହୋଇପଡିଥିବା ବେଳେ ପୌର କର୍ତ୍ତୃପକ୍ଷ ନିରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ପ୍ରକୃତ ପକ୍ଷେ ସିସି କ୍ୟାମେରା ପ୍ରକଳ୍ପ ପାଇଁ ନିୟମ ପ୍ରକାରେ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା କି ନାହିଁ, ୨ୟରେ କେଉଁ କମ୍ପାନୀ କ୍ୟାମେରା ଲଗାଇବା ଏବଂ ଏ ସବୁର ରକ୍ଷଣାବେକ୍ଷଣ ପାଇଁ ଠିକା ସଂସ୍ଥା ସହ କଣ ଚୁକ୍ତି କରାଯାଇଥିଲା, ସେନେଇ ପୌର କର୍ତ୍ତୃପକ୍ଷ ପାଟିଖୋଲୁ ନାହାନ୍ତି। ଗୁଣପୁର ପୌରପାଳିକାରେ ଆରଟିଆଇରେ ବର୍ଷାଧିକ କାଳ ବିତି ଯାଇଥିଲେ ମଧ୍ୟ ଦେଉନଥିବା ବେଳେ କେବଳ କାଳକ୍ଷେପଣ ନୀତିକୁ ଆପଣେଇ ଏଭଳି ସଫେଇ ଦେଇ ଆସୁଥିବା ଅଭିଯୋଗ ହେଉଛି। ଏଥିରେ ବଡଧରଣର ଦୁର୍ନୀତି ହୋଇଥିବା ସାଧାରଣରେ ଆଲୋଚନା ହେଉଥିବା ବେଳେ ଠିକା ସଂସ୍ଥା ସହ କଣ ଏଭଳି କାରବାର ହୋଇଥିଲା ଯେ, କର୍ତ୍ତୃପକ୍ଷ ତଥ୍ୟ ଦେବା ପାଇଁ ଅମଙ୍ଗ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରରେ ଲଗାଯାଇଥିବା କ୍ୟାମେରା ଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ସହର ବାସିନ୍ଦାଙ୍କ ଚିନ୍ତା ବହୁ ଗୁଣରେ ବଢ଼ି ଯାଇଛି। ପୌର ପାଳିକା ପକ୍ଷରୁ ଲଗାଯାଇଥିବା ସିସି କ୍ୟାମେରା ପ୍ରକଳ୍ପ ଉପରେ ଦୁର୍ନୀତିକୁ ନେଇ ସାଧାରଣରେ ହେଉଥିବା ଆଲୋଚନାକୁ ନେଇ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ନିରପେକ୍ଷ ତଦନ୍ତ କରାଯିବା ନେଇ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସହରର ସୁରକ୍ଷା ଦୃଷ୍ଟିରୁ ଏବଂ ଅପରାଧିକ ଗତିବିଧି ଉପରେ ନଜର ରଖିବା ପାଇଁ ଉଚ୍ଚ କ୍ଷମତା ବିଶିଷ୍ଟ ସିସି କ୍ୟାମେରା ଲଗାଇବା ପାଇଁ ପୋଲିସ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଗୁଣୁପୁର ସହରରେ ଅପରାଧ ଓ ଅସାମାଜିକ କାର୍ଯ୍ୟ ନିୟନ୍ତ୍ରଣ ପାଇଁ ସହରର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସମେତ ବିକ୍ରମପୁର ଛକ, ସୌରା ପ୍ରଧାନୀଗୁଡା, ପୁରୁଣା ଗୁଣପୁର ଜଗନ୍ନାଥ ମନ୍ଦିର ଛକ, ତ୍ରିନାଥ ମନ୍ଦିର ଛକ, ବଡ ବଜାର ଛକ, କଟିକା ସାହି ଛକ, ଦୈନିକ ବଜାର ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ହଳଦିଆ ନାଳ ଛକ, ମେଡିକାଲ ଛକ, ବାଇପାସ ଛକ, କୋର୍ଟ ଓ ଉପ -ଜିଲାପାଳ କାର୍ଯ୍ୟାଳୟ ଛକ, ଗୁଣପୁର କଲେଜ ଛକ, ପ୍ରମୁଖ ବ୍ୟାଙ୍କ, ଓ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ୩୬୦ ଡିଗ୍ରୀ ଫୋଟ ଉତ୍ତଳନ କରିପାରୁଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସହ ଗାଡିଗୁଡିକର ନମ୍ବର ସ୍କାନ କରିପାରୁଥିବା ଦିବାରାତ୍ରି କାଳୀନ ଏଚ ଡ଼ି କ୍ୟାମେରା ଲଗାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଭାରତୀୟ ଜନତା ପାର୍ଟି ଗୁଣପୁର ପୌରାଂଚଳର ସିସି କ୍ୟାମେରା କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିବା ସହ ଏହି ମର୍ମରେ ଉପ -ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛି। ଏହାସହିତ ଲୋକଙ୍କ ୪୬ ଲକ୍ଷ ପାଣିରେ ପଡ଼ିଲା ବୋଲି ସାଧାରଣରେ ଆଲୋଚନା ହେବା ଶୁଣିବାକୁ ମିଳୁଛି। ଗୁଣପୁର ପୌରାଞ୍ଚଳରେ ସିସି କ୍ୟାମେରା କାର୍ଯ୍ୟକ୍ଷମ କରିବାକୁ ବିଜେପିର ଦାବି। ବିଜେପି ଜାତୀୟ ରାଷ୍ଟ୍ରୀୟ ସଦସ୍ୟ ଯାଇ ଗଣପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁଣପୁର ଉପଜିଲ୍ଲାପାଳଙ୍କୁ ଭେଟି ପୌରାଞ୍ଚଳର ସିସି କ୍ୟାମେରା ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ସମ୍ପର୍କରେ ଉପଜିଲ୍ଲାପାଳ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରି ତୁରନ୍ତ ସିସି କ୍ୟାମେରା ଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ।

**ଲୋକଙ୍କ ୪୬ ଲକ୍ଷ ପାଣିରେ ପଡ଼ିଲା ବୋଲି ସାଧାରଣରେ ଆଲୋଚନା**

## କେସିଙ୍ଗା ସହରରେ 'ବାର୍'କୁ ନେଇ ତୀବ୍ର ଅସନ୍ତୋଷ

କେସିଙ୍ଗା,୯ ।୭ (ନିପ୍ର); କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଏକ ନୂତନ 'ବାର'କୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଓମ ନଗର ଓ ଗାୟତ୍ରୀ ନଗର ଅଞ୍ଚଳର ବାସିନ୍ଦାମାନେ ବାର ଖୋଲିବାକୁ ବିରୋଧ କରି ଆଦର୍ଶ ଥାନାର ଆଇଆଇସିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଲୋକେ ଓ ବିଜେପି କର୍ମୀଙ୍କ କହିବା ଅନୁଯାୟୀ, ବାର୍‌ଟି ଯଦି ଏହି




ସ୍ଥାନରେ ଖୋଲାଯାଏ, ତେବେ ସାଧାରଣ ଲୋକଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଉପରେ ପ୍ରଭାବ ପଡ଼ିବ । ସରକାରୀ ପକ୍ଷରୁ ଏହା ଉପରେ କୌଣସି ଅଧିକୃତ ମତାମତ ମିଳିନଥିବା କହିଛନ୍ତି। କେସିଙ୍ଗା–ଟିଟିଲାଗଡ଼ ମୁଖ୍ୟ ରାସ୍ତାରେ ଓମ ନଗର ଓ ଗାୟତ୍ରୀ ନଗର ନିକଟରେ ପ୍ରସ୍ତାବିତ ଏକ ନୂତନ 'ବାର୍'କୁ ବିରୋଧ କରି ସ୍ଥାନୀୟ ବାସିନ୍ଦାମାନେ ଏକାଠି ହୋଇ ଆପତ୍ତି ଜଣାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ସ୍ଥାନଟି ଘନବସତିପୂର୍ଣ୍ଣ ଆବାସିକ ଅଞ୍ଚଳ ହେବା ସହ କଳାହାଣ୍ଡି ଓ ବଲାଙ୍ଗୀରକୁ ସଂଯୋଗ କରୁଥିବା ଏକ ବ୍ୟସ୍ତ ରାସ୍ତା। ପ୍ରତିଦିନ ଏହି ରାସ୍ତାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ମହିଳା କର୍ମଚାରୀ, ଶ୍ରମିକ ଏବଂ ସାଧାରଣ ଲୋକ ଯାତାୟାତ କରୁଥିବାରୁ ବାର ଖୋଲିଲେ ସୁରକ୍ଷା ଓ ଆଇନ–ଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ବିଶେଷକରି ମହିଳା ଓ ଯୁବତୀମାନଙ୍କ ସୁରକ୍ଷାକୁ ନେଇ ସ୍ଥାନୀୟ ଲୋକ ଚିନ୍ତା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବାସିନ୍ଦାମାନେ ଆଦର୍ଶ ଥାନାର ଆଇଆଇସିଙ୍କୁ ଏକ ଲିଖିତ ଦାବିପତ୍ର ଦେଇ ବାର ଖୋଲିବା ପ୍ରସ୍ତାବକୁ ବନ୍ଦ କରିବା ସହ ଆଇନ–ଶୃଙ୍ଖଳା ଓ ଜନସୁରକ୍ଷା ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଜଙ୍ଗଲ କାଟିଲେ ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ

ରେଢ଼ାଖୋଲ,୯ ।୭ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ସ୍ତରୀୟ ରେଢ଼ାଖୋଲ ରେଞ୍ଜ ଅଧୀନ ଦଳଖମଣ ସଂରକ୍ଷଣ ଜଙ୍ଗଲରେ ୭୭ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ବନ ମହୋତ୍ସବରେ ରେଢ଼ାଖୋଲ ରେଞ୍ଜର ମୈତ୍ରି ମଞ୍ଜିତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଡ଼ିଏଫଓ ଡ଼ଃ ଏଲାବରେଶନ କେ, ଭାରପ୍ରାପ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଥାନା ଅଧିକାରୀ ସନୟ କୁମାର ନାଏକ, ଭୀମଭୋଇ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାଢ଼ୀ, ଏସିଏଫ୍ ଗଜେନ୍ଦ୍ର ଅନ୍ଦାଜ୍ ପ୍ରମୁଖ ମଞ୍ଚାସୀନ ରହି ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ତଥା ଜଙ୍ଗଲ କାଟିଲେ ପରିବେଶ ଉପରେ ପଡୁଥିବାକୁ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସିଏଏଫ୍ ମାଳତିଲତା ହାଁସଦା ପରିଚାଳନା କରିଥିଲେ। ଏହି ବନମହୋତ୍ସବରେ ଦଳଖମଣ ଠାରେ ୪ ଏକର ଜାଗାରେ ୫ ହଜାର ବୃକ୍ଷ ରୋପଣ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିରେ ୨୦ଟି ପ୍ରକାର ଗଛ ଚାରା ରୋପଣ ସହିତ ବିଶେଷ କରି ହାତୀମାନଙ୍କ ପାଇଁ ଆମ୍ବ, ପଣସ, ବାଉଁଶ ଗଛ ଚାରା ରୋପଣ କରାଯିବ। ଏହି ବନ ମହୋତ୍ସବରେ ଫରେଷ୍ଟର ଧର୍ମୁଧର ପ୍ରଧାନ, ଦିଲ୍ଲୀପ ବେହେରା ସମେତ ଅନ୍ୟ ସମସ୍ତ ବନ ବିଭାଗ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ। ଏହି ବନ ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଏସଏଚଜି ମହିଳା ତଥା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ମୃତକଙ୍କ ପରିବାରକୁ ଭେଟିଲେ ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟି

ବଲାଙ୍ଗିର,୯/୭ (ନିପ୍ର); ଗତ ୫ ତାରିଖରେ ହୋଇଥିବା ଲଗାଣ ବର୍ଷାରେ ପଥର୍ଲା ପଞ୍ଚାୟତର ଲୁହରେନପାଲି ଗ୍ରାମର ମୃତ ଗଣ୍ଡାରାମ କୁମ୍ଭାରଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ଏବଂ ସମବେଦନା ଜ୍ଞାପନ କରିଛି ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟି । ପ୍ରକାଶ ଥାଉ କି ଗତ ୫ ତାରିଖ ବର୍ଷାରେ ଗଣ୍ଡାରାମ କୁମ୍ଭାର (୭୬)ଙ୍କ କାନ୍ଥ ପଡି ମୃତ୍ୟୁ ହୋଯାଇଥିଲା । ତାଙ୍କ ସ୍ତ୍ରୀ ଲକ୍ଷ୍ମୀ କୁମ୍ଭାର (୭୦) ଅଳ୍ପକେ ବଂଚି ଯାଇଥିଲେ । ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ରେଡକ୍ରସ ପାଣ୍ଠିରୁ ଏବଂ ପ୍ରଶାସନ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବା ପାଇଁ ବ୍ଲକ କଂଗ୍ରେସ କମିଟି ଦାବି କରିଛି । ବ୍ଲକ କଂଗ୍ରେସ ତରଫରୁ ସଭାପତି ନରେଶ ବାଗ, ବରିଷ୍ଠ କଂଗ୍ରେସ ସଦସ୍ୟ ବଜରଂଗୀ ଅମାତ, ଗୋକୁଳ କୁଅଁର ଏବଂ ସ୍ୱେଚ୍ଛାସେବୀ ସରୋଜ କୁମାର ମେଶ୍ରା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ ।

## ଆରଡ଼ି ଶ୍ରାବଣୀ ଉତ୍ସବ ନିମନ୍ତେ ପ୍ରସ୍ତୁତି

ଭଦ୍ରକ,୯ ।୭ (ନିପ୍ର): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ -ବିଜେ ଆରଡ଼ିଙ୍କ ପବିତ୍ର ଶ୍ରାବଣ ଉତ୍ସବ – ୨୦୨୬ ର ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲପାଳ ରବି ନାରାୟଣ ସାହୁ ,ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଡି ଆଇ ବି ଶ୍ରୀ ଅଂଶୁମାନ୍ ଦ୍ୱିବେଦି ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମନ୍ଦିର ସେବାୟତମାନେ ମଧ୍ୟ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ଜଳାଭିଷେକ ପର୍ବ ୨୦.୦୭.୨୦୨୬ ସୋମବାର ଠାରୁ ଆରମ୍ଭ ହୋଇ ୨୪.୦୮.୨୦୨୬ ସୋମବାର ପର୍ଯ୍ୟନ୍ତ କ୍ରମାଗତ ୬ଟି ସୋମବାର ଅନୁଷ୍ଠିତ ହେବ। ଏହା ବ୍ୟତୀତ ଜୁଲାଇ ୧୯, ୨୬ ଏବଂ ଅଗଷ୍ଟ ୨, ୯, ୧୬ ଓ ୨୩ ତାରିଖ ରବିବାର ଦିନମାନଙ୍କରେ ମଧ୍ୟ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଆଜିର ଏହି ପ୍ରସ୍ତୁତି ବୈଠକରେ ଆଇନ ଶୃଙ୍ଖଳା ,ପୋଲିସ ଫୋର୍ସ ଓ ସ୍ୱେଚ୍ଛାସେବୀ ମାନଙ୍କୁ ନିଯୁକ୍ତି,ସୁରକ୍ଷାକର୍ମୀଙ୍କ ରହିବା ପାଇଁ ବ୍ୟବସ୍ଥା ,ଭକ୍ତମାନଙ୍କ ସୁବିଧା ପାଇଁ ଦର୍ଶନ ଲାଇନ୍ ନିୟନ୍ତ୍ରଣ ଓ ବ୍ୟାରିକେଡିଂ, ଆବଶ୍ୟକ ସ୍ଥଳେ ଓଡ୍ରାଫ ବାହିନୀ ନିଯୁକ୍ତି ଓ ନଦୀଘାଟରେ ଉଦ୍ଧାରକାରୀ ଦଳ ମୁତୟନ, ଅତିରିକ୍ତ ପାର୍କିଂ ସ୍ଥଳ ନିର୍ଦ୍ଧାରଣ ଓ ଆବଶ୍ୟକ ସ୍ଥଳେ ରାସ୍ତା ମରାମତି, ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଓ ଉତ୍ସବ ସ୍ଥଳର ସଜ୍ଜା ଓ ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ,ଭକ୍ତଙ୍କ ବିଶ୍ରାମ ପାଇଁ ରହିବା ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା ।

## ଗାଡ଼ି ଚାଳକ ପ୍ରଶିକ୍ଷଣ ଶିବିର

ନୟାଗଡ,୯ ।୭ (ନିପ୍ର): ନୟାଗଡ଼ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟ (ପିଟିଏସ୍) ପଡ଼ିଆଠାରେ ଦ୍ୱିତୀୟ ବ୍ୟାଚ୍ ଗାଡ଼ିଚାଳକ ପ୍ରଶିକ୍ଷଣ ଶିବିରର ଦୀକ୍ଷାନ୍ତ ସମାରୋହ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷଣ ବିଦ୍ୟାଳୟର ଅଧ୍ୟକ୍ଷ ଭିବେଶ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ, ନୟାଗଡ଼ ଏସ୍‌ଡିପିଓ ସୁସ୍ମିତା ପ୍ରଧାନ ଏବଂ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ।

ଏହି ଅବସରରେ ପ୍ରଶିକ୍ଷଣ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାୟକ କହିଥିଲେ ଯେ, ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିୟୋଜିତ କରାଯିବ। ପ୍ରଶିକ୍ଷଣରେ କୃତିତ୍ୱ ହାସଲ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଥିଲେ। ଅନୁଗୁଳର ପରେଶ ନାଥ ୧୭୭.୯ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, କନ୍ଧମାଳର ଗୋବର୍ଦ୍ଧନ ପରିଡ଼ା ୧୭୬ ମାର୍କ ସହ ଦ୍ୱିତୀୟ ଏବଂ ପୁରୀର ଜଗନ୍ନାଥ ସୁବୁଦ୍ଧି ୧୭୪.୩ ମାର୍କ ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ଶେଷରେ ସମସ୍ତ କୃତୀ ପ୍ରଶିକ୍ଷାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଚୌକି ମୋହରେ କର୍ମଚାରୀ, କର୍ମଚାରୀ ମୋହରେ ଅଧିକାରୀ

**ଗୃହ ଓ ନଗରଉନ୍ନୟନ ବିଭାଗର ବଦଳି ଆଦେଶକୁ ବି ମାନୁନାହାନ୍ତି କର୍ମଚାରୀ !**

ବଲାଙ୍ଗିର,୯ ।୭ (ନିପ୍ର): ଗତ ମେ ମାସରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶକ, ମୁନସିପାଲ ଏଡମିନ୍ଷ୍ଟ୍ରେସନଙ୍କ ପତ୍ର ସଂଖ୍ୟା-୧୩୨୫୮/ଏଚୟୁଡି ତା.୧୪/୫/୨୦୨୬ରେ ରାଜ୍ୟର ସମସ୍ତ କରପୋରେସନର କମିସନର, ସମସ୍ତ ମୁନିସିପାଲଟିର ନିର୍ବାହୀ ଅଧିକାରୀ, ସମସ୍ତ ଏନଏସିର ନିର୍ବାହୀ ଅଧିକାରୀଙ୍କୁ ୩ ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ବଦଳି କରିବାକୁ ଆଦେଶ କରିଥିଲେ ଏବଂ ସେହି ପତ୍ରରେ ଏହା ସେଟ୍ରାଂଲ ରିଲିଭ ଅଡର ବୋଲି ଉଲ୍ଲେଖ କରାଯାଇଛି । ତେଣୁ ଏହି ଚିଠି ମୁନିସିପାଲିଟିକୁ ପହଂଚିଲା ମାତ୍ରେ ଦିନେ ଦୁଇଦିନ ଭିତରେ ସମସ୍ତ କର୍ମଚାରୀମାନଙ୍କୁ ଅଧିକାରୀମାନେ ତୁରନ୍ତ ରିଲିଭ କରିଦେବା କଥା । କିନ୍ତୁ ବଲାଙ୍ଗିର ମୁନିସିପାଲିଟିରେ ଏହାର ବ୍ୟତିକ୍ରମ ଦେଖିବାକୁମିଳିଛି । କିଛି କର୍ମଚାରୀଙ୍କ ବଦଳି ଆଦେଶ ହେଲା ପରେ ସେମାନେ ଯେଉଁଠିକି ବଦଳି ହୋଇଛି ସେହି ସ୍ଥାନରେ ଯାଇ ଜଏନ କରିଥିବା ଜଣାଯାଇଛି । କିନ୍ତୁ ଦୀର୍ଘବର୍ଷ ହେଲା ଏଠାରେ ରହି ଆସିଥିବା କିଛି କର୍ମଚାରୀମାନେ ଏଠାରୁ ଯିବାକୁ ଅନିଛା ପ୍ରକାଶ କରୁଥିବା ବେଳେ ଅଧିକାରୀ ମଧ୍ୟ ଉକ୍ତ କର୍ମଚାରୀମାନଙ୍କୁ ଅନ୍ୟତ୍ର ଛାଡିବାକୁ ନାରାଜ । ତେବେ ବଲାଙ୍ଗିର ମ୍ୟୁନିସିପାଲଟିରେ ଥିବା ଏହି ଚୌକ ଗୁଡିକରେ ଏମିତି କଣ ମହୁ ଲାଗିଛି ଯେ କର୍ମଚାରୀମାନେ ଅନ୍ୟତ୍ର ବଦଳି ଯିବାକୁ ଇଚ୍ଛା




ପ୍ରକାଶ କରୁନାହାନ୍ତି । ଅଧିକାରୀଙ୍କ ଏହି କର୍ମଚାରୀମାନଙ୍କ ସହ ଏପରି କଣ ନିବିଡ ସଂପର୍କ ଅଛି ଯେ କେହି କାହାକୁ ଛାଡିବାକୁ ନାରାଜ । ଅନ୍ୟପଟେ ବଦଳି ପରେ ମଧ୍ୟ ଯାଉନ ଥିବା କର୍ମଚାରୀଙ୍କ ଚୌକି ମୋହ ଏବଂ ଅଧିକାରୀଙ୍କ କର୍ମଚାରୀ ମୋହ ବୋଲି ବଲାଙ୍ଗିର ମୁନିସିପାଲିଟି କାର୍ଯ୍ୟାଳୟରେ ଚର୍ଚ୍ଚା ହେଉଛି । ଅନ୍ୟପଟେ ଅନ୍ୟ ଯାଗାରୁ ବଦଳି ହୋଇ ଆସିଥିବା କର୍ମଚାରୀ ବଲାଙ୍ଗିର ମୁନିସିପାଲଟିରେ ଜଏନ କରି ସାରିଲେଣି ବୋଲି ଜଣାଯାଇଛି । ତେବେ ଜିଲ୍ଲାପାଳ ଏଦିଗର ପଦକ୍ଷେପ ନେଇ ବଦଳି ହେଲ ପରେ ମଧ୍ୟ ଯାଉନଥିବା କର୍ମଚାରୀମାନଙ୍କୁ ତୁରନ୍ତ ରିଲିଫ କରିବାକୁ ଦାବି ହେଉଛି ।

## ବାଲ୍ୟ ବିବାହ ବନ୍ଦ କଲା ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି,୯ ।୭ (ନିପ୍ର); ଗଜପତି ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ଉପରେ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ ଏବେ ବି ଏହି ବାଲ୍ୟ ବିବାହ ଜାରି ରହିଛି, ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ପୌରପାଳିକା ଅନ୍ତର୍ଗତ । ଏକ ୧୭ ବର୍ଷର ନାବାଳିକା ଦଶମ ଶ୍ରେଣୀରେ ପଢୁଅଛି, ତାହାର ବାହାଘର ଉଭୟ ବାପା ଏବଂ ମାଆ ସ୍ଥିର କରିଥିଲେ,ବାପା ଯେହେତୁ ଭିନ୍ନକ୍ଷମ ଅଟନ୍ତି ଏବଂ ମାଆ ଜଣେ ଦିନ ମଜୁରିଆ, ତେଣୁ ନିଜ ସମ୍ପର୍କୀୟ ମଧ୍ୟରେ ଝିଅଟିକୁ ବାହା ଦେବୁ ବୋଲି ସ୍ଥିରୀକୃତ କରିଥିଲେ ଏବଂ ବାହାଘର ପୂର୍ବରୁ ନିର୍ବନ୍ଧ କାର୍ଯ୍ୟଟି ମଧ୍ୟ ସମାପନ କରିଥିଲେ । ଇତି ମଧ୍ୟରେ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବରକୁ କଲ୍ ଆସିବା ପରେ



ଚାଇଲ୍ଡ ହେଲ୍ପ ଲାଇନର ଜ଼ିଲ୍ଲା ସଂଯୋଜିକା, ଚାଇଲ୍ଡ ହେଲ୍ପ ଲାଇନର କେସ ୱ୍ୱାର୍କର, ଆଇ.ସି ଡି. ସ୍ ସୁପରଭାଇଜର, ଓନ୍ ଟପ୍ ସେଣ୍ଟରର ମହିଳା କର୍ମୀ ଏବଂ ପାରଳାଖେମୁଣ୍ଡି ଥାନା ପୋଲିସଙ୍କ ମିଳିତ ଟିମ ଗଠନ କରି ବାଲ୍ୟ ବିବାହ ହେବାକୁ ଥିବା ଶିଶୁ କନ୍ୟାକୁ ଘରେ ପହଞ୍ଚି ବାଲ୍ୟ ବିବାହଟିକୁ ବନ୍ଦ କରାଗଲା ଏବଂ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇ ଶିଶୁ କଲ୍ୟାଣ ସମିତି ଗଜପତିଙ୍କଠାରେ ଉପସ୍ଥାପନା କରାଗଲା, ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପରିବାରର ସଦସ୍ୟ ଆଗାମୀ ଦିନରେ ଶିଶୁଟିକୁ ପାଠ ପଢ଼ାଇବେ ଏବଂ ବୟସ ନ ହେବା ପର୍ଯ୍ୟନ୍ତ ବିବାହ କରିବୁ ନାହିଁ ବୋଲି ଲିଖିତ ଆକାରରେ ଦେଇଥିଲେ, ଆଗାମୀ ଦିନରେ ଶିଶୁଟିର ଭବିଷ୍ୟତ ପାଇଁ ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ଝିଅଟିକୁ ପରାମର୍ଶ ଦେବା ସହ ଶିକ୍ଷାକୁ ସୁନିଶ୍ଚିତ କରିବେ ବୋଲି ଜଣାପଡିଛି ।

## ୩ ବେଆଇନ କରତକଳ ଉପରେ ବନବିଭାଗର ଚଢ଼ାଉ

ଚାରିଛକ,୯ ।୭ (ନିପ୍ର); ଚାରିଛକ ନିକଟସ୍ଥ ଆମ୍ଭୋରଛକ,ପୋଦନା,ବାମଦେଇପୁର ନିକଟରେ ଥିବା ୩ଟି ବେଆଇନ କରତକଳ ଉପରେ ବନ ବିଭାଗର ପକ୍ଷରୁ ଅଚାନକ ଚଢଉ ହୋଇଥିବା ଜଣାପଡିଛି । ଜିଲ୍ଲା ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଓ ସମ୍ବିଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ବାଲୁଖଣ୍ଡ ବନଖଣ୍ଡ ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଗୋପ, କୋଣାର୍କ, ନିମାପଡା ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହୁରା, ବ୍ରହ୍ମଗିରି ବନଖଣ୍ଡ ଅଧିକାରୀ ଚନ୍ଦ୍ର ଶେଖର ସାହୁ, ଅସ୍ତରଙ୍ଗ ବନଖଣ୍ଡ ଅଧିକାରୀ ମୋନାଲିସା ମହାପାତ୍ରଙ୍କ ସମେତ



ସ୍ଥାନୀୟ ପୁଲିସ, ସ୍ଥାନୀୟ ଆରଆଇ ରଶ୍ମିତା ପ୍ରଧାନ ଓ ଅତିରିକ୍ତ ରାଜସ୍ୱ ବିଭାଗ ଅଧିକାରୀ ମଙ୍ଗଳା ମଲ୍ଲିକଙ୍କ ସମେତ ପୁଲିସ ଫୋର୍ସ ସହ ଆମ୍ଭୋର,ପୋଦନା ଓ ବାମଦେଇପୁର ନିକଟରେ ଚାଲୁଥିବା ୩ଟି ବେଆଇନ କରତକଳ ଉପରେ ବନ ବିଭାଗର ଅଧିକାରୀମାନେ ଚଢଉ କରି ଲକ୍ଷାଧିକ ଟଙ୍କାର ଚିରଟ କାଠ ଓ ଯନ୍ତ୍ରାଂଶ ଜବତ କରିଥିବା ବେଳେ ଚାଲୁଥିବା ସବୁ ବେଆଇନ କରତ କଳ ଉପରେ ଚଢଉ ଜୋରଦାର କରାଯିବ ବୋଲି ଏସିଏଫ ପ୍ରକାଶ କରିଛନ୍ତି ।

## ଅସୁରକ୍ଷିତ ହ୍ୟାପି ଚାଇଲଡ୍ ହୋମ୍‌କୁ ସିଲ୍ କଲା ଗଜପତି ପ୍ରଶାସନ

ପାରଳାଖେମୁଣ୍ଡି,୯ ।୭ (ନିପ୍ର); ଗଜପତି ଜିଲ୍ଲା ମୋହନା ବ୍ଲକ୍ ରଙ୍ଗମାଟିଆ ଗ୍ରାମରେ କିଛି ଦିନ ଧରି ବେଆଇନ ଓ ଅସୁରକ୍ଷିତ ଭାବେ ଚାଲୁଥିବା ହାପି ଚାଇଲ୍ଡ ହୋମ୍ ନାମକ ଏକ ଘରୋଇ ଛାତ୍ରାବାସ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସିଲ୍ କରି ଦିଆଯାଇଛି। ସେଠାରୁ ୭୮ ଜଣ ଅନ୍ତେବାସୀଙ୍କୁ ଉଦ୍ଧାର କରାଯାଇଛି । ସରକାରୀ ନିୟମାବଳୀ ଉଲ୍ଲଂଘନ କରି ସେମାନଙ୍କୁ ଏହି ହୋମ୍‌ରେ ଅସୁରକ୍ଷିତ ପରିବେଶରେ ରଖାଯାଉଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଏକାଧିକ ଥର ନୋଟିସ ଜାରି କରାଯାଇଥିଲେ ମଧ ସଂସ୍ଥା କର୍ତ୍ତୃପକ୍ଷ ତାହାକୁ ଗୁରୁତ୍ୱ ଦେଇନଥିଲେ। ଫଳରେ, ଆଜି ମୋହନା ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଚକ୍ରଧର ପାଢୀଙ୍କ ଉପସ୍ଥିତିରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଶିକ୍ଷା ବିଭାଗ ଓ ପୁଲିସର ମିଳିତ ଟିମ୍ ଚଢ଼ଉ କରି ଅନ୍ତେବାସୀଙ୍କୁ ଉଦ୍ଧାର କରିବା ସହ ହୋମ୍‌କୁ ସିଲ୍ କରିଦିଆଯାଇଛି । ଉଦ୍ଧାର ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଗଜପତିଙ୍କ ଆଗରେ ଉପସ୍ଥାପନ କରାଯାଇଛି ଏବଂ ସେମାନେ ୭୧ ଜଣ ଶିଶୁଙ୍କୁ ସେମାନଙ୍କର ପିତାମାତାଙ୍କୁ ହସ୍ତାନ୍ତର କରଛନ୍ତି । ସେମାନଙ୍କ ମଧ୍ୟରୁ ୫୨ ଜଣ ଶିଶୁ ଅନୁସୁଚିତ ଜାତି ଓ ଜନଜାତି ବର୍ଗର ଥିଲାବେଳେ ସମସ୍ତଙ୍କ ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ହଷ୍ଟେଲର ବନ୍ଦୋବସ୍ତ କରିଛନ୍ତି। ଅନ୍ୟ ଶିଶୁମାନେ କିପରି ଶିକ୍ଷାରୁ ବଞ୍ଚିତ ନହେବେ ସେଥିପାଇଁ ଜିଲ୍ଲା ଶିକ୍ଷାଧିକାରୀ ମୋହନ ବ୍ଲକ୍‌ର ବିଇଓ ଏବଂ ସମସ୍ତ ସିଆରସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଢ଼ଉରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଶାରଳା ପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅମିୟ ତ୍ରିପାଠୀ ଏବଂ ସଭ୍ୟ ପ୍ରେମାନନ୍ଦ ବେଉରା ଓ ସଭ୍ୟା ରିତା ଦାସ, ଅଡ଼ବା ଓ ମୋହନା ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀ, ୱାନଷ୍ଟପ ସେଣ୍ଟରର କେନ୍ଦ୍ର ପରିଚାଳିକା ସୁନିତା ରଥ, ଡ଼େଷ୍ଟାର ହୋମ ଶିଶୁ ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ ଶତପଥି ଏବଂ ଏକତା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାମାଜିକ କର୍ମୀ ଅନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶୁଦ୍ଧ ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକ

ଭାପୁର,୯ ।୭ (ନିପ୍ର); ଭାପୁର ବ୍ଲକ ପ୍ରଶାସନ ଜନସାଧାରଣଙ୍କ ମୌଳିକ ସମସ୍ୟା ବିଶୁଦ୍ଧ ପାନୀୟ ଜଳ ଯୋଗେଇ ପାରୁ ନ ଥିବାରୁ ଗତ ଜୁନ ମାସ ୧୬ ତାରିଖରେ ବାଉଁଶବାଟୀ ଗ୍ରାମବାସୀ ରାସ୍ତାରୋକ କରିଥିବାବେଳେ ଜୁଲାଇ ମାସ ୯ ତାରିଖ ଗୁରୁବାର ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ରାସ୍ତାରୋକ କରିଛନ୍ତି। ଫଳରେ, ୪୮ ନମ୍ବର ଜାତୀୟ ରାଜ୍ୟ ରାଜପଥ ସକାଳୁ ୬ ଘଣ୍ଟା ଧରି ଯାତାୟାତ ଠପ ହୋଇଥିଲା। ଉଲ୍ଲେଖଯୋଗ୍ୟ,ମାଧପୁର ଗ୍ରାମର ୯ ଗୋଟି ୱାର୍ଡରୁ ପ୍ରାୟ ୫୦୦୦ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇଁ ଗତ ୪ ବର୍ଷ ଧରି ବଞ୍ଚିତ ହୋଇଥିବାରୁ ଏପ୍ରିଲ ମାସରେ ରାସ୍ତାରୋକ କରିଥିଲେ।



ଘଟଣାସ୍ଥଳରେ, ବିଭାଗୀୟ ପ୍ରଶାସନିକ ଅଧିକାରୀ ମାନେ ପହଞ୍ଚି ଆନ୍ଦୋଳନରତ ଜନସାଧାରଣଙ୍କୁ ବୁଝାଶୁଝା କରି ୧୫ ଦିନ ଭିତରେ ସମସ୍ତ ଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗେଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ,ଏ ଭିତରେ ୪ ମାସ ହୋଇଥିଲେ ମଧ ପ୍ରଶାସନ ତାର ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ଜନସାଧାରଣ ଉତ୍ୟକ୍ତ ହୋଇ ଗୁରୁବାର ସକାଳୁ ରାସ୍ତାରୋକ ଆରମ୍ଭ କରିଥିଲେ ।ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଆଇ.ଆଇ.ସି. ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ପହଞ୍ଚି ଥିଲେ ।ଖବରପାଇ ଜ଼ିଲ୍ଲା ଜଳସମ୍ପଦ ବିଭାଗର ନିର୍ବାହୀଯନ୍ତ୍ରୀ ଆଲୋକ କୁମାର ପଣ୍ଡା,ଆସିଷ୍ଟାଣ୍ଟ ଇଞ୍ଜିନିୟର, ବ୍ଲକ ଉପାଧ୍ୟକ୍ଷ ଏବଂ ଗ୍ରାପ ଜନପ୍ରତିନିଧି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦୁଇ ମାସ ମଧ୍ୟରେ ପାଣି ଯୋଗେଇ ଦେବାକୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନକୁ ନେଇ ଦ୍ୱନ୍ଦ୍ୱ

ଭାପୁର,୯ ।୭ (ନିପ୍ର): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ବହୁ ଆଡମ୍ବର ସହକାରେ ଉଦଘାଟନ ହେବ ବୋଲି ସ୍ଥାନୀୟ ଜନନେତା ଡିଣ୍ଡିମ ପିଟୁଥିବା ବେଳେ କେଉଁ ପରିସ୍ଥିତିରେ କାହା ପାଖରେ ଖବର ନ ଥାଇ ଉଦ୍‌ଘାଟନ ହେଲା ତାହା ଭାପୁରବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଦ୍‌ଘାଟନକୁ ନେଇ କୌଣସି ଖବର ନାହିଁ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ ବିଶ୍ୱନାଥ ସାହୁ କହୁଥିବା ବେଳେ ରାଷ୍ଟ୍ରପତି ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ବୋଲି ଜ଼ିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ସୁଶାନ୍ତ ସ୍ୱାଇଁ କହିଛନ୍ତି। କାହା କଥା ମେଳ ଖାଉ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନ ହୋଇଛି କି ନାହିଁ ସମସ୍ତେ ଦ୍ୱନ୍ଦ୍ୱରେ ପଡିଥିବାବେଳେ ରାତାରାତି ଉଦ୍‌ଘାଟନ ଫଳକ କିଏ ଲଗେଇବା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଭାପୁର ବ୍ଲକର ଜନସାଧାରଣ ତଥା ବରିଷ୍ଠ ନାଗରିକ ମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଦୁଇ ବର୍ଷ ତଳେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବକଳେବର ପାଇଁ



୭ କୋଟି ୯୦ ଲକ୍ଷ ୨୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା ।ସେହି ଟଙ୍କାରେ ୩ ମହଲା ବିଶିଷ୍ଟ ୮୩ ଗୋଟି ପ୍ରକୋଷ୍ଠ ନିର୍ମାଣ କରାଯାଇଛି। ଏହି ପ୍ରକୋଷ୍ଠ ଗୁଡିକରେ ସ୍ୱାସ୍ଥ୍ୟଗତ ସମସ୍ୟା ର ସମାଧାନ ନିମନ୍ତେ ସମସ୍ତ ବିଭାଗ କାର୍ଯ୍ୟ କରିବ। ଏହି ଆଧୁନିକତା ସମ୍ପନ୍ନ ସ୍ୱାସ୍ଥ୍ୟକେନ୍ଦ୍ର କେବେ ଉଦଘାଟନ ହୋଇ କାର୍ଯ୍ୟକାରୀ ହେବ ଭାପୁର ବ୍ଲକର ଜନସାଧାରଣ ଚାହିଁ ବସିଥିବାବେଳେ ଭିତରେ ଭିତରେ ସେହି ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କ ଅଜାଣତ ରେ ଉଦଘାଟନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ ଜ଼ିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ସୁଶାନ୍ତ ସାହୁ କହିବା ଅନୁଯାୟୀ, ଜୁନ ମାସ ୨୬ ତାରିଖ ଦିନ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତ ସମୟରେ ଆଭାସୀ ମଧ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟିତ ହୋଇଛି।

# ଅଷ୍ଟ୍ରେଲିଆ-ଭାରତ ସିଇଓ ଫୋରମକୁ ସମ୍ବୋଧିତ କଲେ ମୋଦି




ନୂଆଦିଲ୍ଲୀ,୯।୭(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ମିଳିତ ଭାବେ ମେଲବୋର୍ଣ୍ଣଠାରେ ଅଷ୍ଟ୍ରେଲିଆ-ଭାରତ ସିଇଓ ଫୋରମ୍ ଏବଂ ଇକୋନୋମିକ୍ ରୋଡମ୍ୟାପ୍ ବିଜନେସ୍ ଇଭେଣ୍ଟକୁ ସମ୍ବୋଧିତ କରିଛନ୍ତି। ଏହି ଦୁଇଟି କାର୍ଯ୍ୟକ୍ରମରେ ଭାରତ ଏବଂ ଅଷ୍ଟ୍ରେଲିଆର ପ୍ରମୁଖ ସିଇଓ ଏବଂ ବ୍ୟବସାୟିକ ନେତୃବୃନ୍ଦ, ପ୍ରମୁଖ ଅଷ୍ଟ୍ରେଲୀୟ ସୁପରଆନୁଏସନ ଫଣ୍ଡ ଏବଂ ପ୍ରତିଷ୍ଠାନିକ ନିବେଶକମାନଙ୍କ ପ୍ରତିନିଧି ଏବଂ ଅଷ୍ଟ୍ରେଲିଆର ଅଗ୍ରଣୀ ବିଶ୍ୱବିଦ୍ୟାଳୟମାନଙ୍କର କୁଳପତିମାନେ ଅଂଶଗ୍ରହଣ କରିଥିଲେ। ସିଇଓ ଫୋରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ଭାରତର ସୁଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, ନୀତିଗତ ସଂସ୍କାର, ଡିଜିଟାଲ୍ ରୂପାନ୍ତରଣ ଏବଂ ସମ୍ପ୍ରସାରିତ ହେଉଥିବା ନବୋନ୍ମେଷ ପରିସଂସ୍ଥା ଅଷ୍ଟ୍ରେଲୀୟ ଅଂଶୀଦାରମାନଙ୍କ ପାଇଁ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରୁଛି। ଭାରତୀୟ ଏବଂ ଅଷ୍ଟ୍ରେଲୀୟ ଅର୍ଥନୀତି ମଧ୍ୟରେ ଥିବା ପରିପୂରକତାକୁ ରେଖାଙ୍କିତ କରି ପ୍ରଧାନମନ୍ତ୍ରୀ ମୋଦି ଭାରତର ଉତ୍ପାଦନ, ସ୍ୱଚ୍ଛ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଖନନ, ଭିତ୍ତିଭୂମି, ସହରୀ ବିକାଶ, ବିମାନ ଚଳାଚଳ, ଲଜିଷ୍ଟିକ୍ସ, ଉନ୍ନତ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ଫିନଟେକ୍, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଡିଜିଟାଲ୍ ଅର୍ଥନୀତି କ୍ଷେତ୍ରଗୁଡ଼ିକରେ ଉପଲବ୍ଧ ବ୍ୟାପକ ସୁଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଭାରତର ବୃହତ ପରିସର ଏବଂ ଅଷ୍ଟ୍ରେଲିଆର ଦକ୍ଷତା ଉଭୟଙ୍କ ପାଇଁ ଏକ ଲାଭଦାୟକ ପରିସ୍ଥିତି ସୃଷ୍ଟି କରୁଛି। ପ୍ରଧାନମନ୍ତ୍ରୀ ମୋଦି ଅଷ୍ଟ୍ରେଲୀୟ ନିବେଶକମାନଙ୍କୁ ଭାରତରେ ଦୀର୍ଘକାଳୀନ ନିବେଶର ସୁଯୋଗର ଲାଭ ଉଠାଇବା ପାଇଁ ଆମନ୍ତ୍ରଣ କରିଥିଲେ। ସେ ଭାରତରେ ଅଷ୍ଟ୍ରେଲୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ବଢୁଥିବା ଉପସ୍ଥିତିକୁ ସ୍ୱାଗତ କରିଥିଲେ ଏବଂ ଆଲୋକପାତ କରିଥିଲେ ଯେ ଉଚ୍ଚଶିକ୍ଷା, ଗବେଷଣା, ନବୋନ୍ମେଷ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଗଭୀର ସହଯୋଗ କେବଳ ଉଭୟ ଦେଶର ପ୍ରତିଭାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବ ନାହିଁ, ବରଂ ସେମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗଗୁଡ଼ିକର ଲାଭ ଉଠାଇବାରେ ମଧ୍ୟ ସାହାଯ୍ୟ କରିବ। ସିଇଓ ଫୋରମ୍ ପରେ, ପ୍ରଧାନମନ୍ତ୍ରୀ ମୋଦି ଇକୋନୋମିକ୍ ରୋଡମ୍ୟାପ୍ ବିଜନେସ୍ କାର୍ଯ୍ୟକ୍ରମକୁ ମଧ୍ୟ ସମ୍ବୋଧିତ କରିଥିଲେ। ଏଥିରେ ଉଭୟ ପକ୍ଷର ୨୦୦ ରୁ ଅଧିକ ସିଇଓ ଏବଂ ବ୍ୟବସାୟିକ ନେତୃବୃନ୍ଦ ଯୋଗ ଦେଇଥିଲେ। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଥିବା ପ୍ରାକୃତିକ ସମନ୍ୱୟ ବିଷୟରେ କହି ସେ ଦୁଇ ଦେଶର ଜନସାଧାରଣଙ୍କ ଭିତରେ ଥିବା ମିଳିତ ଗଣତାନ୍ତ୍ରିକ ମୂଲ୍ୟବୋଧ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଏକ ସାଧାରଣ ଦୂରଦୃଷ୍ଟି, ଜୀବନ୍ତ ଜନସମ୍ପର୍କ ଏବଂ ଦୃଢ଼ ରାଜନୈତିକ ବୁଝାମଣା ଉଭୟ ଦେଶ ମଧ୍ୟରେ ବ୍ୟବସାୟିକ ସହଭାଗିତା ବୃଦ୍ଧି ଏବଂ ଏକତ୍ର ସମୃଦ୍ଧ ହେବା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି। ୨୦୨୨ର ଅର୍ଥନୈତିକ ସହଯୋଗ ଏବଂ ବାଣିଜ୍ୟ ଚୁକ୍ତି ଉପରେ ଆଧାରିତ ବାଣିଜ୍ୟ ଏବଂ ନିବେଶ ସମ୍ପର୍କର ଅଭିବୃଦ୍ଧି ପ୍ରତି ସନ୍ତୋଷ ବ୍ୟକ୍ତ କରି, ସେ ପ୍ରସ୍ତାବିତ ବ୍ୟାପକ ଅର୍ଥନୈତିକ ସହଯୋଗ ଚୁକ୍ତିର ଶୀଘ୍ର ସମାପ୍ତି ପାଇଁ ଆହ୍ୱାନ ଦେଇଥିଲେ, ଫଳରେ ବ୍ୟବସାୟିକ ସମ୍ପର୍କକୁ ଏକ ନୂତନ ସ୍ତରକୁ ନିଆଯାଇପାରିବ।

## ଏମସିଡି ଅଧିକାରୀଙ୍କୁ ସୁପ୍ରିମକୋର୍ଟଙ୍କ ସମନ



ନୂଆଦିଲ୍ଲୀ,୯।୭: ଦିଲ୍ଲୀରେ ବେଆଇନ ଓ ବିପଦଜନକ କୋଠା ନିର୍ମାଣକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି କୋଠା ବିରୋଧରେ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ (ଏମସିଡି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଏମସିଡିର କମିସନର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ଦିନ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ ମଧ୍ୟ କହିଛନ୍ତି। ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଦିଲ୍ଲୀରେ ବେଆଇନ ନିର୍ମାଣ ଓ ବିପଜ୍ଜନକ କୋଠା ସମସ୍ୟା ବର୍ଷ ବର୍ଷ ଧରି ଚାଲିଆସୁଛି। କିନ୍ତୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଏହାକୁ ରୋକିବାରେ ପ୍ରଭାବଶାଳୀ ପଦକ୍ଷେପ ନେଉନାହାନ୍ତି। ଏହା ଯୋଗୁଁ ଲୋକଙ୍କ ଜୀବନ ବିପଦରେ ପଡୁଛି ଏବଂ ଅନେକ ସମୟରେ କୋଠା ଭୁଶୁଡ଼ି ପ୍ରାଣହାନି ମଧ୍ୟ ଘଟୁଛି। ଅଦାଲତ ପ୍ରଶ୍ନ କରିଛନ୍ତି ଯେ, ବେଆଇନ ନିର୍ମାଣ ହେଉଥିବାବେଳେ ସମ୍ପୃକ୍ତ ଅଧିକାରୀମାନେ କାହିଁକି ନିରବ ରହୁଛନ୍ତି। କୋଠା ନିର୍ମାଣ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଆରମ୍ଭରୁ ଏହାକୁ ରୋକିବା ପାଇଁ କ'ଣ ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ମଧ୍ୟ କୋର୍ଟ ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଯଦି ନିୟମିତ ଭାବେ ନିରୀକ୍ଷଣ କରାଯାଏ, ତେବେ ଅଧିକାଂଶ ବେଆଇନ ନିର୍ମାଣକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋକାଯାଇପାରିବ। ସୁପ୍ରିମକୋର୍ଟ ଏମସିଡିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଦିଲ୍ଲୀରେ ଚିହ୍ନଟ ହୋଇଥିବା ବିପଜ୍ଜନକ କୋଠା, ସେଗୁଡ଼ିକ ବିରୋଧରେ ନିଆଯାଇଥିବା ପଦକ୍ଷେପ, ଭଙ୍ଗାଯାଇଥିବା କୋଠାର ସଂଖ୍ୟା ଏବଂ ଏବେ ବି କେତେ କୋଠା ବିପଜ୍ଜନକ ଅବସ୍ଥାରେ ରହିଛି, ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ପଡ଼ିବ।

## ଚାକିରି ଓ ପାଠପଢ଼ା ପାଇଁ ସ୍ୱିଜରଲ୍ୟାଣ୍ଡ ବିଶ୍ୱର ୧ ନମ୍ବର ସ୍ଥାନ

ନୂଆଦିଲ୍ଲୀ,୯।୭: ହେନଲେ ଅପର୍ଚୁନିଟି ଇଣ୍ଡେକ୍ସ-୨୦୨୬ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଉତ୍ତମ ଶିକ୍ଷା ଏବଂ ଚାକିରି ପାଇଁ ବିଶ୍ୱର ଶ୍ରେଷ୍ଠ ୧୫ଟି ଦେଶର ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଭଲ ପାଠପଢ଼ା ଏବଂ ଚାକିରି ପାଇଁ ସବୁବେଳେ ଆଗରେ ରହୁଥିବା ଆମେରିକା ଏବଂ ବ୍ରିଟେନ ଭଳି ଶକ୍ତିଶାଳୀ ଦେଶ ଶ୍ରେଷ୍ଠ ୩ଟି ସ୍ଥାନରେ ମଧ୍ୟ ନିଜର ସ୍ଥାନ ସୁରକ୍ଷିତ କରିପାରିନାହାଁନ୍ତି।ଏହି ସୂଚକାଙ୍କ ଅନୁଯାୟୀ, ୮୬ ପ୍ରତିଶତ ସ୍କୋର ସହ ସ୍ୱିଜରଲ୍ୟାଣ୍ଡ୍ ବିଶ୍ୱର ୧ ନମ୍ବର ସ୍ଥାନ ଅଧିକାର କରିଛି। ଏଠାରେ ବ୍ୟାଙ୍କିଙ୍ଗ୍, ଫାର୍ମାସ୍ୟୁଟିକାଲ୍ସ ଏବଂ କମୋଡିଟି କ୍ଷେତ୍ରରେ କ୍ୟାରିୟର ଗଠନ ପାଇଁ ବିପୁଳ ସୁଯୋଗ ରହିଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ସିଙ୍ଗାପୁର (୮୧%) ଏବଂ ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆ (୮୦%) ରହିଛନ୍ତି। ଏହି ରିପୋର୍ଟ କୌଣସି ଦେଶର ଜିଡିପିକୁ ଦେଖି ନୁହେଁ ବରଂ ସେଠାରେ ରହୁଥିବା ସାଧାରଣ ଲୋକଙ୍କ ନିଜର ପରିଶ୍ରମ ଓ ଦକ୍ଷତା ଆଧାରରେ ଆଗକୁ ବଢ଼ିବାର ସୁଯୋଗକୁ ବିଚାର କରି ପ୍ରସ୍ତୁତ କରାଯାଇଥାଏ। ଏହି ରାଙ୍କିଂ ପ୍ରସ୍ତୁତ କରିବା ପାଇଁ ଶିକ୍ଷାର ଗୁଣବତ୍ତା, ରୋଜଗାର ଏବଂ କ୍ୟାରିୟରର ସୁଯୋଗ, ଆୟ କରିବାର କ୍ଷମତା, ଜୀବନଶୈଳୀର ମାନ, ସାମାଜିକ ସୁରକ୍ଷା ଏବଂ ନୂତନ ବ୍ୟବସାୟ ଆରମ୍ଭ କରିବାର ସୁବିଧାକୁ ମାନଦଣ୍ଡ ଭାବେ ଗ୍ରହଣ କରାଯାଏ।ଏହା ବ୍ୟତୀତ ଅଷ୍ଟ୍ରିଆ, ସଂଯୁକ୍ତ ଆରବ ଏମିରେଟ୍ସ , ନ୍ୟୁଜିଲ୍ୟାଣ୍ଡ ଏବଂ ହଂକଂ ଭଳି ଦେଶ ମଧ୍ୟ ଏହି ଶ୍ରେଷ୍ଠ ୧୫ଟି ଦେଶ ମଧ୍ୟରେ ସ୍ଥାନ ପାଇଛନ୍ତି।

## ସୁସ୍ମିତା ଦେବଙ୍କ ସମେତ ୩ ପୂର୍ବତନ ଟିଏମସି ସାଂସଦ ବିଜେପିରେ ସାମିଲ

କୋଲକାତା,୯ ।୭: ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ବଙ୍ଗଳାର ତିନି ଜଣ ପୂର୍ବତନ ଟିଏମସି ଏମପି ବିଜେପିରେ ଯୋଗ ଦେଇଛନ୍ତି। ସୁସ୍ମିତା ଦେବ, ସୁଖେନ୍ଦୁ ସେଖ ରୟ ଏବଂ ପ୍ରକାଶ ବାରିକ ଦଳରେ ଯୋଗ ଦେଇଛନ୍ତି। ବରିଷ୍ଠ ଭାଜପା ନେତା ଶମୀକ ଭଟ୍ଟାଚାର୍ଯ୍ୟ ଆନୁଷ୍ଠାନିକ ଭାବରେ ସେମାନଙ୍କ ଯୋଗଦାନ ଘୋଷଣା କରିଛନ୍ତି। ଭାଜପା ଏହି ତିନି ଜଣଙ୍କୁ ସେମାନଙ୍କର ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ରାଜ୍ୟ ସଭାକୁ ପଠାଇପାରେ। ଜୁଲାଇ ୧୪, ୨୦୨୬ ହେଉଛି ନାମାଙ୍କନ ଦାଖଲର ଶେଷ ତାରିଖ। ଶମୀକ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଗତ ୫୦ ବର୍ଷ ଧରି ପଶ୍ଚିମବଙ୍ଗ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ରାଜନୀତି ଦେଖିଛି । ପ୍ରଥମ ୩୪ ବର୍ଷ ବାମ ମୋର୍ଚ୍ଚା ଅଧୀନରେ ଏବଂ ପରବର୍ତ୍ତୀ ସମୟରେ ଟିଏମସି ଶାସନ ଅଧୀନରେ। ଏଠାରେ ବିକାଶ ସ୍ଥଗିତ ରହିଥିଲା। ଏହି ପରିବେଶ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ବିଶ୍ୱାସ ରଖି, ତିନି ଜଣ ଏମପି ଟିଏମସି ସହିତ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଆଜି, ସେହି ତିନି ଜଣ ସୁସ୍ମିତା ଦେବ, ସୁଖେନ୍ଦୁ ସେଖ ରୟ ଏବଂ ପ୍ରକାଶ ବାରିକ ବିଜେପିରେ ଯୋଗ ଦେଇଛନ୍ତି।'

## ଚୀନରେ ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗି ୨୮ ମୃତ

ବେଜିଂ,୯।୭: ଚୀନର ପୂର୍ବ ଫୁଜିଆନ ପ୍ରଦେଶରେ ଆଜି ଏକ ଜୋତା ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଛି ଏବଂ ଏହି ଘଟଣାରେ ୨୮ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଜିନଜିଆଙ୍ଗ ସହରରେ ଜିଆଙ୍ଗତୋଉ ଗ୍ରାମରେ ଥିବା ଏକ ଜୋତା ଫ୍ୟାକ୍ଟ୍ରିରେ ଆଜି ଅପରାହ୍ନ ୧୨.୦୪ ସମୟରେ ନିଆଁ ଲାଗି ଯାଇଥିଲା। ସଙ୍ଗେସଙ୍ଗେ ନିଆଁ ଚାରିଆଡ଼କୁ ବ୍ୟାପିଯିବାରୁ ଅନେକ ଲୋକ ଜୀବନ୍ତ ଦଗ୍ଧ ହୋଇଗଲେ। ତୁରନ୍ତ ଘଟଣା ସ୍ଥଳରେ ଅଗ୍ନି ନିର୍ବାପକ ଏବଂ ଇମର୍ଜେନ୍ସି ଟିମ୍ ମୁତୟନ ହୋଇଥିଲେ। କିନ୍ତୁ ଫ୍ୟାକ୍ଟ୍ରି ଭିତରେ ଅତି ଭୟଙ୍କର ସ୍ଥିତି ପାଇଁ ଉଦ୍ଧାରକାରୀ ଦଳ କୋଠା ଭିତରକୁ ପଶି ପାରିନଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ କୋଠାର ଗ୍ରାଉଣ୍ଡ ଫ୍ଲୋର୍ ଯେଉଁଠାରେ ଜୋତା ତିଆରି ସାମଗ୍ରୀ ରଖାଯାଇଥିଲା ସେଠାରୁ ହିଁ ନିଆଁ ଲାଗିଥିଲା। ଜୋତା ତିଆରି ସାମଗ୍ରୀ ରଖାଯାଇଥିବାରୁ ନିଆଁ ସଙ୍ଗେସଙ୍ଗେ ଚାରିଆଡ଼କୁ ବ୍ୟାପିଯାଇଥିଲା। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଉକ୍ତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ତେବେ ଏଯାବତ ଅଗ୍ନିକାଣ୍ଡ ଘଟଣାରେ କେତେ ମୃତ୍ୟୁ ହୋଇଛି ତାହା ଔପଚାରିକ ଭାବେ ସ୍ପଷ୍ଟ କରାଯାଇନି। ଅଗ୍ନିକାଣ୍ଡ କିଭଳି ହେଲା ସେନେଇ ଅଧିକ ତଦନ୍ତ ଜାରି ରହିଛି।

## ଲାଗୁ ହେଲା ଭାରତ-ଅଷ୍ଟ୍ରେଲିଆ ସିଭିଲ ନ୍ୟୁକ୍ଲିୟର ବୁଝାମଣା

ନୂଆଦିଲ୍ଲୀ,୯।୭: ସିଭିଲ ନ୍ୟୁକ୍ଲିୟର ଏଗ୍ରିମେଣ୍ଟ କାର୍ଯ୍ୟକାରୀ କରିବାକୁ ଭାରତ ଓ ଅଷ୍ଟ୍ରେଲିଆ ଗୁରୁବାର ପ୍ରଶାସନିକ ବ୍ୟବସ୍ଥାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ରାଜିନାମାରେ ଦୁଇ ଦେଶ ୨୦୧୪ ମସିହାରେ ସ୍ୱାକ୍ଷର କରିଥିଲେ। ଏହି ପ୍ରଶାସନିକ ବ୍ୟବସ୍ଥାକୁ ଚୂଡ଼ାନ୍ତରୂପ ଦିଆଯିବା ପରେ ଅଷ୍ଟ୍ରେଲିଆରୁ ୟୁରାନିୟମ ଯୋଗାଣର ରାସ୍ତା ଖୋଲି ଯାଇଛି। ଏହି ଐତିହାସିକ ବୁଝାମଣା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଅଷ୍ଟ୍ରେଲିଆ ସମକକ୍ଷ ଆନ୍ଥୋନୀ ଆଲବାନିଜଙ୍କ ମଧ୍ୟରେ ମେଲବର୍ଣ୍ଣରେ ଅନୁଷ୍ଠିତ ବ୍ୟାପକ ଶିଖର ବାର୍ତ୍ତାରେ ହୋଇଛି। ଏହା ସହିତ ଦୁଇ ଦେଶଙ୍କ ମଧ୍ୟରେ ୨୦୧୪ମସିହାରେ ହୋଇଥିବା ମୂଳ ପରମାଣୁ ସହଯୋଗ ବୁଝାମଣାକୁ କାର୍ଯ୍ୟାନ୍ୱୟନ କରିବାରେ ଆସୁଥିବା ବୈଷୟିକ ଓ ପ୍ରଶାସନିକ ବାଧା ଦୂର ହୋଇଛି। ବିଶ୍ୱର ସବୁଠୁ ବଡ଼ ୟୁରାନିୟମ ଭଣ୍ଡାର ହୋଇଥିବା ସତ୍ତ୍ୱେ ଅଷ୍ଟ୍ରେଲିଆରୁ ଭାରତକୁ ହେବାକୁ ଥିବା ରପ୍ତାନୀରେ କଡ଼ା ସୁରକ୍ଷା କଟକଣା ଓ ରିପୋର୍ଟିଂ ନିୟମଗୁଡିକୁ ନେଇ ଦୀର୍ଘ ସମୟରୁ ପେଞ୍ଚ ଫଶିଥିଲା। ଭାରତ ସରକାରଙ୍କ ବୈଦେଶିକ ସଚିବ ବିକ୍ରମ ମିସ୍ରି କହିଛନ୍ତି ଯେ ଏ ନେଇ ଗତ ୨ ବର୍ଷ ହେଲା ଗହନ ବିଚାରବିମର୍ଶ ପରେ ଉଭୟ ଦେଶ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ମାନକ ଅନରୂପ ଟ୍ରାକିଂ ପ୍ରକ୍ରିୟାକୁ ନେଇ ସହମତ ହୋଇଛନ୍ତି। ଏହି ନୂଆ ସରକାରୀ ଢାଞ୍ଚା ଅନୁସାରେ ଅଷ୍ଟ୍ରେଲିଆରୁ ଆସିବାକୁ ଥିବା ୟୁରାନିୟମ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ବେସାମରିକ ଉର୍ଜା ଉଦ୍ଦେଶ୍ୟ ଲାଗି କରାଯିବ। ଏହି ବ୍ୟବସ୍ଥା ପୁରା ହେବା ପରେ ଦୁଇ ଦେଶର ବ୍ୟବସାୟିକ କମ୍ପାନୀ ସିଧାସଳଖ ସପ୍ଲାଇ କଣ୍ଟ୍ରାକ୍ଟ ସ୍ୱାକ୍ଷର କରିପାରିବେ।

## ଅଷ୍ଟ୍ରେଲିଆରୁ ଭାରତ ଆସିବ ଏକାଦଶ ଶତାବ୍ଦୀର ଭଦ୍ରକାଳୀ, ନନ୍ଦି ଓ କାର୍ତ୍ତିକେୟଙ୍କ ମୂର୍ତ୍ତି




ନୂଆଦିଲ୍ଲୀ,୯।୭: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଅଷ୍ଟ୍ରେଲିଆ ଗସ୍ତରେ ଅଛନ୍ତି। ଏହି ଅବସରରେ ଅଷ୍ଟ୍ରେଲିୟା ଗୁରୁବାର ଭାରତର ୩ ପ୍ରାଚୀନ କଳାକୃତି ଫେରାଇ ଦେବ ବୋଲି ଘୋଷଣା କରିଛି। ଏହି ସବୁ କଳାକୃତିରେ ଦେବୀ ଭଦ୍ରକାଳୀଙ୍କ ଧାତବ ମୂର୍ତ୍ତି ସମେତ ପଥରର ନନ୍ଦି ମୂର୍ତ୍ତି ଓ ଷଡ଼ାନନ କାର୍ତ୍ତିକେୟଙ୍କ ଏକ ବିରଳ ପଥର ମୂର୍ତ୍ତି ମଧ୍ୟ ରହିଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ କହିଛନ୍ତି ଯେ ବନ୍ଧୁତ୍ୱର ଭାବନାରେ ଅଷ୍ଟ୍ରେଲିଆ ସ୍ୱେଚ୍ଛାକୃତ ଭାବେ ସାଂସ୍କୃତିକ ଗୁରୁତ୍ୱ ରଖୁଥିବା ବସ୍ତୁଗୁଡିକୁ ଭାରତକୁ ଫେରାଇ ଦେବ। ଏଗୁଡ଼ିକ ପୂର୍ବରୁ ନ୍ୟାସନାଲ ଗ୍ୟାଲେରୀ ଅଫ ଅଷ୍ଟ୍ରେଲିଆ ଓ ଆର୍ଟ ଗ୍ୟାଲେରୀ ଅଫ ନ୍ୟୁସାଉଥ ୱେଲସ୍ ସଂଗ୍ରହରେ ରଖାଯାଇଛି। ଏହି ଘୋଷଣା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୩ ଦିବସୀୟ ଅଷ୍ଟ୍ରେଲିଆ ଗସ୍ତର ଦ୍ୱିତୀୟ ଦିନ କରାଯାଇଛି। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀଙ୍କୁ ଭାରତୀୟ ସମୁଦାୟ ଭବ୍ୟ ସ୍ୱାଗତ କରିଛନ୍ତି। ଦେବୀ ଭଦ୍ରକାଳୀଙ୍କ ମୂର୍ତ୍ତି ଯାହା ଶୈବ ଶକ୍ତି ପରମ୍ପରାରେ ସୁରକ୍ଷା, ଦୈବିୟ ଶକ୍ତି ଓ ଦୁଷ୍ଟବିନାଶର ପ୍ରତୀକ। ଏହି ମୂର୍ତ୍ତିଟି ତାମିଲନାଡୁର କୋଲ୍ଲମଙ୍ଗୁଡିସ୍ଥିତ ଶ୍ରୀ କାଶୀବିଶ୍ୱନାଥ ସ୍ୱାମୀ ମନ୍ଦିର ସହ ସମ୍ପୃକ୍ତ। ଏହା ଖ୍ରୀଷ୍ଟ ପୂର୍ବ ତ୍ରୟୋଦେଶରୁ ଷୋଡଶ ଶତାବ୍ଦୀର ବୋଲି ଅନୁମାନ କରାଯାଏ। ଏହି ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତୀୟ କଳାକୃତି ବଦଳେ ଭାରତ ସରକାର ଅଷ୍ଟ୍ରେଲିଆର 'ଫାଷ୍ଟ ନେସନସ୍' (ମୂଳ ନିବାଶୀ ସମୁଦାୟ)ର ଜଣେ ବ୍ୟକ୍ତିଙ୍କ ଅବଶେଷ ଅଷ୍ଟ୍ରେଲିଆକୁ ଫେରାଇବ। ବର୍ତ୍ତମାନ ଏହି ଅବଶେଷ ଚେନ୍ନାଇର ଏକ ସରକାରୀ ସଂଗ୍ରହାଳୟରେ ସଂରକ୍ଷିତ ଅଛି।

## ତିରୁପତିର ଏକ ବିବାହ ମଣ୍ଡପରେ ରକ୍ତପାତ: ୨ ମୃତ

ନୂଆଦିଲ୍ଲୀ,୯।୭: ଆନ୍ଧ୍ର ପ୍ରଦେଶର ତିରୁପତି ଏକ ବିବାହ ମଣ୍ଡପରେ ରକ୍ତପାତ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏକ ବିବାହ ଉତ୍ସବ ବେଳେ ବୁଧବାର ରାତିରେ ଲକ୍ଷ୍ମୀପୁରମ ସର୍କଲ ନିକଟସ୍ଥ ଶ୍ରୀ ପଦ୍ମାବତୀ କଲ୍ୟାଣ ମଣ୍ଡପମ ବାହାରେ ଦୁଇ ଜଣଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ମୃତକମାନେ ହେଉଛନ୍ତି ୫୦ ବର୍ଷୀୟ ମୁନିରଥନମ୍ ଓ ୪୨ ବର୍ଷୀୟ ମଣିକଣ୍ଠ। ତିରୁମାଲା ତିରୁପତି ଦେବସ୍ଥାନମ ଦ୍ୱାରା ପରିଚାଳିତ ପଦ୍ମାବତୀ କଲ୍ୟାଣ ମଣ୍ଡପମ୍ ବାହାରେ ବିବାହ ଉତ୍ସବ ଚାଲିଥିବା ସମୟରେ ସେମାନଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା। ମୁନିରଥନମ୍‌ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ପିଓକେ ବିଦ୍ରୋହରେ ନୂଆ ମୋଡ଼ ୩୮ ଦଫା ଦାବି ସହ ୪୮ ଘଣ୍ଟାର ଚରମ ଚେତାବନୀ



ମୁଜାଫରାବାଦ,୯।୭: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଏବେ ବଡ଼ ଧରଣର ଗଣବିଦ୍ରୋହ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଅଞ୍ଚଳର ପ୍ରମୁଖ ନାଗରିକ ଅଧିକାର ସଂଗଠନ 'ଜାମ୍ମୁ କାଶ୍ମୀର ଜଏଣ୍ଟ ଆୱାମୀ ଆକ୍ସନ କମିଟି' (ଜେଏଏସି) ପକ୍ଷରୁ ନିଜର ୩୮ ଦଫା ଦାବି ପୂରଣ ପାଇଁ ପାକିସ୍ତାନ ସରକାରଙ୍କୁ ୪୮ ଘଣ୍ଟାର ଚରମ ଚେତାବନୀ ଦିଆଯାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନର ନିର୍ଣ୍ଣାୟକ ପର୍ଯ୍ୟାୟ ଆରମ୍ଭ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି। ଜୁଲାଇ ୨୭ ତାରିଖରେ ହେବାକୁ ଥିବା ଆଞ୍ଚଳିକ ନିର୍ବାଚନ ପାଇଁ ଜୁନ ୯ରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଜେଏଏସି ପକ୍ଷରୁ ମୁଜାଫରାବାଦ ଅଭିମୁଖେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆୟୋଜନ କରାଯାଉଛି।

## ସ୍କୁଲ ପାଖରେ ତମାଖୁ ବିକ୍ରି ଉପରେ ରୋକ୍ ଲଗାଇଲେ ହାଇକୋର୍ଟ

ନୂଆଦିଲ୍ଲୀସ, ୯ ।୭: ସ୍କୁଲ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ନେଇ ହାଇକୋର୍ଟଙ୍କ ବଡ଼ ପଦକ୍ଷେପ । ଏଣିକି ଦିଲ୍ଲୀର କୌଣସି ବି ସ୍କୁଲ ସମ୍ମୁଖରେ କିମ୍ବା ଆଖପାଖ ଅଞ୍ଚଳରେ ସିଗାରେଟ୍, ଗୁଟଖା, ପାନ ମସଲା କିମ୍ବା ଅନ୍ୟ କୌଣସି ବି ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ହୋଇପାରିବ ନାହିଁ । ସ୍କୁଲ ନିକଟରେ ଥିବା ଷ୍ଟ୍ରିଟ୍ ଭେଣ୍ଡରମାନଙ୍କ ଉପରେ ଦିଲ୍ଲୀ ହାଇକୋର୍ଟ ଏହି କଟକଣା ଜାରି କରିଛନ୍ତି । ଛୋଟ ପିଲାମାନଙ୍କ ଭବିଷ୍ୟତ ଓ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି । ଜଷ୍ଟିସ ବିକାଶ ମହାଜନ ଏବଂ ଜଷ୍ଟିସ ପ୍ରତିଭା ଏମ୍. ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ନିଜାମୁଦ୍ଦିନ ରେଳ ଷ୍ଟେସନ ନିକଟରେ ତମାଖୁ ଦ୍ରବ୍ୟ ବିକ୍ରି କରୁଥିବା ସୁରେଶ ନାମକ ଜଣେ ଭେଣ୍ଡର ହାଇକୋର୍ଟରେ ଏକ ଆବେଦନ କରିଥିଲେ। ସୁରେଶଙ୍କ କହିବା କଥା ଥିଲା ଯେ, ତାଙ୍କ ପାଖରେ ବୈଧ 'ଭେଣ୍ଡିଂ ସାର୍ଟିଫିକେଟ୍' ଥିଲେ ମଧ୍ୟ ଦିଲ୍ଲୀ ପୁଲିସ ଏବଂ ଏମସିଡି ଅଧିକାରୀମାନେ ତାଙ୍କୁ ବାରମ୍ବାର ହଇରାଣ କରୁଛନ୍ତି । ତେବେ ଏହାର ଜବାବରେ ଏମସିଡି କୋର୍ଟଙ୍କୁ ଜଣାଇଥିଲା ଯେ, ସୁରେଶ ସ୍କୁଲ ନିକଟରେ ପାନ ମସଲା, ଗୁଟଖା ଏବଂ ସିଗାରେଟ୍ ବିକ୍ରି କରୁଥିଲେ ଏବଂ ଦୋକାନ ଚାରିପାଖରେ ସଫାସୁତୁରା ମଧ୍ୟ ରଖୁନଥିଲେ ।

## ଚମ୍ପତ ରାୟଙ୍କ ସମେତ ୩ ପ୍ରମୁଖ ଟ୍ରଷ୍ଟିଙ୍କ ଆଇଡି ବନ୍ଦ୍

ନୂଆଦିଲ୍ଲୀ,୯।୭: ଅଯୋଧ୍ୟାରୁ ଏହି ସମୟରେ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ଚମ୍ପତ ରାୟ ,ଗୋପାଳ ରାୟ ଓ ଅନିଲ ମିଶ୍ରାଙ୍କ ଭିଆଇପି ଦର୍ଶନ ଜାରି କରୁଥିବା ଆଇଡି ବନ୍ଦ କରି ଦିଆ ଯାଇଛି। ଏବେ ତାଙ୍କର ଆଇଡିରୁ କୌଣସି ପାସ୍ ଦେଇ ପାରିବେ ନାହିଁ। ସୁଗମ ଦର୍ଶନ ପାସ୍ ଓ ବିଶିଷ୍ଟ ଦର୍ଶନ ପାସ ଦୁଇ ପ୍ରକାରର ପାସ୍ ଜାରି କରାଯାଏ। ଏଥି ପାଇଁ ସବୁ ଟ୍ରଷ୍ଟିଙ୍କ ନାମରେ ଆଇଡି ସିଷ୍ଟମରେ ଜେନେରେଟ୍ କରାଯାଇଛି। ଉଲ୍ଲେଖନୀୟ ଯେ, ପ୍ରଥମେ ଯାହାଙ୍କ ସୁପାରିଶରେ ଯେଉଁ ଶ୍ରଦ୍ଧାଳୁ ଆସନ୍ତି , ତାଙ୍କର ଆଇଡିରୁ ସୁଗମ ଦର୍ଶନ ଓ ବିଶିଷ୍ଟ ଦର୍ଶନ ପାସ୍ ଜାରି କରାଯାଉ ଥିଲା। ଟିନ୍ନୁ ଯାଦବ ଏହି ସିଷ୍ଟମର ଫାଇଦା ଉଠାଇ ଶହ ଶହ ପାସ୍ ଜାରି କରି ସାରିଛନ୍ତି। ଚମ୍ପତ ରାୟ ଓ ଅନିଲ ମିଶ୍ରାଙ୍କ ସଂପର୍କୀୟ ମଧ୍ୟ ପାସ୍ ଜାରି କରିବାର ରାକେଟ୍ ଚଳାଉ ଥିଲେ। ସେଠାରୁ ଲକ୍ଷ ଲକ୍ଷ ଟଙ୍କାର ଆୟ ମଧ୍ୟ କରିଛନ୍ତି। ବର୍ତ୍ତମାନ ୩ଟି ଆଇଡି ଯେଉଁଥିରୁ ସବୁଠୁ ଅଧିକ ପାସ୍ ଜାରି ହୋଇଛି, ତାକୁ ବନ୍ଦ କରିଦିଆ ଯାଇଛି। ଟ୍ରଷ୍ଟରୁ ବାହାରିବା ପରେ ଏବେ ତାଙ୍କର ସୁପାରିଶରେ କାହାକୁ ସୁଗମ କିମ୍ବା ଭିଆଇପି ଦର୍ଶନ ପାସ୍ ମଧ୍ୟ ଜାରି ହୋଇ ପାରିବ ନାହିଁ।

## ନାଟୋ ନେତାଙ୍କୁ ରିଭଲଭର ଓ ଗୁଳି ଉପହାର ଦେଲେ ତୁର୍କି ରାଷ୍ଟ୍ରପତି




ଆଙ୍କରା,୯।୭: ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଙ୍ଗଠନ (ନାଟୋ) ସମ୍ମିଳନୀ ତୁର୍କିୟେ ରାଜଧାନୀ ଅଙ୍କାରାରେ ଶେଷ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ରେସପ୍ ତାୟିପ୍ ଏର୍ଦୋଗାନ ନାଟୋ ନେତାଙ୍କୁ ବିଦାୟୀ ଉପହାର ରୂପେ ଭିଣ୍ଟେଜ୍ ରିଭଲଭର, ଜୀବନ୍ତ ଗୁଳି ଓ କ୍ଲିନିଂ କିଟ୍ ଉପହାର ଦେଇଛନ୍ତି। ଏଣୁ ଏପରି ଉପହାରକୁ ସାଙ୍ଗରେ ନେବା ପାଇଁ ବିଭିନ୍ନ ସରକାର ବିଶେଷ ସୁରକ୍ଷା, ସୀମାଶୁଳ୍କ ଓ ସାଙ୍ଗରେ ନେବା ପାଇଁ ଉପାୟ କରିବାକୁ ସମସ୍ୟାରେ ପଡିଯାଇଛନ୍ତି। ତୁର୍କିୟେର ବଢୁଥିବା ପ୍ରତିରକ୍ଷା ଉଦ୍ୟୋଗର ବିଜ୍ଞାପନ ପାଇଁ ଦିଆଯାଇଥିବା ଏହି ଅନନ୍ୟ ଉପହାର ଶିଖର ସମ୍ମିଳନୀରେ ଯୋଗ ଦେଇଥିବା ରାଷ୍ଟ୍ରମୁଖ୍ୟ ଓ ୟୁରୋପୀୟ ସଂଘର ଅଧିକାରୀଙ୍କୁ ଦିଆଯାଇଛି। ଲିଥୁଆନିଆ ରାଷ୍ଟ୍ରପତି ଗିଟାନାସ୍ ନୌସଦାଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଫଟୋଚିତ୍ରରେ ଅଗ୍ନେୟାସ୍ତ୍ରକୁ ଗୁମ୍ପୁସେ .୩୫୭ମ୍ୟାଗ୍ନମ ଭାବେ ଦେଖା ଯାଇଛି। ଏହା ୧୯୯୦ ଦଶନ୍ଧୀରେ ତୁର୍କିୟେ ମାଲିକାନାଧିନ ଅସ୍ତ୍ର ନିର୍ମାତା ଏମକେଇ ଦ୍ୱାରା ନିର୍ମିତ ଏକ ବିରଳ ରିଭଲଭର।

## ଟିଏମସିର ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇପାରିବେ ମମତା

କୋଲକାତା,୯ ।୭: ମମତା ବାନାର୍ଜୀଙ୍କ ଦଳ, ତୃଣମୂଳ କଂଗ୍ରେସ (ଟିଏମସି)କୁ କୋଲକାତା ହାଇକୋର୍ଟରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ମିଳିଛି । ଦୈନନ୍ଦିନ ଖର୍ଚ୍ଚ ପୂରଣ କରିବା ପାଇଁ କୋର୍ଟ ଟିଏମସିକୁ ଏହାର ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିବାକୁ ଅନୁମତି ଦେଇଛନ୍ତି । ଏହି ଆକାଉଣ୍ଟଗୁଡ଼ିକୁ ସମ୍ପ୍ରତି ଫ୍ରିଜ୍ କରାଯାଇଥିଲା। କିନ୍ତୁ, ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମମତାଙ୍କ ନେତୃତ୍ୱାଧୀନ ଦଳକୁ ଏହି ଅନୁମତି ସହିତ ଏକ ସର୍ତ୍ତ ପାଳନ କରିବାକୁ ପଡିବ । ଏହାକୁ କୋର୍ଟ ଦ୍ୱାରା ନିଯୁକ୍ତ ଅଧିକାରୀଙ୍କ କଡ଼ା ତଦାରଖରେ ଆକାଉଣ୍ଟଗୁଡ଼ିକ ପରିଚାଳନା କରିବାକୁ ପଡିବ। କୋର୍ଟ ପୋଲିସକୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମଧ୍ୟ ପ୍ରଶ୍ନ ଉଠାଇଛି। ଏହା କହିଛି ଯେ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବା ପାଇଁ ଆଦେଶକୁ ଯଥାର୍ଥ କରିବା ପାଇଁ ଉପସ୍ଥାପିତ ପ୍ରମାଣରେ ଏହା ସନ୍ତୁଷ୍ଟ ନୁହେଁ । ଉଲ୍ଲେଖ କରିଛି ଯେ ପୋଲିସ କୌଣସି ପ୍ରମାଣ ଉନ୍ମୋଚନ କରିବାରେ ବିଫଳ ହୋଇଛି।

# ଯୁଦ୍ଧବିରତିକୁ ଅମାନ୍ୟ କରି ପୁଣି ଇରାନ-ଆମେରିକା ମୁହାଁମୁହିଁ



ନୂଆଦିଲ୍ଲୀ,୯।୭: ପୁଣିଥରେ ଅଶାନ୍ତ ମଧ୍ୟପ୍ରାଚ୍ୟ। ଯୁଦ୍ଧବିରତି ନିୟମକୁ ଫୁ କରି ମୁହାଁମୁହିଁ ହୋଇଛନ୍ତି ଆମେରିକା ଏବଂ ଇରାନ। ପରସ୍ପରର ଠିକଣାକୁ ଟାର୍ଗେଟ୍ କରି ଚାଲିଛି ପ୍ରଳୟଙ୍କରୀ ଆକ୍ରମଣ ଓ ପ୍ରତିଆକ୍ରମଣ, ଯାହା ଏବେ ସମଗ୍ର ବିଶ୍ୱକୁ ପୁଣି ଏକ ବଡ଼ ସଙ୍କଟ ଆଡ଼କୁ ଠେଲି ଦେଇଛି। ଯୁଦ୍ଧବିରତି ନିୟମ ଭାଙ୍ଗି ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ଏବେ ପୁଣିଥରେ ସମଗ୍ର ବିଶ୍ୱକୁ ଚିନ୍ତାରେ ପକାଇ ଦେଇଛି। ଆମେରିକା ଇରାନର ୮ଟି ପ୍ରମୁଖ ସାମରିକ ଲକ୍ଷ୍ୟସ୍ଥଳ ଉପରେ ବଡ଼ ଆକ୍ରମଣ କରିଛି। ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭୮ ଜଣ ଆହତ ହୋଇଛନ୍ତି। ଏହାର ଜବାବରେ ଇରାନ ମଧ୍ୟ ଚୁପ୍ ବସିନାହିଁ। ବାହାରିନ ଏବଂ କୁୱେତ ଉପରେ ଭୟଙ୍କର ପ୍ରତିଶୋଧମୂଳକ ଆକ୍ରମଣ କରି ଇରାନ ଶକ୍ତି ପ୍ରଦର୍ଶନ ଆଇଆରଜିସି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନର ସହ ଯୁଦ୍ଧ ଶାନ୍ତି ଚୁକ୍ତି ସ୍ୱାକ୍ଷରକୁ ବାତିଲ କରିଛନ୍ତି। ସେପଟେ ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ସାମରିକ ତିକ୍ତତା ଯୋଗୁଁ ଏବେ ସାରା ବିଶ୍ୱର ଶକ୍ତି ଯୋଗାଣ ବ୍ୟବସ୍ଥା ପୁଣିଥରେ ଗୁରୁତର ଭାବେ ପ୍ରଭାବିତ ହେବାକୁ ଯାଉଛି। 'ହର୍ମୁଜ ପ୍ରଣାଳୀ'ରେ ଜାହାଜ ଚଳାଚଳ ପ୍ରାୟତଃ ବନ୍ଦ ହୋଇଯାଇଛି। ବର୍ତ୍ତମାନ ଅଧିକାଂଶ ଜାହାଜ କେବଳ ଇରାନ ଦ୍ୱାରା ଅନୁମୋଦିତ ଉତ୍ତର ସାମୁଦ୍ରିକ ମାର୍ଗ ବ୍ୟବହାର କରୁଛନ୍ତି। ଅନ୍ୟପଟେ ଓମାନ ଏବଂ ଆମେରିକା ସମର୍ଥିତ ଦକ୍ଷିଣ କରିଡରରେ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ମାନ୍ଦା ପଡ଼ିଯାଇଛି। ଗତ କିଛି ଘଣ୍ଟା ମଧ୍ୟରେ କେବଳ ଗୋଟିଏ ଆମେରିକା ଅନୁମତିପ୍ରାପ୍ତ ସୁପରଟ୍ୟାଙ୍କର ଏବଂ ଗୋଟିଏ ଇରାନର କଣ୍ଟେନର ଜାହାଜ ଏହି ପ୍ରଣାଳୀ ପାର୍ ହୋଇଛି। ଇରାନ ଅଭିଯୋଗ କରିଛି ଯେ ଆମେରିକା ମଧ୍ୟବର୍ତ୍ତୀକାଳୀନ ଅସ୍ତ୍ରବିରତି ପ୍ରତିଶ୍ରୁତି ଏବଂ ମିଳିତ ଜାତିସଂଘର ନିୟମ ଉଲ୍ଲଂଘନ କରିଛି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ସାମାନ୍ୟ କଥାକୁ ନେଇ ଯୁବକଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସମ୍ଭୁ ରଶ୍ମି ରଞ୍ଜନ ନାୟକ ଓ ଓମ୍ ପ୍ରକାଶ ପ୍ରଧାନ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ସୟନଦୀପ ପଣ୍ଡିତ (୨୨)ଲିଖିତ ଏତଲା ଆଧାରରେ ନୟାପଲ୍ଲୀ ଥାନାରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ତା.୧୬.୦୬.୨୦୨୬ ଦିନ ପ୍ରାୟ ଦିନ ୧୨.୫୦ ସମୟରେ ଅଭିଯୋଗକାରୀ ସୟନଦୀପ ପଣ୍ଡିତ ନିଜ ସାଙ୍ଗମାନଙ୍କ ସହିତ ସିଆରପି ଛକକୁ ମଧ୍ୟାହ୍ନ ଭୋଜନ କରିବା ପାଇଁ ଯାଇଥିବା ବେଳେ ଏକ ମୋଟର ସାଇକେଲରେ ତିନିଜଣ ଯୁବକ ଦ୍ରୁତଗତିରେ ସେମାନଙ୍କ ନିକଟକୁ ଆସିଥିଲେ। ବେପରୁଆ ଭାବେ ଗାଡ଼ି ଚଳାଇବାକୁ ନେଇ ସାମାନ୍ୟ ବଚସା ହେବା ପରେ ଅଭିଯୁକ୍ତମାନେ ଅଭିଯୋଗକାରୀ ଓ ତାଙ୍କ ସାଙ୍ଗମାନଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସେମାନେ ପାଵର ଟାଇଲ୍ ଦ୍ୱାରା ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ, ଫଳରେ ଅଭିଯୋଗକାରୀ ଓ ତାଙ୍କ ସାଙ୍ଗମାନେ ଆହତ ହୋଇଥିଲେ। ସ୍ଥାନୀୟ ଦୋକାନୀମାନେ ଉଦ୍ଧାର କରିବା ପରେ ଅଭିଯୁକ୍ତମାନେ ସେମାନଙ୍କୁ ହତ୍ୟା ଧମକ ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲେ। ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ପାଵର ଟାଇଲ୍‌କୁ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ସମାନ ପ୍ରକାରର ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ଷ୍ଟୁଆର୍ଟ ସ୍କୁଲ ଛକ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ସମ୍ଭୁ ରଶ୍ମି ରଞ୍ଜନ ନାୟକ ଓ ଓମ୍ ପ୍ରକାଶ ପ୍ରଧାନଙ୍କୁ କାବୁ କରିଥିଲା। ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅପରାଧରେ ଅଭିଯୁକ୍ତ ସମ୍ଭୁ ରଶ୍ମି ରଞ୍ଜନ ନାୟକ ଓ ଓମ୍ ପ୍ରକାଶ ପ୍ରଧାନଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ନିଶା ଦେଇ ଯୁବକଙ୍କଠାରୁ ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଯୁବକଙ୍କୁ ମଦରେ ନିଶା ଦେଇ ଲୁଟ୍ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମୁର୍ଜା ଟୁଲୁ ବେଗ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ୫ ତାରିଖ ଦିନ ଅଭିଯୋଗକାରୀ ତୁଷାର ବଳିଆରସିଂହ ଏୟାରପୋର୍ଟ ଇନ୍ ହୋଟେଲରେ ରହୁଥିବା ବେଳେ ବରମୁଣ୍ଡାସ୍ଥିତ ଏକ ମଦ ଦୋକାନ ନିକଟରେ ଅଭିଯୁକ୍ତ ମିର୍ଜା ଟୁଲୁ ବେଗଙ୍କ ସହ ପରିଚିତ ହୋଇଥିଲେ ଏବଂ ତାଙ୍କୁ ନିଜ ହୋଟେଲ ରୁମକୁ ନେଇଥିଲେ। ସେଠାରେ ଅଭିଯୁକ୍ତ ବିୟରରେ ନିଶାଦ୍ରବ୍ୟ ମିଶାଇ ଅଭିଯୋଗକାରୀଙ୍କୁ ପିଇବାକୁ ଦେଇ ଅଚେତ କରିଦେଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କର ସୁନା ଚେନ୍, ସୁନା ବ୍ରେସଲେଟ୍, ପାଞ୍ଚଟି ସୁନା ମୁଦି, ଅନ୍ୟାନ୍ୟ ସୁନା ଅଳଙ୍କାର ଏବଂ ଗାଡ଼ିର ଚାବି ଚୋରି କରି ଫେରାର ହୋଇଯାଇଥିଲେ। ପରେ ଅଭିଯୋଗକାରୀଙ୍କ ପତ୍ନୀ ତାଙ୍କୁ ଅଚେତ ଅବସ୍ଥାରେ ମୁହଁରୁ ରକ୍ତସ୍ରାବ ହେଉଥିବା ଦେଖି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ଭୁବନେଶ୍ୱର ରେଳ ଷ୍ଟେସନ୍ ନିକଟରୁ ଅଭିଯୁକ୍ତ ମିର୍ଜା ଟୁଲୁ ବେଗଙ୍କୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେ ଅଭିଯୋଗକାରୀଙ୍କ ବିୟରରେ ନିଶାଦ୍ରବ୍ୟ ମିଶାଇ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସୁନା ଅଳଙ୍କାରଗୁଡ଼ିକୁ ଗୋପ ଅଞ୍ଚଳର ଶେଖ ଜାନି ଓ ସାଇନା ବିବିଙ୍କ ନିକଟରେ ବିକ୍ରି କରିଥିବା ପ୍ରକାଶ କରିଥିଲେ। ତାଙ୍କ ନିକଟରୁ ବିକ୍ରୟ ଟଙ୍କାରୁ ୩,୦୦୦ ନଗଦ ଓ ଏକ ମୋଟୋରୋଲା ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ପୂର୍ବରୁ ସେ ବିଭିନ୍ନ ଥାନାରେ ସମୁଦାୟ ୬ଟି ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସ୍କୁଲରୁ ଫେରିବା ବାଟରେ ଅଘଟଣ

# ପୋଖରୀରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତ ବଡ ହିଣ୍ଡୁଲ ଗାଁ ରେ ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଯାଇଛି । ସ୍କୁଲରୁ ଫେରିବା ବାଟରେ ଦୁଇ ଜଣ ସ୍କୁଲ ଛାତ୍ର ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସୂଚନାଯୋଗ୍ୟ ଯେ ପ୍ରତିଦିନ ଭଳି ସକାଳୁ ବଡ ହିଣ୍ଡୁଲ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ସିଦ୍ଧାନ୍ତ ମୁଣ୍ଡା ଓ ଦ୍ୱିତୀୟ ଶ୍ରେଣୀ ଛାତ୍ର କୁମାର ମୁଣ୍ଡା ପଢ଼ିବାକୁ ଯାଇଥିଲେ । ସ୍କୁଲରେ ପାଠପଢ଼ା ସାରି ସ୍କୁଲ୍ ଛୁଟି ହେବାପରେ ସେ ଦୁହେଁ ସାଙ୍ଗ ହୋଇ ଘରକୁ ଫେରିବା ବାଟରେ ଘଟିଥିଲା ଅଘଟଣ । କୌଣସି କାରଣରୁ ଦୁହେଁ ଗାଁ ପାଖ ଏକ ପୋଖରୀରେ ବୁଡି ଯାଇଥିଲେ । ଉଭୟଙ୍କ ବାପା ଅଧି ମୁଣ୍ଡା ଓ ଶ୍ରୀକାନ୍ତ ମୁଣ୍ଡାଙ୍କ ପରିବାର ଦିନମଜୁରିଆ ହୋଇଥିବାରୁ ସମସ୍ତେ କାମରୁ ଫେରି ସଂଧ୍ୟାରେ ଦେଖିବା ବେଳେ ଦୁଇ ଜଣଙ୍କ ପୁଅ ଘରେ ନ ଥିବାରୁ ଚାରିଆଡ଼େ ଖୋଜାଖୋଜି କରିଥିଲେ । ହେଲେ ନ ପାଇବାରୁ ଶେଷରେ ପାଖରେ ଥିବା ବନ୍ଧରେ ଖୋଜିଲା ବେଳେ ଦୁଇଜଣଙ୍କୁ ପୋଖରୀ ଭିତରେ ଉଦ୍ଧାର କରି ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଜରିଆରେ ରେଢ଼ାଖୋଲ ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ପୋଲିସ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଏହି ଘଟଣାକୁ ନେଇ ଗାଁରେ ଦୁଇ ସ୍କୁଲ ଛାତ୍ର ମୃତ୍ୟୁକୁ ନେଇ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।

# ଖରାପ ହେଲା ଆମ୍ବୁଲାନ୍ସ: ଚାଲିଗଲା ନାବାଳିକାଙ୍କ ଜୀବନ

ଭବାନୀପାଟଣା(ନିପ୍ର): କଳାହାଣ୍ଡି ଜିଲାରେ ଗୁରୁବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ଆମ୍ବୁଲାନ୍ସ ଦୀର୍ଘ ୩ ଘଣ୍ଟା ଧରି ଅଟକିବା ରହିବାରୁ ଠିକ୍ ସମୟରେ ରୋଗୀ ମେଡ଼ିକାଲ ପହଞ୍ଚି ନ ପାରି ମୃତ୍ୟୁବରଣ କରିଥିବା ଅଭିଯୋଗ ଆସିଛି। ତୁଲାପଡାର ରିୟା ନାଏକ (୧୧) ନାମକ ଜଣେ ଛାତ୍ରୀଙ୍କୁ ପେଟ ଯନ୍ତ୍ରଣା ହେବାରୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଗୁରୁତର ହେବାରୁ ତାଙ୍କୁ ଅକ୍ସିଜେନ ଲଗାଇ ୧୦୮ ଆମ୍ବୁଲାନ୍ସ ଜରିଆରେ ଭବାନୀପାଟଣା ଜିଲା ମୁଖ୍ୟ ମେଡିକାଲକୁ ନିଆଯାଉଥିଲା। ହେଲେ ବାଟରେ ପଙ୍କଚର ହେବାରୁ ୧୦୮ ଆମ୍ବୁଲାନ୍ସଟି ସ୍ଥାନୀୟ ଗୋହିରାପଦର ରେଳ ଫାଟକ ନିକଟରେ ଅଟକି ଯାଇଥିଲା। ତେବେ ଦୁର୍ଭାଗ୍ୟବଶତଃ ଆମ୍ବୁଲାନ୍ସର ଜରୁରୀକାଳୀନ ଷ୍ଟେୟାର ଚକ ମଧ୍ୟ ପୂର୍ବରୁ ଖରାପ ରହିଥିଲା। ଯାହାଫଳରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଗୁରୁତର ରୋଗୀ ରିୟା ସେଠାରେ ୩ ଘଣ୍ଟା ଧରି ଅଟକି ରହିଥିଲେ। ପରେ ଭବାନୀପାଟଣାରୁ ଆଉ ଏକ ଆମ୍ବୁଲାନ୍ସ ଜରିଆରେ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ରିୟାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

---

# ଘରେ ପଶି ଟଙ୍କା ଚୋରି, ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ଘରେ ପଶି ଜ୍ୟାକେଟ ପକେଟରୁ ଟଙ୍କା ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୁଭ୍ରାଞ୍ଜନ ସାହୁ ଓରଫ ରିଙ୍କୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବଳରାମ ନାୟକ ୱିପ୍ରୋ କମ୍ପାନୀରେ ନାଇଟ୍ ଏସ୍କର୍ଟ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀନାଥ ନଗର ବସ୍ତିରେ ଭଡ଼ାରେ ରହୁଥିଲେ। ପରିବାରକୁ ଟଙ୍କା ପଠାଇବା ପାଇଁ ସେ ଏଟିଏମରୁ ୨୦,୦୦୦/- ଉଠାଇ ୧,୦୦୦/- ନିଜ ପାଖରେ ରଖି ବାକି ୧୯,୦୦୦/- ନିଜ ଜ୍ୟାକେଟ୍‌ର ପକେଟ୍‌ରେ ରଖିଥିଲେ। ତା.୦୯.୦୭.୨୦୨୬ ଦିନ ସକାଳେ ନାଇଟ୍ ଡ୍ୟୁଟି ସାରି ଘରକୁ ଫେରିବା ପରେ ଅଭିଯୁକ୍ତ ସୁଭ୍ରାଞ୍ଜନ ସାହୁ ଓରଫ ରିଙ୍କୁଙ୍କୁ ତାଙ୍କ ଘରୁ ବାହାରୁଥିବା ଦେଖିଥିଲେ। ଏନେଇ ପଚାରିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଅଭିଯୋଗକାରୀ ଜ୍ୟାକେଟ୍ ଯାଞ୍ଚ କରିବାରୁ ସେଥିରେ ରଖିଥିବା ୧୯,୦୦୦/- ଚୋରି ହୋଇଯାଇଥିବା ଜାଣି ଥାନାରେ ଏନେଇ ରିପୋର୍ଟ୍ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ସୁଭ୍ରାଞ୍ଜନ ସାହୁ ଉର୍ଫ ରିଙ୍କୁ ତା.୦୭.୦୭.୨୦୨୬ ଠାରୁ ଅଭିଯୋଗକାରୀଙ୍କ ଘର ପାଖକୁ ଲାଗି ଏକ ଘରେ ରହୁଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ଶ୍ରୀନାଥ ନଗର ବସ୍ତିରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପଚରାଉଚରା ବେଳେ ସେ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ଟଙ୍କା ନିଜ ଘରେ ଥିବା ଏକ ବାକ୍ସ ମଧ୍ୟରେ ଲୁଚାଇ ରଖିଥିବା କହିଥିଲେ। ତାଙ୍କ ସୂଚନା ଅନୁଯାୟୀ ୧୯,୦୦୦/- ନଗଦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ଅପରାଧରେ ଅଭିଯୁକ୍ତ ସୁଭ୍ରାଞ୍ଜନ ସାହୁ ଉର୍ଫ ରିଙ୍କୁଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

---

# ମନ୍ଦିରରୁ ଚୋରି, ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ମା' ଦୁଲାଦେଈ ମନ୍ଦିରରୁ ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରତନ ଭୋଇ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ପ୍ରଶାନ୍ତ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ପଚରାଉଚରା ବେଳେ ସେ ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ସିସିଟିଏନଏସ୍ ଯାଞ୍ଚରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ରତନ ଭୋଇଙ୍କ ବିରୋଧରେ ପୂର୍ବରୁ ମଞ୍ଚେଶ୍ୱର ଥାନା କେସ୍ ନଂ-୫୩୮/୨୦୨୩ ରହିଛି, ଯେଉଁଥିରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଅପରାଧରେ ଅଭିଯୁକ୍ତ ରତନ ଭୋଇଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# କଟକରେ ଚାଞ୍ଚଲ୍ୟ: କାଠଯୋଡ଼ି ପଠାରୁ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ଠାବ, ହତ୍ୟା ସନ୍ଦେହ



କଟକ : ସହରରେ ଏକ ଅଭାବନୀୟ ତଥା ଲୋମଟାଙ୍କୁରା ଘଟଣା ସାମ୍ନାକୁ ଆସିଛି । ପୁରୀଘାଟ ଥାନା ଅନ୍ତର୍ଗତ ପୁରୀଘାଟ ଗଡ଼ା ନିକଟସ୍ଥ କାଠଯୋଡ଼ି ନଦୀ ପଠାରୁ ଜଣେ ଅଜ୍ଞାତ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଠାବ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି । କେହି ଦୁର୍ବୃତ୍ତ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୁଣ୍ଡ କାଟି ଶବକୁ ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି । ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ, ଗୁରୁବାର ସ୍ଥାନୀୟ ଲୋକେ କାଠଯୋଡ଼ି ପଠାରେ ଏକ ମୁଣ୍ଡବିହୀନ ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ । ଏଭଳି ଦୃଶ୍ୟ ଦେଖି ଭୟଭୀତ ହୋଇପଡ଼ିଥିବା ସ୍ଥାନୀୟ ବାସିନ୍ଦା ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ମୃତଦେହଟି ଏକ ମହିଳାଙ୍କର ବୋଲି ଜଣାପଡ଼ିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କର କୌଣସି ପରିଚୟ ମିଳିପାରି ନାହିଁ । ଶରୀରରୁ ମୁଣ୍ଡଟି ଅଲଗା ଥିବାରୁ ମୃତକଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ଦୃଷ୍ଟିରୁ ସ୍ପଷ୍ଟ ବାରି ହୋଇପଡୁଛି । ଅନ୍ୟ କେଉଁଠି ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ଶବକୁ ନଦୀ ପଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି । ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପୁରୀଘାଟ ଥାନା ପୋଲିସ ତୁରନ୍ତ ପହଞ୍ଚି ମୃତଦେହକୁ ଜବତ କରିବା ସହ ଖୋଳତାଡ଼ ଆରମ୍ଭ କରିଛି । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହ ଘଟଣାସ୍ଥଳରୁ ପ୍ରମାଣ ଯୋଗାଡ଼ କରିବାକୁ ପୋଲିସ ପ୍ରୟାସ କରୁଛି । ପୋଲିସର ପ୍ରଥମ ଲକ୍ଷ୍ୟ ହେଉଛି ଆଖପାଖ ଅଞ୍ଚଳରୁ କଟା ମୁଣ୍ଡକୁ ଖୋଜି ବାହାର କରିବା ଏବଂ ମହିଳାଙ୍କ ପରିଚୟ ଉଦ୍ଧାର କରିବା । ଏହି ଜଘନ୍ୟ ହତ୍ୟାକାଣ୍ଡ ପଛରେ କାହାର ହାତ ଅଛି ଏବଂ କେଉଁ କାରଣରୁ ଏପରି ବର୍ବରକାଣ୍ଡ ଘଟାଯାଇଛି, ତାହାର ପର୍ଦ୍ଦାଫାଶ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ।

# ବାଇକ୍ ଉପରେ ଚଢ଼ିଗଲା ଆମ ବସ୍: ଯୁବକ ଗୁରୁତର

କଟକ(ନିପ୍ର): ପୁଣି ଦୁର୍ଘଟଣା କଲା ଆମ ବସ୍। କଟକ ବାଦାମବାଡ଼ି ମଲାଚଣ୍ଡିଆ ଛକ ନିକଟରେ ଏକ ବାଇକ ଉପରେ ଚଢ଼ିଲା ଆମ ବସ୍ । ୧୮ ନମ୍ବର୍ ରୁଟରେ ଯାଉଥିବା ବସଟି ନେତାଜୀ ବସ୍ ଟର୍ମିନାଲ ମଧ୍ୟକୁ ପ୍ରବେଶ କରିବା ବେଳେ ବାମ ପଟେ ଏକ ବାଇକକୁ ଧକ୍କା ଦେବା ସହ ଆରୋହୀଙ୍କୁ ପ୍ରାୟ ୫୦ଫୁଟ ବାଟ ଘୋଷାଡ଼ି ଆଣିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା କି ଜଣେ ପ୍ରତ୍ୟକ୍ଷଦର୍ଶୀ ଚେତାଶୂନ୍ୟ ହୋଇଯାଇଥିଲେ। ଏହାପରେ ବସ୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଗୋଟିଏ ପଟେ ବସ୍ ତଳେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ଫସି ରହିଥିବା ବେଳେ ସ୍ଥାନୀୟ ଶତାଧିକ ବାସିନ୍ଦାମାନେ ବିଳମ୍ବ ନକରି ବସକୁ ଟେକି ଆହତଙ୍କୁ ଉଦ୍ଧାର କରିଥିଲେ । ବାଦାମବାଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇ ଥିଲେ। ବାଦାମବାଡ଼ି ଥାନା ଅଧିକାରୀ ଅଜୟ କୁମାର ରାଉଳ ଦେଇଥିବା ସୂଚନା ଆଧାରରେ ଆହତ ବ୍ୟକ୍ତି କଟକ ଓଲଟପୁରର ପ୍ରଶାନ୍ତ ମୁଦୁଲି (୩୦) । ତାଙ୍କ ପରିବାରକୁ ଯୋଗାଯୋଗ କରାଯାଇଛି। ଦୁର୍ଘଟଣା କରିଥିବା ବସ୍ ନମ୍ବର ଓଡି ୩୩ଭି ୪୫୬୫ ଓ ବାଇକ ନମ୍ବର ଓଡି ୦୨ଏଡି ୦୨୫୩। ତେବେ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ । ତେବେ କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ ।




# ବିଧବାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

ପିପିଲି(ନିପ୍ର): ମଙ୍ଗଳବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ବାଇକରେ ଲିଫ୍ଟ ଦେବା ଆଳରେ ଜଣେ ବିଧବା ମହିଳାଙ୍କୁ ଅସଦାଚରଣ ସହ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ସୂଚନା ମୁତାବକ ଥାନା ଅନ୍ତର୍ଗତ ଜୈନକା ମହିଳାଙ୍କର ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା ବେଳେ ପରିବାର ପ୍ରତିପୋଷଣ ପାଇଁ ସେ ବଳଙ୍ଗା କଲେଜ ସ୍ଥିତ ବାଲିଘାଇଠାରେ ଜଣେ ବ୍ୟକ୍ତିଙ୍କ ଘରେ ରୋଷେଇ ବାସ କାର୍ଯ୍ୟ କରୁଛନ୍ତି। ଗତକାଲି ରାତି ୮ଟାରେ ମହିଳା ଜଣଙ୍କ କାମ ସାରି ଘରକୁ ଚାଲି ଚାଲି ଆସୁଥିଲା ବେଳେ ସେହି ଗ୍ରାମର ଜଣେ ଯୁବକ ମହିଳାଙ୍କୁ ବାଇକରେ ନେଇ ଘରେ ଛାଡ଼ିଦେବାକୁ କହିଥିଲା। ଫଳରେ ମହିଳା ଜଣଙ୍କ ରାଜି ହେବାରୁ ଯୁବକ ଜଣକ ତାଙ୍କୁ ବାଇକରେ ବସାଇ କିଛି ବାଟ ଆଣିବା ପରେ ଓହ୍ଲାଇ ଦେଇ ଚାଲି ଚାଲି ଯାଅ ବୋଲି କହିବାରୁ ମହିଳା ଜଣଙ୍କ ବାଇକରୁ ଓହ୍ଲାଇ ଚାଲି ଚାଲି ଯାଇଥିଲେ। ମହିଳା ଜଣଙ୍କ ଅଳ୍ପ କିଛି ବାଟ ଯିବା ପରେ ସମ୍ପୃକ୍ତ ଯୁବକ ବାଇକ ଆଣି ମହିଳାଙ୍କ ଆଗରେ ରଖି କେହି ନଥିବା ସୁଯୋଗ ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ମହିଳା ଜଣଙ୍କ ପ୍ରତିବାଦ କରିବା ସହ କୌଶଳ କ୍ରମେ ସେଠାରୁ ଖସିଯିବା ପାଇଁ ଚେଷ୍ଟା କରୁଥିଲା ବେଳେ ଯୁବକ ଜଣଙ୍କ ତାଙ୍କୁ ମାଡ ମାରି ବାହାରେ ଏକଥା କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା ବୋଲି ମହିଳା ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ବିବାଦୀୟ ଜାଗା ମାପଚୁପକୁ କେନ୍ଦ୍ରକରି ହତ୍ୟା ଧମକ

ପିପିଲି(ନିପ୍ର): ବିବାଦୀୟ ଜାଗାରେ ମାପଚୁପକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ କେତକୀ ପାଟଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ୨୦୫/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ମୁତାବକ କେତକୀ ପାଟଣା ଗ୍ରାମର ସମ୍ବିତ କୁମାର ଭୋଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସମ୍ବିତଙ୍କ ଜାଗାକୁ ଲାଗି ଅଲଣ୍ଡାପଡ଼ା ରଇତ ସାହିର ନୃସିଂହ ପରିଡ଼ା ଓ ସମ୍ପଦ ପରିଡ଼ାଙ୍କ ଜାଗା ଉପରେ ସୀମା ବିବାଦ ଲାଗିଥିଲା। ଫଳରେ ସମ୍ବିତ ଉକ୍ତ ଜାଗାର ସରକାରୀ ମାପଚୁପ ପାଇଁ ସତ୍ୟବାଦୀ ତହସିଲଦାରଙ୍କ ନିକଟରେ ଆବେଦନ କରିବା ପରେ ଗତକାଲି ପୂର୍ବାହ୍ନ ୧୧ଟା ସମୟରେ ମାପଚୁପ ପାଇଁ ସ୍ଥିର ହୋଇଥିଲା। ସେହି ଅନୁସାରେ ଘଟଣା ସ୍ଥଳରେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଓ ବଳଙ୍ଗା ପୋଲିସ ଉପସ୍ଥିତିରେ ମାପଚୁପ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇ ସମ୍ବିତଙ୍କୁ ତାଙ୍କ ଜାଗାରେ ଖୁଣ୍ଟ ପୋତିବାକୁ କହି ପ୍ରଶାସନ ଅଧିକାରୀମାନେ ଚାଲିଯାଇଥିଲେ। ପରେ ଅଧିକାରୀମାନେ ଚିହ୍ନଟ କରିଥିବା ଜାଗାରେ ସମ୍ବିତ ଖୁଣ୍ଟ ପୋତିବା ଲାଗି ୨ଜଣ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। ଶ୍ରମିକ ୨ଜଣ ଖୁଣ୍ଟ ପୋତିବା ପାଇଁ ଗାତ ଖୋଳୁଥିବା ବେଳେ ଅଭିଯୁକ୍ତ ନୃସିଂହ, ସମ୍ପଦ ଓ ସମ୍ପଦଙ୍କ ପୁଅ ସୌମ୍ୟ ରଞ୍ଜନ ପରିଡ଼ା ହାତରେ ଠେଙ୍ଗା ବାଡି ଧରି ଆସି ଶ୍ରମିକମାନଙ୍କୁ ଗାଳିଗୁଲଜ କରି ଧମକ ଦେବାରୁ ସେଠାରେ ଉପସ୍ଥିତ ଥିବା ସମ୍ପଦ ପ୍ରତିବାଦ କରିବାରୁ ତାଙ୍କୁ ଆସାମୀମାନେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ୱେଲ୍ଡିଂ ମିସ୍ତ୍ରୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ

ପିପିଲି(ନିପ୍ର): ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ଛଅ ଜଣ ବ୍ୟକ୍ତି ମିଶି ଓଲଡିଙ୍ଗ ମିସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଓଲଡିଙ୍ଗ ଯନ୍ତ୍ରାସ ଏବଂ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ଗୁରୁତ୍ୱପୂର୍ଣ୍ଣ ଜିନିଷ ଲୁଟି ନେଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ବଳଙ୍ଗା ଆଇଆଇସି ସସ୍ମିତା ସାହୁ ଅଭିଯୋଗକୁ ଗ୍ରହଣ କରି ବଳଙ୍ଗା ଥାନା କେସ ନଂ -୨୦୮/୨୬ରେ ମାମଲା ଆଗତ କରି ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି । ଅଭିଯୋଗ ଅନୁଯାୟୀ ସତ୍ୟବାଦୀ ଥାନା ଅଞ୍ଚଳ ଭଟପୁର ଗ୍ରାମର ଓଲଡିଙ୍ଗ ମିସ୍ତ୍ରୀ ପିଙ୍କୁ ଯେନା ତାର ଦୁଇଜଣ କର୍ମଚାରୀଙ୍କୁ ନେଇ ରୂପଦେଇପୁର ଜଳସମ୍ପଦ ସେକ୍ସନ ଅଫିସ ଘର ଝରକା, ଦୁଆର ଗ୍ରୀଲ ଲଗାଇବାକୁ ଯାଇଥିଲେ । ମଙ୍ଗଳବାର ଦିନସାରା ବିଦ୍ୟୁତ ସଠିକ ଭାବରେ ନ ରହିବା ଯୋଗୁ ସେମାନଙ୍କ କାର୍ଯ୍ୟ ବିଳମ୍ବ ହୋଇଥିଲା । ସନ୍ଧ୍ୟା ସମୟରେ କାର୍ଯ୍ୟ ଆରମ୍ଭ କରି କାର୍ଯ୍ୟ କରୁଥିବା ବେଳେ ରାତ୍ର ପ୍ରାୟ ଘ.୧୨.୩୦ ମିନିଟ ସମୟରେ ଛଅ ଜଣ ବ୍ୟକ୍ତି ମୁହଁରେ ଗାମୁଛା ବାନ୍ଧି ହାତରେ ଲୁହାରଡ଼ରେ ଅତର୍କିତ ଭାବରେ ଆକ୍ରମଣ କରି ମିସ୍ତ୍ରୀମାନଙ୍କଠାରୁ ପାଞ୍ଚ ହଜାର ଟଙ୍କା, ରୁପା ଚେନ ଓଲଡିଙ୍ଗ ସାମଗ୍ରୀ ଛଡାଇ ନେଇଥିଲେ । ଏଥିସହ ଅଫିସ ଘର ଭିତରେ ପଶି କିଛି କାଗଜ ପତ୍ର ଓ ଅନ୍ୟ ଜିନିଷ ପତ୍ର ନେଇ ଧମକ ଦେଇଥିଲେ । ସେମାନେ କହିଥିଲେ, ଚୁପଚାପ ଏଠାରୁ ପଳାଅ ନ ହେଲେ ଖୋର୍ଦ୍ଧା ଜିଲ୍ଲାରେ 'ସୌମ୍ୟ' ଘଟଣା ଭଳି ଗୋଡ ହାତ ବାନ୍ଧି ପିଟିପିଟି ଭାର୍ଗବୀ ନଦୀରେ ଫୋପାଡ଼ି ଦେବୁ । ଅଭିଯୋଗକାରୀ ମାନେ ଜୀବନ ବଞ୍ଚାଇବାକୁ ଯାଇ ଚୁପ୍‌ହୋଇ ଠିଆ ହୋଇଥିବା ବେଳେ ଆକ୍ରମଣକାରୀ ମାନେ ୩ଟି ବାଇକରେ ପଳାଇ ଯାଇଥିଲେ ।

# ବ୍ଲକ କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀଙ୍କୁ ଗାଳିଗୁଲଜ ଓ ଧମକ

## ୭ ଜଣଙ୍କ ବିରୋଧରେ ମାମଲା ରୁଜୁ, ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ଲକ ପ୍ରଶାସନର ପ୍ରେସ ମିଟ୍

କାକଟପୁର(ନିପ୍ର): କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି ଗଣ୍ଡଗୋଳ କରିବା ଏବଂ ପିସି (ଶତକଡ଼ା ବ୍ୟବସାୟ/ଲାଞ୍ଚ) ନେବା ଅଭିଯୋଗକୁ କେନ୍ଦ୍ର କରି ଏକ ହଟଗୋଳର ଭିଡିଓ ଭାଇରାଲ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ୭ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ, ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରେସ ମିଟ୍ ଜରିଆରେ ଦାବି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୩ ତାରିଖ ଶୁକ୍ରବାର ଦିନ ପୁରୀ ଜିଲ୍ଲା କାକଟପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ଭାଗ୍ୟଧର ଧଳ ନିଜ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ବ୍ଲକ ଅଧୀନସ୍ଥ କାଦୁଅ ନୂଆଗାଁ ପଞ୍ଚାୟତରେ ୩ ମାସ ପୂର୍ବେ ହୋଇଥିବା ଏକ ସରକାରୀ କାର୍ଯ୍ୟର ବିଲ୍ ଟଙ୍କାରୁ 'ପିସି' କାଟିବା ଅଭିଯୋଗ ଆଣି ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ କୈଳାସ ଲେଙ୍କା ଏବଂ ଭୀମସେନ ସେଠୀଙ୍କ ସମେତ କିଛି ଲୋକ କାର୍ଯ୍ୟାଳୟ ଭିତରକୁ ଜବରଦସ୍ତ ପଶିଥିଲେ। ସେମାନେ କନିଷ୍ଠ ଯନ୍ତ୍ରୀ ଶ୍ରୀ ଧଳଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସରକାରୀ ଫାଇଲ୍ ଛଡ଼ାଇବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ସମଗ୍ର ଘଟଣାର ଏକ ଭିଡିଓ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଅପ୍ରୀତିକର ପରିସ୍ଥିତିକୁ ନେଇ ସମ୍ପୃକ୍ତ ଯନ୍ତ୍ରୀ ଗତ ମଙ୍ଗଳବାର ଦିନ କାକଟପୁର ଥାନାରେ ଏକ ଲିଖିତ ଏତଲା ଦାୟର କରିଥିଲେ। ପୋଲିସ ଘଟଣାକୁ ଗୁରୁତର ସହ ନେଇ ମୁଖ୍ୟ ଅଭିଯୁକ୍ତ କୈଳାସ ଲେଙ୍କାଙ୍କ ସମେତ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ଦିନ କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ ଏବଂ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଏକ ସଂଯୁକ୍ତ ପ୍ରେସ ମିଟ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ବିଡ଼ିଓ ଶ୍ରୀ ଦୀକ୍ଷିତ ନିଜ ପ୍ରତିକ୍ରିୟାରେ କହିଛନ୍ତି:'ଯଦି ସମ୍ପୃକ୍ତ ଯନ୍ତ୍ରୀ କିଛି ଭୁଲ କରିଥିଲେ, ତେବେ ଉପରିସ୍ଥ ଅଧିକାରୀ ହିସାବରେ ମତେ ଜଣାଇବାର ଥିଲା। ତାହା ନକରି କାର୍ଯ୍ୟାଳୟରେ ପଶି ସରକାରୀ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଏବଂ ସରକାରୀ ଫାଇଲ୍ ଚିରି ଫିଙ୍ଗିବା ଭଳି ଉଦ୍ଧତ କାଣ୍ଡକୁ ମୁଁ ଘୋର ନିନ୍ଦା କରୁଛି।' ଏ ସମ୍ପର୍କରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣାର ବିଭିନ୍ନ ଦିଗକୁ ନେଇ ପୋଲିସ ପକ୍ଷରୁ ଛାନଭିନ ଚାଲିଛି ଏବଂ ଖୁବ୍ ଶୀଘ୍ର ଦୋଷୀ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ଗିରଫ କରାଯିବ।



# ମଦ ଦୋକାନ ଖୋଲିଲେ ଜାଳିଦେବାକୁ ମହିଳାମାନଙ୍କ ଧମକ

ଭଦ୍ରକ(ନିପ୍ର): ଧାମନଗର ନଦୀଗାଁ ମହିଳାମାନେ ସରକାରୀ ମଦ ଦୋକାନ ଖୋଲିଲେ ନିଆଁ ଲଗାଇ ଜାଳିଦେବୁ। ଏମିତି ଗର୍ଜନ କରିଛନ୍ତି ମଦ ଦୋକାନକୁ ବିରୋଧ କରୁଥିବା ମହିଳାମାନେ। ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତରେ ସରକାରୀ ମଦ ଦୋକାନ ଖୋଲା ଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ବିରୋଧ କରି ସ୍ଥାନୀୟ ମହିଳାମାନେ ତାତିଛନ୍ତି। ଗାଁରେ ମଦ ଦୋକାନ ଖୋଲିଲେ ମହିଳାମାନେ ଅସୁରକ୍ଷିତ ହେବା ସହ ବିଭିନ୍ନ ଅପରାଧ ବୃଦ୍ଧିପାଇବ ବୋଲି ଦାବିକରି ତୀବ୍ର ବିରୋଧ କରିଛନ୍ତି ସ୍ଥାନୀୟ ମହିଳାମାନେ। ନଦୀଗାଁ ପଞ୍ଚାୟତରୁ ଗୁରୁବାର ଶତାଧିକ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରିବା ସହ ମଦ ଦୋକାନକୁ ବନ୍ଦ କରିବାକୁ ଦେଇଛନ୍ତି ଚେତାବନୀ। ନହେଲେ ଯିଏ ମଦ ଦୋକାନ ଖୋଲିବାକୁ ଚେଷ୍ଟା କରିବ ନିଆଁ ଲଗାଇ ଜାଳିଦେବୁ ବୋଲି ଧମକ ଦେଇଛନ୍ତି ବିକ୍ଷୋଭ କରୁଥିବା ମହିଳାମାନେ।

## ମଝି ଚିଲିକାରେ ଅଟକିଲା ଯାତ୍ରୀବାହୀ ଲଞ୍ଚ



କୃଷ୍ଣପ୍ରସାଦ,୯/୭(ନିପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଠାରୁ ପୁରୀଜିଲ୍ଲା କୃଷ୍ଣପ୍ରସାଦ ଗଡ଼ ଯାଏଁ ଓଡିଶା ବନ୍ଦର ଅନ୍ତଃଦେଶୀୟ ଜଳପଥ ପାରିବହନ ବିଭାଗ ତରଫରୁ ପ୍ରତିଦିନ ଯାତ୍ରୀବାହୀ ଲଞ୍ଚ ଯାତାୟାତ କରିଥାଏ। ଆଜି ସକାଳ ୭ ଟା ସମୟରେ ବାଲୁଗାଁ ଠାରୁ ଯାତ୍ରୀ ନେଇ କୃଷ୍ଣପ୍ରସାଦ ଆସୁଥିବା ବେଳେ ମଝି ଚିଲିକାରେ ଅଟକି ଥିଲା। ତେବେ ୫୦ରୁ ଅଧିକ ଯାତ୍ରୀ ନେଇ ଆସୁଥିବା ଲଞ୍ଚଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପ୍ରାୟ ଏକ ଘଣ୍ଟା ଅଟକି ଥିବା ବେଳେ ଅତ୍ୟଧିକ ପବନରେ ଦୋହଲି ଥିଲା। ଯାତ୍ରୀମାନେ ସୁରକ୍ଷିତ ମନେ ନ କରି ହୋ ହଲ୍ଲା କରିଥିଲେ। ଚିଲିକାରେ ଥିବା ଡ଼ଙ୍ଗା ନାବିକମାନେ ୨ ଟି ଡ଼ଙ୍ଗା ନେଇ ସାହସର ସହିତ ଲଞ୍ଚକୁ ଟାଣି ଆଣିଥିଲେ। ମଝି ଚିଲିକାରୁ ଯାତ୍ରୀମାନେ ଏକ ଘଣ୍ଟା ପରେ ଉଦ୍ଧାର ହୋଇଥିବା ଜଣାପଡ଼ିଛି।

# ଗଭୀର ସମୁଦ୍ର ମାଛଧରା ମିଶନ ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦଳାଇବ: ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୯/୭(ନିପ୍ର):** 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ' ଦ୍ୱାରା ବ୍ଲୁ-ଇକୋନୋମି ମାଧ୍ୟମରେ ରାଜ୍ୟର ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେବ ଏବଂ ହଜାର ହଜାର ମତ୍ସ୍ୟଜୀବୀ ପରିବାର ପାଇଁ ଆଗାମୀ ଦିନରେ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବ । ଆଜିର ପଦକ୍ଷେପ ମତ୍ସ୍ୟଜୀବୀ ଭାଇ ଭଉଣୀମାନଙ୍କ ଭାଗ୍ୟ ବଦାଇବା ସହ ଏହି ନୂତନ ବ୍ୟବସ୍ଥା ଦ୍ୱାରା ଆମ ରାଜ୍ୟର ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକ ସିଧାସଳଖ ଉପକୃତ ହେବେ ବୋଲି ଗୁରୁବାର ଭୁବନେଶ୍ୱର ଠାରେ ଏ ସମ୍ପର୍କିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର' (ଏଲଓଏ) ଆବଣ୍ଟନ ଏବଂ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା



କରି କହିଛନ୍ତି ଯେ, ୨୦୧୪ ପରେ ଦେଶରେ ମତ୍ସ୍ୟପାଳନ ଏବଂ ଏହାର ଅନ୍ତଃର୍ଜାତୀୟ ବଜାର ବ୍ୟବସ୍ଥାରେ ଏକ ବ୍ୟାପକ ସୁଧାର ଆସିଛି। ବିଶ୍ୱର ବିଷମ ପରିସ୍ଥିତି ଏବଂ ବହୁ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ମାତ୍ର ୧ ବର୍ଷ ଭିତରେ ୧୧,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ମାଛ ରପ୍ତାନି ବୃଦ୍ଧି କରିବା ସହ ୨୧% ରପ୍ତାନୀ ଅଭିବୃଦ୍ଧି ହାସଲ କରିଛି । ଏହା ଦେଶର ଅର୍ଥନୀତିକୁ ମଜଭୁତ କରିବା ସହ 'ବିକଶିତ ଭାରତ'ର ସଂକଳ୍ପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଓଡ଼ିଶାର ସମ୍ଭାବନା ଏବଂ ପ୍ରତିବେଶୀ ଆନ୍ଧ୍ରପ୍ରଦେଶ ସହ ଏହାର ତୁଳନାତ୍ମକ ଚିତ୍ର ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ତୁଳନାରେ ଓଡ଼ିଶାର ସମୁଦ୍ର ଉପକୂଳ (୫୭୫ କିମି) ପ୍ରାୟ ଅଧା ଏବଂ ନଦୀ-କେନାଲର ଜଳାଶୟ କ୍ଷେତ୍ରରେ ସମାନତା ଥିଲେ ମଧ୍ୟ ଓଡ଼ିଶାର ୧୨ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ସାମ୍ନାରେ ଆନ୍ଧ୍ରପ୍ରଦେଶ ପ୍ରାୟ ୪୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ କରୁଛି । ଏହି ବ୍ୟବଧାନ ଆମ ପାଇଁ ଯେତିକି ବଡ଼ ଆହ୍ୱାନ, ସେତିକି ବଡ଼ ସମ୍ଭାବନା ମଧ୍ୟ ସୃଷ୍ଟି କରୁଛି । ତେଣୁ ଆମକୁ କୋପରେଟିଭ ସେକ୍ଟର (ସମବାୟ କ୍ଷେତ୍ର)କୁ ଅଧିକ ମହତ୍ୱ ଦେବାକୁ ହେବ, ଗ୍ରାମୀଣ ରାସ୍ତାଘାଟ ଓ ଭିତ୍ତିଭୂମି ଭଲ କରିବାକୁ ହେବ ଏବଂ ମତ୍ସ୍ୟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ପାଇଁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହେବ। ରାଜ୍ୟର ପ୍ରାୟ ୧ କୋଟି ପରିବାରଙ୍କ କଲ୍ୟାଣ ତଥା ମତ୍ସ୍ୟପାଳନ କ୍ଷେତ୍ରକୁ ଏକ ନୂଆ ରୂପ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବଦ୍ଧପରିକର ।

## ଗଜପତିଙ୍କ ଅନୁରୋଧକୁ ଇସ୍କନର ପ୍ରତ୍ୟାଖ୍ୟାନ



ପୁରୀ,୯ ।୭ : ଅ-ତିଥିରେ ରଥଯାତ୍ରା ଆୟୋଜନ ନ କରିବାକୁ ପୁରୀ ଗଜପତିଙ୍କ ଅନୁରୋଧକୁ ଇସ୍କନ ପ୍ରତ୍ୟାଖ୍ୟାନ କରିଛି । ଏହାକୁ ନେଇ ତେଜିଛି ବିରୋଧ। ଚାରିଆଡୁ ଏହାର ତୀବ୍ର ବିରୋଧ କରିଛନ୍ତି ଜଗନ୍ନାଥପ୍ରେମୀ। ବିଦେଶରେ ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ନିଜ ଜିଦ୍‌ରେ ଅଟଳ ରହିଛି ଇସ୍କନ। ଭାରତ ବାହାରେ ମନଇଚ୍ଛା ଓ ଅଦିନିଆ ତିଥିରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଜଟିଳ ମୋଡ଼ ନେଇଛି । ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପକ୍ଷରୁ କରାଯାଇଥିବା ଅନୁରୋଧକୁ ଇସ୍କନ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଏହି ପ୍ରସଙ୍ଗରେ ଆଲୋଚନାର ଦ୍ୱାର ସବୁଦିନ ପାଇଁ ବନ୍ଦ କରିଦେଇଛି । ଗତ ୧୯ ଅକ୍ଟୋବର ୨୦୨୫ରେ ଇସ୍କନର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା 'ଜିବିସି' ନିଷ୍ପତ୍ତି ନେଇଥିଲା ଯେ, ବିଦେଶରେ ବର୍ଷସାରା ଯେକୌଣସି ତାରିଖରେ ରଥଯାତ୍ରା କରାଯାଇପାରିବ। ଶାସ୍ତ୍ରୀୟ ପରମ୍ପରା ବିରୋଧୀ ଏହି ନିଷ୍ପତ୍ତିର ପୁନର୍ବିଚାର ତଥା ସଂଶୋଧନ ପାଇଁ ଗତ ୪ ଜୁଲାଇ ୨୦୨୬ରେ ଗଜପତି ମହାରାଜା ଇସ୍କନ ଜିବିସି ଅଧକ୍ଷ ମଧୁସେବିତ ଦାସଙ୍କୁ ଇ-ମେଲ୍ ଯୋଗେ ବିଶେଷ ଅନୁରୋଧ କରିଥିଲେ। ତେବେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ କରାଯାଇଥିବା ଏହି ଅପିଲ୍‌କୁ ଇସ୍କନ କର୍ତ୍ତୃପକ୍ଷ ଆଦୌ ଗ୍ରହଣ କରିନାହାନ୍ତି । ଗତ ୭ ଜୁଲାଇ ୨୦୨୬ରେ ଇସ୍କନ ଅଧକ୍ଷ ମଧୁସେବିତ ଦାସ ଏକ ଇମେଲ୍ ମାଧ୍ୟମରେ ଗଜପତିଙ୍କ ଅନୁରୋଧକୁ ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ କରିଛନ୍ତି।ସେ ତାଙ୍କ ଜବାବରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, "ଏହି ବିଷୟରେ ଆମର ଆଉ କିଛି ଅଧିକ କହିବାର ନାହିଁ, ଏବଂ ସେଥିପାଇଁ ଆମେ ସମ୍ମାନର ସହ ଏହି ଆଲୋଚନାରୁ ସର୍ବଦା ପାଇଁ ଓହରି ଯାଉଛୁ।' ଇସ୍କନର ଏହି କଠୋର ଆଭିମୁଖ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ, ସେମାନେ ପୁରୀ ଶ୍ରୀମନ୍ଦିରର ଶତାବ୍ଦୀ ଶତାବ୍ଦୀର ପରମ୍ପରା କିମ୍ବା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ସମ୍ମାନ ଦେବାକୁ ପ୍ରସ୍ତୁତ ନାହାନ୍ତି। ଆଲୋଚନାର ପନ୍ଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେବା ନିଶ୍ଚିତ ଭାବେ ସନାତନ ସଂସ୍କୃତିର ଅନୁଗାମୀ ଏବଂ ଇସ୍କନ ମଧ୍ୟରେ ଥିବା ଦୂରତ୍ୱକୁ ଆହୁରି ବଢ଼ାଇଦେବ ବୋଲି ଶ୍ରୀଜଗନ୍ନାଥପ୍ରେମୀ ମହଲରେ କୁହାଯାଇଛି।

## ପ୍ରଶାସନ ଓ ସ୍ୱେଚ୍ଛାସେବୀମାନଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରାରେ ସହାୟକ ହେବ: ଜିଲ୍ଲାପାଳ



ପୁରୀ,୯/୭(ନିପ୍ର): ସେବାର କୌଣସି ବିକଳ୍ପ ନାହିଁ। ଏହା ସମର୍ପଣ ଓ ଅନୁଭବର କଥା। ପ୍ରଶାସନ ଓ ସ୍ୱେଚ୍ଛାସେବୀ ମାନଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରାରେ ସହାୟକ ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ପୂର୍ବାହ୍ନରେ ଟାଉନ ହଲ ଠାରେ ଚଳିତ ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କ ଦାୟିତ୍ୱ, ଭୂମିକା, କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସ୍ୱେଚ୍ଛାସେବୀ ମାନେ ରଥଯାତ୍ରା ସମୟରେ ବିଭିନ୍ନ ସେବାରେ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇ ଶ୍ରଦ୍ଧାଳୁମାନଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଶାସନ ସହ ସେମାନଙ୍କ ସମନ୍ୱୟ ଏହାକୁ ଅଧିକ କ୍ରୀୟାଶୀଳ କରିବ। ତେବେ ସେବା ସମୟରେ ସମର୍ପଣର ସହ ସେବା କରିବା, ସ୍ୱଛତା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉପଯୁକ୍ତ ପଦକ୍ଷେପ ନେବା, ଖାଦ୍ୟ ପ୍ରଦାନ ପରେ ପ୍ଲେଟ ବା ପତ୍ର, ଗ୍ଲାସ, ଖାଲି ପାଣି ବୋତଲ ଓ ଅନ୍ୟାନ୍ୟ ଅଳିଆ ଯାଡେ ସ୍ୟାଡେ ନ ପକାଇ ବଡବଡ କଳା ଜରିରେ ଭରି ମହାନଗର ନିଗମ ଅଳିଆ ବୁହା ଗାଡ଼ିରେ ଦେବା କିମ୍ବା ଉପଯୁକ୍ତ ସ୍ଥାନରେ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯେଉଁ ସେବା କାର୍ଯ୍ୟ କରିବାକୁ ଦାୟିତ୍ୱ ନେଇଛନ୍ତି ତାହାକୁ ଅତ୍ୟନ୍ତ ନିଷ୍ଠାର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

## ଗଞ୍ଜେଇ ଜବତ: ଜଣେ ଗିରଫ

**ନିରାକାରପୁର,୯/୭(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଷ୍ଟେସନ ପରିସରରୁ ବେଆଇନ ଗଞ୍ଜେଇ ଜବତ ହେବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉଜାଲା ଗୋପୀନାଥପୁର ଗ୍ରାମର ବିଶ୍ୱନାଥ ରାଉତରାୟ। ମିଳିଥିବା ସୂଚନା ମୁତାବକ, ନିରାକାରପୁର ରେଳ ଷ୍ଟେସନରେ ବେଆଇନ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାକୁ ଆଧାର କରି ରେଳବାଇ ପୋଲିସ ଓ ସୁରକ୍ଷା ବଳ ପକ୍ଷରୁ ଚଢ଼ାଉ କରାଯାଇ ଉକ୍ତ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ତାଙ୍କ ନିକଟରୁ ୨ କିଲୋ ୭୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି। ରେଳବାଇ ପୋଲିସ ପକ୍ଷରୁ ମାମଲା ନମ୍ବର ୬୯/୨୬ ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ, ଅଭିଯୁକ୍ତ ବିଶ୍ୱନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ପରିଚୟ କର୍ମଶାଳା

ଭୁବନେଶ୍ୱର, ୯/୭(ନିପ୍ର): ଓଡ଼ିଶାର ବିଭିନ୍ନ ସ୍ଥାନ, ଜଣାଶୁଣା ବ୍ୟକ୍ତିତ୍ୱ, ବିଭିନ୍ନ କାର୍ଯ୍ୟକ୍ରମ, ଘଟଣା ଓ ପାରମ୍ପରିକ ଖାଦ୍ୟ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଡିଜିଟାଲ ମାଧ୍ୟମରେ ବିଶ୍ୱସ୍ତରରେ ପହଞ୍ଚାଇବାର ଗୁରୁତ୍ୱ ରହିଛି ବୋଲି ଖ୍ୟାତନାମା ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ଆୟୋଜିତ ଦୁଇଦିନିଆ କର୍ମଶାଳା 'ପରିଚୟ' ଉଦ୍‌ଘାଟନ କରି ଡ. ପଟ୍ଟନାୟକ ଭାଷାକୁ ଜୀବନ୍ତ ଓ ପ୍ରାସଙ୍ଗିକ ରଖିବାର ଯଥାର୍ଥ ପ୍ରୟାସ କରୁଥିବାରୁ ଓଡ଼ିଆ ଭର୍ଚୁଆଲ ଏକାଡେମୀକୁ ପ୍ରଶଂସା କରିଥିଲେ । ସି.ୱାଇ.ଏସ୍.ଡି. ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିମାନେ ଅଂଶଗ୍ରହଣ କରି ରାଜ୍ୟର ପ୍ରସିଦ୍ଧ ସ୍ଥାନ, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଦିବଂଗତ ଓ ଜୀବିତ ବ୍ୟକ୍ତିତ୍ୱ, କାର୍ଯ୍ୟକ୍ରମ ଓ ଘଟଣା, ଉତ୍ସବାନୁଷ୍ଠାନ ଓ ପାରମ୍ପରିକ ଖାଦ୍ୟ ଉପରେ ଆଲୋଚନା କରିଥିଲେ । ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ ଉଦ୍ଘାଟନ କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଲେ ଯେ ଓଡ଼ିଆ ଭାଷାର ଉନ୍ନତି ସହିତ ଆମ ଅର୍ଥନୀତିର ବିକାଶ ଜଡ଼ିତ।

### 'ନାଇଜର'ର ୧୫ତମ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି

## ଦେଶର ଭବିଷ୍ୟତ ଯୁବ ବୈଜ୍ଞାନିକଙ୍କ ଉପରେ ନିର୍ଭର



ଭୁବନେଶ୍ୱର, ୯/୭(ପିଆଇବି): ଦେଶର ଭବିଷ୍ୟତ ବର୍ତ୍ତମାନ ଯୁବ ବୈଜ୍ଞାନିକମାନଙ୍କ ଉପରେ ନିର୍ଭର କରୁଛି ଏବଂ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ ବୋଲି ଗୁରୁବାର ଭୁବନେଶ୍ୱର ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ୧୫ତମ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କ ଉପସ୍ଥିତିରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଦେଶର ବିକାଶରେ ସେମାନଙ୍କ ଭୂମିକା ଉପରେ ଆଲୋକପାତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି, ନାଇଜର ହେଉଛି ଦେଶର ଏପରି ଏକ ବିରଳ ପ୍ରତିଷ୍ଠାନ ଯେଉଁଠାକୁ ମାତ୍ର କିଛି ବର୍ଷର ବ୍ୟବଧାନରେ ଦେଶର ତିନି ପ୍ରମୁଖ ଶୀର୍ଷ ବ୍ୟକ୍ତିତ୍ୱ ଆଗମନ କରିଛନ୍ତି। ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କ୍ୟାମ୍ପସର ଉଦଘାଟନ କରିଥିବା ବେଳେ, ପୂର୍ବରୁ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଆଜି ମାନ୍ୟବର ଉପରାଷ୍ଟ୍ରପତି ଏହି ପ୍ରତିଷ୍ଠାନକୁ ଆସି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ନାଇଜରର ଏକାଡେମିକ୍ କାଉନସିଲକୁ ଧନ୍ୟବାଦ ଜଣାଇଛନ୍ତି।

## ଟ୍ରେକିଂ ପାଇଁ ଯାଇ ମାଲ୍ୟଗିରି ପାହାଡ଼ରେ ଫସିଥିଲେ ୩ ଯୁବକ

ପାଲଲହଡା,୯।୭: ଅନୁଗୋଳ ଜିଲା ପାଲଲହଡା ମାଲ୍ୟଗିରି ପାହାଡକୁ ଟ୍ରେକିଂ କରିବାକୁ ଯାଇ ଫସି ରହିଥିବା ୩ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କଲା ଅଗ୍ନିଶମ ବାହିନୀ । ସୂଚନା ଅନୁଯାଇ, ବୁଧବାର କେନ୍ଦୁଝର, ବଡ଼ବିଲ ଓ ଚମ୍ପୁଆ ଅଞ୍ଚଳର ୧୩ ଜଣ ଯୁବକ ଏକା ସାଙ୍ଗେ ମାଲ୍ୟଗିରି ପାହାଡକୁ ଚଢ଼ିଥିଲେ । କିଛି ବାଟ ଯିବାପରେ ୬ ଜଣ ତଳକୁ ଫେରି ଆସିଥିଲେ। ଅନ୍ୟ ୭ ଜଣ ଯୁବକ ଉପରକୁ ଯାଇଥିଲେ । ତେବେ ସେମାନଙ୍କ ମଧ୍ୟରୁ୪ ଜଣ ଯୁବକ ବୁଧବାର ସନ୍ଧ୍ୟାରେ ତଳକୁ ଓହ୍ଲାଇ ଆସିଯାଇଥିବା ବେଳେ ଅନ୍ୟ ୩ଜଣ ଯୁବକ ରାସ୍ତା ଭୁଲି ପାହାଡ଼ ଭିତରେ ଫସି ରହିଥିଲେ । ତଳକୁ ଓହ୍ଲାଇ ଥିବା ସାଙ୍ଗମାନଙ୍କୁ ଫୋନ କରି ଫସି ରହିଥିବା ସୂଚନା ଦେଇଥିଲେ । ଗୁରୁବାର ସକାଳୁ ୧୧୨କୁ ସୂଚନା ଦେବା ପରେ ଉକ୍ତ ୩ ଯୁବକଙ୍କୁ ଉଦ୍ଧାର ପାଇଁ ପାଲଲହଡା ଅଗ୍ନିଶମ ବାହିନୀ ପାହାଡ ଉପରକୁ ଯାଇଥିଲା । ପାଖାପାଖି ୭ କିଲୋମିଟର ପାହାଡ ଉପରେ ଏକ ଚଟାଣ ମଝିରେ ୨୫ ଫୁଟ ଖାଇରେ ଯୁବକମାନେ ଫସି ରହିଥିଲେ । ତାଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ତଳକୁ ଅଣାଯାଇଛି । ଘଟଣା ସ୍ଥଳରେ ପାଲଲହଡା ଥାନା ଅଧିକାରୀ ଉପସ୍ଥିତ ଥିଲେ । ଏହି ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ୧୪କୋଇଲା ଖଣିକୁ ମିଳିଲା 'ଷ୍ଟାର୍ ରେଟିଂ' ସମ୍ମାନ



**ସମ୍ବଲପୁର, ୯/୭(ନିପ୍ର):** କେନ୍ଦ୍ର କୋଇଲା ମନ୍ତ୍ରଣାଳୟର 'ଷ୍ଟାର୍ ରେଟିଂ ଆୱାର୍ଡ୍ସ'ରେ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ଏକ ବଡ଼ ସଫଳତା ହାସଲ କରିଛି। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ କମ୍ପାନୀର ମୋଟ ୧୪ଟି କୋଇଲା ଖଣିକୁ ସମ୍ମାନଜନକ 'ଷ୍ଟାର୍ ରେଟିଂ' ପ୍ରଦାନ କରାଯାଇଛି। ଏଥିମଧ୍ୟରେ ୦୨ଟି ଭୂତଳ ଖଣି ଏବଂ ୧୨ ଟି ଓପନକାଷ୍ଟ ଖଣି ପ୍ରକଳ୍ପ ସାମିଲ ଅଛି। ଏହି ସଫଳତା ଏମସିଏଲ୍‌ର କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା, ପରିବେଶ ସନ୍ତୁଳନ ଏବଂ ଦାୟିତ୍ୱବାନ ଖନନ ପ୍ରକ୍ରିୟାକୁ ଦର୍ଶାଉଛି। ଏମସିଏଲ୍‌ର ୫ଟି ଓପନକାଷ୍ଟ ଖଣି - ଲାଜକୁରା ଓସିପି, ସିଆରମାଲ୍ ଓସିପି, ଅନନ୍ତ ଓସିପି, ଲିଙ୍ଗରାଜ ଓସିପି ଏବଂ ସମଲେଶ୍ୱରୀ ଓସିପି ସହିତ ହୀରାଖଣ୍ଡ ବୁନ୍ଦିଆ ଭୂତଳ ଖଣିକୁ ପ୍ରତିଷ୍ଠିତ ୫-ଷ୍ଟାର୍ ରେଟିଂ ମିଳିଛି। ସେହିଭଳି ଅନ୍ୟ ୫ଟି ଓପନକାଷ୍ଟ ଖଣି ପ୍ରକଳ୍ପ - ଗର୍ଜନବାହାଲ ଓସିପି, ଗୋପାଳଜୀ-କଣିହା ସମ୍ପ୍ରସାରଣ ଓସିପି, ଭୁବନେଶ୍ୱରୀ ଓସିପି, ହିଙ୍ଗୁଳା ଓସିପି ଓ ଜଗନ୍ନାଥ କୋଲିୟାରୀ ଏବଂ ନନ୍ଦିରା ଭୂତଳ ଖଣିକୁ ୪-ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି।

## ଡେରାବିଶରେ ପ୍ରତିଷ୍ଠା ହେବ ଅଟୋମେସନ ସେଣ୍ଟର ଓ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର

କେନ୍ଦ୍ରାପଡ଼ା, ୯/୭(ନିପ୍ର): ରାଜ୍ୟ ସରକାରଙ୍କ ଗୁରୁତ୍ୱାକାଙ୍କ୍ଷୀ ଯୋଜନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଆଧୁନିକ ଅଟୋମେସନ ସେଣ୍ଟର ଓ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା ପାଇଁ ଡେରାବିଶ ତହସିଲ ଅଧୀନ ବଳଭଦ୍ରପୁର ମୌଜାରେ ସରକାରୀ ଜମି ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଜିଲ୍ଲାରେ ଯାନବାହନ ଚାଳନା ପ୍ରଶିକ୍ଷଣ ବ୍ୟବସ୍ଥାର ଆଧୁନିକୀକରଣ ସହିତ ନୂତନ ଚାଳକମାନଙ୍କୁ ଉନ୍ନତ ମାନର ପ୍ରଶିକ୍ଷଣ ମିଳିବାର ପଥ ସୁଗମ ହେବ। ଏହି ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଜମିର ଖତିୟାନ ଏବଂ ଆବଶ୍ୟକ ଭୂମି ସମ୍ବନ୍ଧୀୟ ଦଲିଲକୁ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଔପଚାରିକ ଭାବେ ହସ୍ତାନ୍ତର କରିଛନ୍ତି। ଏହା ଫଳରେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପନ୍ନ ହୋଇଛି। ଏହି ଅଟୋମେସନ ସେଣ୍ଟର ସ୍ଥାପନ ହେବା ପରେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ନିରପେକ୍ଷ ଓ ପ୍ରଯୁକ୍ତିନିର୍ଭର ହେବ।

## ନର୍ସିଂ ଛାତ୍ରୀଙ୍କୁ ଦୁଷ୍କର୍ମ; ବିବାହିତ ଯୁବକ ଗିରଫ

**ନିମାପଡ଼ା, ୯।୭ (ନିପ୍ର):** ଏହି ଥାନା ଅନ୍ତର୍ଗତ ରଟିଲୋ ଗ୍ରାମର ଜନୈକ ଯୁବକ ସ୍ମୃତି ରଂଜନ ସ୍ୱାଇଁ ଜନୈକା ନର୍ସିଂ ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଥାନା ସୂତ୍ରରୁ ପ୍ରକାଶ। ନିମାପଡ଼ାର ଏକ ଶିକ୍ଷାନୁଷ୍ଠାନରେ ପଢୁଥିବା ନର୍ସିଂ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ରାସ୍ତାଘାଟରେ ପ୍ରେମ ନିବେଦନ କରିବା ସହିତ ବିବାହ ପ୍ରଲୋଭନ ଦେଇଥିଲା। ବିଭିନ୍ନ ସମୟରେ ଉତ୍ତୋଳନ କରିଥିବା ଭିଡ଼ିଓ ଭାଇରାଲ କରିବା ଧମକ ଚମକ ଦେଇ ଦୁଷ୍କର୍ମ କରି ଚାଲିଥିଲେ । ଯୁବତୀ ଜଣଙ୍କ ଏହାର ପ୍ରତିବାଦ କରିବାରୁ ଭିଡ଼ିଓ ସର୍ବସାଧାରଣରେ ଛାଡ଼ିବ ବୋଲି ଧମକ ଚମକ ଦେବାରୁ ଯୁବତୀ ନିମାପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ । ଯୁବକ ଜଣଙ୍କ ବିବାହିତ ବୋଲି ତଦନ୍ତ ପରେ ଜଣାପଡ଼ିଥିଲା । ନିମାପଡ଼ା ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ଏ ସଂକ୍ରାନ୍ତରେ ଏକ ମୋକଦ୍ଦମା (୨୧୭/୨୬) ରୁଜୁ କରି ଆସାମୀ ଘର ଉପରେ ଚଢ଼ାଉ କରି ଗୁରୁବାର ଦିନ ହାଜତକୁ ପଠାଇଛନ୍ତି ।

### ଅଧ୍ୟାପକଙ୍କ ମନମୁଖି କାର୍ଯ୍ୟ

# ପୂତିଗନ୍ଧମୟ ପରିବେଶ ସାଜିଛି କ୍ୟାମ୍ପସ !





କାକଟପୁର, ୯/୭:(ନିପ୍ର): ଦିନେ ଉଚ୍ଚ ଶିକ୍ଷା କ୍ଷେତ୍ରରେ କାକଟପୁରକୁ ଉନ୍ନତିର ଶିଖରରେ ପହଞ୍ଚାଇଥିବା ମଙ୍ଗଳା ମହାବିଦ୍ୟାଳୟ ଆଜି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ନାମରେ ନାମିତ ଏହି ପୁରାତନ ଅନୁଷ୍ଠାନ ଏବେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅଗଣିତ ସମସ୍ୟା ଘେରରେ ଜର୍ଜରିତ। ରାଜ୍ୟ ସରକାରଙ୍କ ସ୍ଥାଣୁତା ଏବଂ କଲେଜ ପରିଚାଳନା ଦାୟିତ୍ୱରେ ଥିବା ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଚରମ ଦାୟିତ୍ୱହୀନତା ଯୋଗୁଁ କଲେଜଟି ଦିନକୁ ଦିନ ଶ୍ରୀହୀନ ହେବାରେ ଲାଗିଛି ବୋଲି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହଲରେ ପ୍ରତିକ୍ରିୟା ସହ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, କଲେଜର ସ୍ଥାୟୀ ଅଧକ୍ଷ ଅସୁସ୍ଥ ଥିବାରୁ ଏହାର ସୁଯୋଗ ନେଇ କେତେକ ଅଧ୍ୟାପକ ଶିକ୍ଷାଦାନ ପ୍ରତି ସମ୍ପୂର୍ଣ୍ଣ ଅବହେଳା କରୁଛନ୍ତି। ନିୟମିତ କ୍ଲାସ ହେଉ ନଥିବା ବେଳେ ବାୟୋମେଟ୍ରିକରେ ଉପସ୍ଥାନ ପକାଇ ଅଧ୍ୟାପକ ଓ କର୍ମଚାରୀମାନେ ନିଜର ବ୍ୟକ୍ତିଗତ କାମରେ ବାହାରକୁ ଚାଲି ଯାଉଛନ୍ତି। କଲେଜ ଛୁଟି ହେବା ପୂର୍ବରୁ ପୁଣି ଥରେ ଆସି କେବଳ ଫିଙ୍ଗର ପ୍ରିଣ୍ଟ ଦେଇ ଘରକୁ ଫେରୁଛନ୍ତି। ନିୟମ ଅନୁସାରେ ଅଧକ୍ଷଙ୍କ ଅନୁପସ୍ଥିତିରେ ସିନିୟର ଅଧ୍ୟାପକଙ୍କୁ ଦାୟିତ୍ୱ ଦେବା କଥା, ମାତ୍ର ଏଠାରେ ବ୍ଲକ ଗ୍ରାଣ୍ଟ ଅଧ୍ୟାପକମାନଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଉଛି। ଏହି ଅଧ୍ୟାପକମାନେ ନିଜ କଲେଜ ଅପେକ୍ଷା ବାହାରେ ଥିବା ଘରୋଇ କୋଚିଂ ସେଣ୍ଟରଗୁଡ଼ିକରେ ଅଧିକ ସମୟ ଦେଉଥିବା ଅଭିଯୋଗ ହୋଇଛି। ଫଳରେ କଲେଜର ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସରକାର କେତେକ ବ୍ଲକ ଗ୍ରାଣ୍ଟ କର୍ମଚାରୀଙ୍କୁ ନିୟମିତ କରିଥିବାବେଳେ ନିୟମ ଅନୁଯାୟୀ ସେମାନେ ପୂର୍ବରୁ କଲେଜରୁ ନେଇଥିବା ଅନୁଦାନ ରାଶି ଫେରସ୍ତ କରିବା କଥା। ମାତ୍ର କଲେଜ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁଁ ଏହି ଅର୍ଥ ଆଦାୟ ହୋଇପାରୁ ନାହିଁ। ଏହି ଘଟଣାକୁ ନେଇ କଲେଜ ପରିସରରେ କର୍ମଚାରୀଙ୍କ ମଧ୍ୟରେ ହାତାହାତି ହୋଇଥିବା ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଶିକ୍ଷାନୁଷ୍ଠାନର ସମ୍ମାନକୁ ଧୂଳିସାତ କରିଛି। ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ କ୍ଲାସରୁମ୍, ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ବର୍ଷ ବର୍ଷ ଧରି ସଫା କରାଯାଇ ନାହିଁ। କଲେଜର ବଟାନିକାଲ ଗାର୍ଡେନ ସମେତ ସମଗ୍ର ପରିସର ଜଙ୍ଗଲ ଓ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇ ବିଷଧର ସରୀସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହା ସହିତ କଲେଜ ପରିସରରେ କେତେକ କର୍ମଚାରୀ ମାଦକ ଦ୍ରବ୍ୟ ସେବନ କରୁଥିବା ବେଳେ ବାହାରର ମଦୁଆ, ଜୁଆଡି ଓ ରୋଡ୍ ରୋମିଓମାନେ ଏଠାରେ ଆଡ୍ଡା ଜମାଉଛନ୍ତି। ଫଳରେ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ ହୋଇଛି।

## ପିଆଜ ଦର ୨ ଦିନରେ ବଢ଼ିଛି

ଭୁବନେଶ୍ୱର,୯/୭(ନିପ୍ର): ଗତ ୨ ଦିନ ଭିତରେ ପିଆଜ ଦର ୩୦ ରୁ ବଢ଼ି ୪୦ ଓ ୪୫ ଟଙ୍କାରେ ବିକ୍ରି ହେଉଛି । ସାଧାରଣ ଭାବେ ସବୁଦିନ ରୋଷେଇ ଘରେ ଏହାର ଆବଶ୍ୟକତା ରହିଛି ।କୁହାଯାଉଛି ଯେ ବେପାରୀ କିଲୋ ପିଛା ୩୩ଟଙ୍କାରେ କିଣୁଥିବା ବେଳେ ପରିବହନ ବାବଦକୁ ୫ଟଙ୍କା ଓ ବସ୍ତାରେ ଆସୁଥିବା ପିଆଜ ଅଧ ପଚା ପଡୁଥିବା ଯୋଗୁଁ ସେହି ପିଆଜ ବଛା ବାବଦକୁ ୧ଟଙ୍କା ଖର୍ଚ୍ଚ ହେଉଛି । ତେଣୁ ଦୋକାନୀ କିଲୋ ପିଛା ୪୦ଟଙ୍କାରେ ବିକିଲେ ୧ଟଙ୍କା ଲାଭ ପାଉଛି । ନୂଆ ପିଆଜ ଆସିବାକୁ ଆହୁରି ସମୟ ଅଛି । ଏ ସବୁ ପିଆଜ କୋଲ୍ଡ ଷ୍ଟୋରେଜ ପିଆଜ । ତେଣୁ ଦାମ୍ ଅଧିକ ରହିବ, ଆଗକୁ ଆହୁରି ଅଧିକ ହୋଇପାରେ ଯୁଦ୍ଧକୁ ବର୍ଷା ।

## ନାଳରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

ଯାଜପୁର,୯ ।୭: ସୁକିନ୍ଦା ଥାନା ଲେମ୍ଭୋ ପଞ୍ଚାୟତ ଉଦୟପୁର ଢିପାସାହି ଗାଁ ପାଖ କଣ୍ଟାପାଳ ନାଳରେ ଗୁରୁବାର ଭାସିଯାଇ ଜଣେ ସ୍ଥାନୀୟ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ସେହି ଗାଁର ସ୍ୱର୍ଗତ ସନାତନ ମୁଣ୍ଡାଙ୍କ ପତ୍ନୀ ସୁଶୀଳା ମୁଣ୍ଡା(୫୪)। ସକାଳ ୯ ଟା ସମୟରେ ସ୍ନାନଶୌଚ ସମୟରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ରୋଗଗ୍ରସ୍ତ ହୋଇ ଦୁର୍ବଳ ଥିବାରୁ ସୁଶୀଳା ପାଣି ଭିତରୁ ଉଠି ପାରିନଥିଲେ। ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ହେଁ ତାଙ୍କ ସନ୍ଧାନ ମିଳିନଥିଲା।


**AFFIDAVIT**

By virtue of an affidavit before Notary, Berhampur, dated: 08/07/2026, I Siba Ranjan Pradhan, S/o: Krushna Pradhan, resident of Deogam, Budhambo, PS: Kabisuryanagar, Ganjam declare that the correct name of my father is Krushna Pradhan wrongly mentioned as Krushna Chandra Pradhan in my HSC Certificate. That both the names are used interchangeably for the same Individual.

Sd/-Siba Ranjan Pradhan

**ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର**

13001/1133/2627

କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର: ୭୬୦୮୮୦୪୮୦/୧୮୦୦୩୪୫୬୭୯୬

**ସର୍ବସାଧାରଣ ସୂଚନା**

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ମର୍ଦ୍ଦରାଜପୁର ନୂତନ ଭେଣ୍ଡିଂ ଜୋନ ନିର୍ମାଣ ପୂର୍ବରୁ ଯେଉଁ ବ୍ୟବସାୟୀମାନେ ଦଶହଜାର ଟଙ୍କା ଲେଖାଏଁ ବିକାଶ ଦେୟ ପୈଠ କରି ପୁରୁଣା ଭେଣ୍ଡିଂ ଜୋନରେ ପିଣ୍ଡି ବ୍ୟବହାର କରୁଥିଲେ ସେମାନେ ନିଜର ପରିଚୟ ପତ୍ର ଏବଂ ପୂର୍ବ ଦେୟର ରସିଦ ସହ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟର ସିଙ୍ଗଲ ୱିଣ୍ଡୋଠାରେ ତା ୧୩.୦୭.୨୦୨୬ ରିଖ ସୋମବାର ସନ୍ଧ୍ୟା ପାଞ୍ଚଟା ମଧ୍ୟରେ ଯୋଗାଯୋଗ କରନ୍ତୁ। ପୁରୁଣା ବ୍ୟବସାୟୀମାନେ ଲଟେରୀ ମାଧ୍ୟମରେ ପିଣ୍ଡି ପାଇବା ପାଇଁ ପୂର୍ବରୁ ପତ୍ର ସଂଖ୍ୟା- ୧୧୪୨୫ ତା, ୦୧.୦୭.୨୦୨୬ ରିଖ ଜରିଆରେ ସର୍ବସାଧାରଣ ସୂଚନା ପ୍ରକାଶ ଏବଂ କ୍ରମାଗତ ଡାକବାଜି ଯନ୍ତ୍ର ଦ୍ୱାରା ମହାନଗର ନିଗମ ପକ୍ଷରୁ ପ୍ରଚାର ପ୍ରସାର କରାଯାଇସାରିଛି। ବୃହତ୍ତର ଜନସ୍ୱାର୍ଥ ତଥା ମର୍ଦ୍ଦରାଜପୁର ଭେଣ୍ଡିଂ ଜୋନକୁ କାର୍ଯ୍ୟକ୍ଷମ କରାଇବାର ଆଶୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁରୁଣା ବ୍ୟବସାୟୀଙ୍କୁ ଏହି ଶେଷ ସୁଯୋଗ ଦିଆଯାଇଛି। ତା.୧୩.୦୭.୨୦୨୬ ରିଖ ସୋମବାର ସନ୍ଧ୍ୟା ଘ.୫.୦୦ ଟିକା ପରେ କୌଣସି ପୁରୁଣା ବ୍ୟବସାୟୀଙ୍କ ଦାବିକୁ ଗ୍ରହଣ କରାଯିବ ନାହିଁ।

OIPR 13001/13035/1/26-27/0009

*ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମ*



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ